


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-39 ♦SUNDAY ♦2 AUGUST 2026 ♦PAGE-12+4 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୩୯ ♦ରବିବାର ♦୨ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


## ହିମସ୍ଖଳନରେ ଚାଲିଗଲା ୧୦ ପର୍ବତାରୋହୀଙ୍କ ଜୀବନ

### କିମ୍ବଦନ୍ତୀ ନିର୍ମଳ ପୁର୍ଜାଙ୍କ ଦେହାନ୍ତ

■ ଇସ୍ଲାମାବାଦ, ୧।୮ (ଏଜେନ୍ସି): ବିଶ୍ୱ ପର୍ବତାରୋହଣ ଜଗତକୁ ଶୋକାକୁଳ କରି ପାକିସ୍ତାନର ବ୍ରଡ୍ ପିକ୍ ପର୍ବତରେ ଘଟିଥିବା ଭୟଙ୍କର ହିମସ୍ଖଳନରେ ନେପାଳ ଜନ୍ମିତ କିମ୍ବଦନ୍ତୀ ପର୍ବତାରୋହୀ ନିର୍ମଳ 'ନିମ୍ସ' ପୁର୍ଜାଙ୍କ ସମେତ ୧୦ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଛି। ୪୩ ବର୍ଷୀୟ ନିର୍ମଳ ପୁର୍ଜା ଓ ତାଙ୍କ ଦଳ ବ୍ରଡ୍ ପିକ୍‌ର ଶିଖର ଆରୋହଣ କରୁଥିବା ବେଳେ ଗୁରୁବାର ଦିନ ପ୍ରବଳ ହିମସ୍ଖଳନରେ ଫସିଯାଇଥିଲେ। ସେହିଦିନଠାରୁ ସେମାନେ ନିଖୋଜ ଥିଲେ। ଶନିବାର ପୁର୍ଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଅଭିଯାନ ସଂସ୍ଥା ପକ୍ଷରୁ ତାଙ୍କ ମୃତ୍ୟୁର ସରକାରୀ ସୂଚନା ଦିଆଯାଇଛି। ସମସ୍ତ ପର୍ବାତରୋହୀଙ୍କ ମୃତଦେହ ମିଳିଥିବାର ସୂଚନା ଦିଆଯାଇଛି। ▶ପୃଷ୍ଠା-୭



## କେରଳରେ ନିଆରା ବନ୍ଧନ
## ବର-କନ୍ୟା-ପୁରୋହିତ, ସମସ୍ତେ ଯାଆଁଳା

■ କୋଟ୍ଟାୟମ୍, ୧।୮ (ଏଜେନ୍ସି): କେରଳର ଚଙ୍ଗନାସେରୀ ମେଟ୍ରୋପୋଲିଟାନ୍ ଚର୍ଚ୍ଚରେ ଗୁରୁବାର ଏକ ଅତ୍ୟନ୍ତ ଅନନ୍ୟ ଏବଂ ରୋଚକ ବିବାହ ସମ୍ପନ୍ନ ହୋଇଯାଇଛି, ଯେଉଁଥିରେ ପ୍ରାୟ ସମସ୍ତ ମୁଖ୍ୟ ଭୂମିକାରେ ଜାଆଁଳା (ଟ୍ୱିନ୍ସ) ବ୍ୟକ୍ତିବିଶେଷ ନଜର ଆସିଛନ୍ତି। ଜାଆଁଳା ଭାଇ ଅଖିଲ ଓ ନିଖିଲ ଯଥାକ୍ରମେ ଜାଆଁଳା ଭଉଣୀ ମ୍ୟାଗି ଓ ମାରିଆଙ୍କୁ ବିବାହ କରିଛନ୍ତି। ଏହି ସ୍ୱତନ୍ତ୍ର ବିବାହ ଉତ୍ସବକୁ ଜାଆଁଳା ପୁରୋହିତ ଫାଦର ଆଣ୍ଟୋ ପେଜ୍ଜୁମକାଟ୍ଟିଲ୍ ଏବଂ ଫାଦର ଆଜୋ ପେଜ୍ଜୁମକାଟ୍ଟିଲ୍ ପରିଚାଳନା କରିଥିଲେ। ଏପରିକି ଚର୍ଚ୍ଚର ପୂଜାକାର୍ଯ୍ୟରେ ସହାୟତା କରୁଥିବା ଦୁଇ ବାଳକ ଜେରନ୍ ଏବଂ ଜୋହନ୍ ମଧ୍ୟ ଜାଆଁଳା ଭାଇ ଥିଲେ। ଛୋଟବେଳୁ ଜାଆଁଳା ପୁରୋହିତଙ୍କ ଦ୍ୱାରା ଏବଂ ଜାଆଁଳା ସାଥୀଙ୍କ ସହ ବିବାହ କରିବାର ଏକ ସ୍ୱପ୍ନ ରହିଥିଲା ବୋଲି କନ୍ୟା ମ୍ୟାଗି ଓ ମାରିଆ ପ୍ରକାଶ କରିଛନ୍ତି। ବିବାହ କରିଥିବା ଦୁଇ ଭାଇ ମର୍ଚାଣ୍ଟ ନେଭିରେ କାର୍ଯ୍ୟରତ ଥିବା ବେଳେ ଦୁଇ ଭଉଣୀ ଆଇଟି/ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି।



# କମୁଛି ପାଣି; ବଢୁଛି ଦୁର୍ଦ୍ଦଶା

### ଏବେବି ପ୍ରଶାସନ ଭରସାରେ ତଳିଆ ଅଞ୍ଚଳର ବନ୍ୟାବିପନ୍ନ
### ପ୍ରଭାବିତ ଅଞ୍ଚଳରେ ୯୩% ବିଦ୍ୟୁତ୍ ସେବା ସ୍ୱାଭାବିକ

■ ଭୁବନେଶ୍ୱର, ୧।୮ (ସମିସ): ଉତ୍ତର ଓଡ଼ିଶାରେ ଦେଖାଦେଇଥିବା ବନ୍ୟାସ୍ଥିତିରେ ବ୍ୟାପକ ସୁଧାର ଆସିଥିବା ବେଳେ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ପ୍ରଭାବିତ ଅଞ୍ଚଳରୁ ପାଣି ଅନେକାଂଶରେ କମିବାରେ ଲାଗିଥିଲେ ହେଁ ଲୋକଙ୍କ ଦୁର୍ଦ୍ଦଶା କିନ୍ତୁ ହ୍ରାସ ପାଇନାହିଁ। ବନ୍ୟା ପାଣି ଛାଡୁଥିଲେ ହେଁ ଯାଜପୁର ଓ ଭଦ୍ରକ ଜିଲ୍ଲାର ଅନେକ ତଳିଆ ଅଞ୍ଚଳରେ ଲୋକେ ଏବେବି ଖାଦ୍ୟ ଓ ପାନୀୟ ପାଇଁ ପ୍ରଶାସନ ଉପରେ ନିର୍ଭରଶୀଳ ଅଛନ୍ତି। ସେମାନଙ୍କଠାରେ ଆବଶ୍ୟକୀୟ ସହାୟତା ନିରନ୍ତର ଭାବେ ଜାରି ରଖିବାକୁ ସାଧାରଣରେ ଦାବି ହେଉଛି।

ବନ୍ୟାରେ ଯାଜପୁର ଜିଲ୍ଲାରେ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା କାରଣରୁ ୭ରୁ ଅଧିକ ଘାଇ ସୃଷ୍ଟି ହୋଇଥିବା ବେଳେ ଏହାଦ୍ୱାରା ବାପକ କ୍ଷୟକ୍ଷତି ହୋଇଛି। ଅନେକ ତଳିଆ ପଞ୍ଚାୟତରେ ଏବେବି ପାଁ ଛାଡ଼ିନଥିବା ବେଳେ ଲୋକେ ଆଶ୍ରୟସ୍ଥଳେ ଆଶ୍ରୟ ନେଇଛନ୍ତି। ସେହିପରି ଭାବେ ଭଦ୍ରକ ଜିଲ୍ଲାରେ ବାସୁଦେବପୁର, ଚାନ୍ଦବାଲି, ଧାମନଗର ଓ ତିହିଡ଼ି ବ୍ଲକ ବନ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ ଗତ ୩ ଦିନ ତୁଳନାରେ ବନ୍ୟା ପାଣି ଅନେକ ମାତ୍ରାରେ ହ୍ରାସ ପାଇଛି। ତେବେ କେତେକ ଅଞ୍ଚଳରେ ଲୋକଙ୍କ ନିକଟରେ ଆବଶ୍ୟକୀୟ ସହାୟତା ପହଞ୍ଚିପାରିନଥିବା ବେଳେ ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ଦେବୀ, କୁଶଭଦ୍ରା, ଇବ୍, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଜଳକା ଆଦି ନଦୀର ଜଳପତ୍ତନ ସ୍ତର କ୍ରମଶଃ ହ୍ରାସ ପାଇବା ସହ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ଏପଟେ ମହାନଦୀରେ ମଧ୍ୟ ▶ପୃଷ୍ଠା-୭



## ହୀରାକୁଦର ୨୨ ଗେଟ୍ ଖୋଲା

### ଜଳସ୍ତର ୬୨୫ ଫୁଟ୍

■ ସମ୍ବଲପୁର, ୧।୮ (ସମିସ): ଦୁଇଦିନ ହେବ ହୀରାକୁଦ ଜଳସ୍ତର ୬୨୫ ଫୁଟ୍ ଉପରେ ରହିଛି। ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଉପରମୁଣ୍ଡରେ ବର୍ଷା କମିଥିଲେ ହେଁ, ହୀରାକୁଦ ଜଳଭଣ୍ଡାରକୁ ପ୍ରାୟ ୩ ଲକ୍ଷ କ୍ୟୁସେକ୍ ଜଳ ଏବେ ବି ପ୍ରବେଶ କରୁଥିବାବେଳେ ଜଳସ୍ତର ହ୍ରାସ ପାଉନାହିଁ। ବର୍ତ୍ତମାନ ୨୨ଟି ଗେଟ୍ ଦେଇ ହୀରାକୁଦରୁ ବନ୍ୟାଜଳ ନିଷ୍କାସିତ ହେଉଛି। ପ୍ରବେଶ ଜଳ ଅପେକ୍ଷା ପ୍ରାୟ ୧ ଲକ୍ଷ କ୍ୟୁସେକ୍ ଅଧିକ ଜଳ ନିଷ୍କାସନ କରାଯାଉଥିବା ସୂଚନା ମିଳିଛି। ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫.୨୧ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୫ଟି ଏବଂ ଓ ଡାହାଣ ପାର୍ଶ୍ୱର ୭ଟି ଏହିଭଳି ମୋଟ ୨୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୮୪,୭୭୩ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୮୬,୪୨୧ କ୍ୟୁସେକ୍ ଜଳ ▶ପୃଷ୍ଠା-୭


## ଆସନ୍ତା ୬ ଆଡ଼କୁ ଆଉ ଏକ ଲଘୁଚାପ!

### ଆଜି ୬ ଜିଲ୍ଲାରେ ପ୍ରବଳ ବର୍ଷା

■ ଭୁବନେଶ୍ୱର, ୧।୮ (ସମିସ): ବନ୍ୟା ଦାଉରୁ ସାଧାରଣ ଲୋକେ ଏଯାବତ ମୁକୁଳିପାରି ନଥିବା ବେଳେ ଆଉ ଏକ ସମ୍ଭାବ୍ୟ ଲଘୁଚାପ ସାଧାରଣରେ ଛନକା ଭରିଛି। ବଙ୍ଗୋପସାଗରରେ ଆସନ୍ତା ୬ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ଆଶଙ୍କା କରାଯାଉଛି। ରାଜ୍ୟରେ ବର୍ତ୍ତମାନ ମୌସୁମୀ ସକ୍ରିୟ ଥିବାବେଳେ ଏହାର ପ୍ରଭାବରେ ଭଲ ବର୍ଷା ଲାଗି ରହିଛି। ଏପରିସ୍ଥଳେ ସମ୍ଭାବ୍ୟ ଲଘୁଚାପର ପ୍ରଭାବକୁ ନେଇ ଏବେ ସାଧାରଣରେ ସଂଶୟ ପ୍ରକାଶ ପାଇଲାଣି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା ଓ କୋରାପୁଟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏତ୍ ବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ୩ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

## ଆକାଶମାର୍ଗରୁ ବନ୍ୟା ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ





### ୮ ଲକ୍ଷ ପ୍ରଭାବିତ, ଆସନ୍ତା ଦୁଇ ଦିନ ମଧ୍ୟରେ ସ୍ଥିତି ସୁଧୁରିବାର ସମ୍ଭାବନା
### ପାଣି ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ରିପୋର୍ଟ ଦେବାକୁ ନିର୍ଦ୍ଦେଶ
### ରିପୋର୍ଟ ଭିତ୍ତିରେ ତୁରନ୍ତ ସହାୟତା ପ୍ୟାକେଜ ପ୍ରଦାନ କରାଯିବ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଆକାଶମାର୍ଗରୁ ରାଜ୍ୟର ୫ଟି ଜିଲ୍ଲାର ୧୨ଟିରୁ ଅଧିକ ବ୍ଲକରେ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଉପସ୍ଥିତ ଥିଲେ। ପରିଦର୍ଶନ ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉପରୋକ୍ତ ଅଞ୍ଚଳର ଅନେକ ଗାଁ ପାଣି ଘେରରେ ଅଛି। ଚଳିତ ବନ୍ୟାରେ ରାଜ୍ୟର ୧୦ ଜିଲ୍ଲାର ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୨.୬୯ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପରିସ୍ଥିତି ଧୀରେଧୀରେ ସୁଧୁରୁଛି। ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡି ଯିବାର ସମ୍ଭାବନା ଅଛି। ଏଥିସହିତ ବନ୍ୟା ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଂଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡସାହି, ଉଦଳା ଓ ▶ପୃଷ୍ଠା-୭

## ରାଜ୍ୟ କ୍ୟାବିନେଟ୍‌ରେ ୧୧ ପ୍ରସ୍ତାବକୁ ଅନୁମୋଦନ
## ୨୦୨୯ ସୁଦ୍ଧା ସବୁ ଯୋଗ୍ୟ ସହରୀଙ୍କୁ ପକ୍କାଘର

### ପ୍ରଧାନମନ୍ତ୍ରୀ ଆବାସ-(ସହରାଞ୍ଚଳ) ବନ୍ଧୁ ଯୋଜନା ହେବ ଆରମ୍ଭ, ୧୬୧୫ କୋଟି ବ୍ୟୟବରାଦ
### ଜନଜାତି ଜୀବିକା ମିଶନ ୨.୦କୁ ଅନୁମୋଦନ, ପ୍ରତ୍ୟେକ ଆଦିବାସୀ ପରିବାରକୁ ମିଳିବ ୩୦ ହଜାର ଟଙ୍କା
### ଜଳସମ୍ପଦ ବିଭାଗର ୫ ପ୍ରସ୍ତାବକୁ ମୋହର, ପ୍ରକଳ୍ପ ନିର୍ମାଣ ଓ ରକ୍ଷଣାବେକ୍ଷଣ ପାଇଁ ୬୭୩ କୋଟି
### ସ୍ଥାପନ ହେବ ଅର୍ଥନୈତିକ ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ

■ ଭୁବନେଶ୍ୱର, ୧।୮ (ସମିସ): ଓଡ଼ିଶାର ସହରାଞ୍ଚଳରେ ୨୦୨୯ ସୁଦ୍ଧା ସମସ୍ତ ଯୋଗ୍ୟ ପରିବାରକୁ ସାର୍ବଜନୀନ ଗୃହ ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଏକ ନୂତନ ପରିପୂରକ ଯୋଜନା 'ପ୍ରଧାନମନ୍ତ୍ରୀ ଆବାସ-(ସହରାଞ୍ଚଳ) ବନ୍ଧୁ' ଆରମ୍ଭ କରିବାକୁ ଯାଉଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଉପରୋକ୍ତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ବେଳେ ଏଥିପାଇଁ ମୋଟ ୧୬୧୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଜଳସମ୍ପଦ ବିଭାଗର ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ବେଳେ ନୂଆ ପ୍ରକଳ୍ପ ନିର୍ମାଣ ପାଇଁ ଏଥିରେ ୬୭୩ କୋଟି ୩୬ ଲକ୍ଷରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ବୈଠକରେ ମୋଟ ୬ଟି ବିଭାଗର ୧୧ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆବାସ-(ସହରାଞ୍ଚଳ) ବନ୍ଧୁ ଯୋଜନା ରାଜ୍ୟରେ ୨୦୧୭ ମସିହାରୁ ସମସ୍ତ ୧୧୫ଟି ସହରାଞ୍ଚଳ ସହ ନୂତନ ଭାବେ ଘୋଷିତ ୨୮ଟି ସହରାଞ୍ଚଳରେ ମଧ୍ୟ ଏହା କାର୍ଯ୍ୟକାରୀ ହେବ। ଓଡ଼ିଶା ପରିକଳ୍ପନା ଦସ୍ତାବିଜ ଅନୁଯାୟୀ ପକ୍କାଘର କଭରେଜକୁ ୨୦୨୪ର ୫୯ ପ୍ରତିଶତରୁ ବୃଦ୍ଧି କରାଯାଇ ୨୦୨୯ ସୁଦ୍ଧା ୯୦ ପ୍ରତିଶତକୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଅଧୀନରେ ୨୦୨୫ରୁ ୨୦୩୦ ମଧ୍ୟରେ ଅତିରିକ୍ତ ୩ରୁ ସାଢ଼େ ୩ ଲକ୍ଷ ସହରାଞ୍ଚଳ ପରିବାରକୁ ଗୃହ ନିର୍ମାଣ ସହାୟତା ମିଳିବ। ଏହି ଯୋଜନାରେ ମୁଖ୍ୟତଃ ଚାରୋଟି ଉପାଦାନ ରହିଛି। ପ୍ରଥମ ଉପାଦାନରେ ସୁଲଭ ବାସଗୃହ, ସୁଲଭ ଭଡ଼ା ଗୃହ ଏବଂ ଟ୍ରାଞ୍ଜିଟ୍ ହାଉସ୍ ପ୍ରକଳ୍ପ ପାଇଁ ୬୭୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ, ଦ୍ୱିତୀୟ ଉପାଦାନରେ ହିତାଧିକାରୀଙ୍କ ଶ୍ରମ କ୍ଷତିପୂରଣ ଏବଂ ପ୍ରୋତ୍ସାହନ ପାଇଁ ୬୮୫ କୋଟି ଟଙ୍କା ଦିଆଯିବ। ସେହିପରି ତୃତୀୟ ଉପାଦାନରେ ୧୦୦ କୋଟି ଟଙ୍କା ବ୍ୟୟରେ ଗୃହ ଋଣ ଓ ସୁଧ ରିହାତି ଏବଂ ଚତୁର୍ଥ ଉପାଦାନରେ ବିସ୍ଥାପିତ ହିତାଧିକାରୀଙ୍କ ପାଇଁ ୧୨୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଛୋଟ ସହରଗୁଡ଼ିକରେ ଆର୍ଥିକ ଅସୁବିଧା ଦୂର କରିବା ପାଇଁ ଏହି ଯୋଜନା ଏକ ଭାଏବିଲିଟି ଗ୍ୟାପ୍ ପାଣ୍ଠି ଭାବେ କାର୍ଯ୍ୟ କରିବ। ସେହିପରି ବୈଠକରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦କୁ ମଧ୍ୟ ମନ୍ତ୍ରୀମଣ୍ଡଳର ଅନୁମୋଦନ ମିଳିଛି। ଏହି କାର୍ଯ୍ୟକ୍ରମ ଅଧିନରେ ରାଜ୍ୟର ୮ ଲକ୍ଷ ଅନୁସୂଚିତ ଜନଜାତି ହିତାଧିକାରୀ ଉପକୃତ ହେବେ। ଏହା ଆଗାମୀ ୫ ବର୍ଷ ଯଥା ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ▶ପୃଷ୍ଠା-୭

## କମିଲା ବାଣିଜ୍ୟିକ ଗ୍ୟାସ୍ ଦର
### ସିଲିଣ୍ଡର ପିଛା ୧୯୨ ଟଙ୍କା ହ୍ରାସ

■ ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ହୋଟେଲ ଏବଂ ରେସ୍ତୋରାଁ ଭଳି ପ୍ରତିଷ୍ଠାନରେ ବ୍ୟବହୃତ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ଶନିବାର ବୃହତ୍ ହ୍ରାସ ଘଟିଛି। ଏହି ଅନୁଯାୟୀ,୧୯ କିଲୋଗ୍ରାମ ସିଲିଣ୍ଡର ମୂଲ୍ୟରେ ୧୯୨ ଟଙ୍କା ହ୍ରାସ ହୋଇଛି। ଫଳରେ ଦିଲ୍ଲୀରେ ଏଲ୍‌ପିଜି ସିଲିଣ୍ଡର ପିଛା ଦର ୨୭୩୮ ଟଙ୍କା ଓ କଲକାତାରେ ୨୮୭୨.୫୦ ଟଙ୍କାକୁ ଖସିଆସିଛି। ଅପରପକ୍ଷେ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟରେ ଲିଟର ପିଛା ୫ ଟଙ୍କା ବୃଦ୍ଧି କରାଯାଇଛି। ଆନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟରେ ବୃହତ୍ ହ୍ରାସ ପରେ ଏହି ପରିବର୍ତ୍ତନ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ବାଣିଜ୍ୟିକ ଏଲ୍‌ପିଜି ମୂଲ୍ୟରେ ସିଲିଣ୍ଡର ପିଛା ୨୦୬ ଟଙ୍କା ୫୦ ପଇସା ହ୍ରାସ ଘଟି ଏହା ୨୯୨୮ ଟଙ୍କାକୁ ଖସିଆସିଛି। ତେବେ ବଜାରରେ ରନ୍ଧନ ଗ୍ୟାସ୍ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପୂର୍ବରୁ ୧୯ କିଲୋଗ୍ରାମ ବିଶିଷ୍ଟ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ୨୯୩୦ ଟଙ୍କା ରହିଥିଲା। ହେଲେ ଏଟିଏଫ୍ ମୂଲ୍ୟ ପ୍ରତି ଲିଟର ୧୧୦ ଟଙ୍କାରୁ ୧୧୫ ଟଙ୍କାକୁ ବୃଦ୍ଧି ପାଇଛି। ବାଣିଜ୍ୟିକ ଏଲ୍‌ପିଜି ମୂଲ୍ୟରେ ଏହା ଲଗାତାର ଦ୍ୱିତୀୟ ମାସିକ ହ୍ରାସ। ପୂର୍ବ ଜୁଲାଇ ପହିଲାରେ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୧୮୩ ଟଙ୍କା ହ୍ରାସ କରାଯାଇଥିଲା। ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଜୁନରେ ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିବା ପରେ ଜୁଲାଇ ୧ ଏବଂ ଅଗଷ୍ଟ ୧ରେ ଉଭୟର ମୂଲ୍ୟରେ ହ୍ରାସ କରାଯାଇଛି।



## ପ୍ରଶ୍ନପତ୍ର ପ୍ରଘଟ ନିରୋଧୀ ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତିଙ୍କ ମୋହର

■ ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ସାଧାରଣ ପରୀକ୍ଷାରେ ଦୁର୍ନୀତି, ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତା ରୋକିବା ପାଇଁ ସଂସଦରେ ଗୃହୀତ ହୋଇଥିବା କଠୋର ଆଇନ ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅନୁମୋଦନ ପ୍ରଦାନ କରିଛନ୍ତି। 'ସାଧାରଣ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬'କୁ ରାଷ୍ଟ୍ରପତିଙ୍କ ଅନୁମତି ମିଳିବା ପରେ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଶୁକ୍ରବାର ଏହି ସମ୍ବନ୍ଧୀୟ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିଛି। ଏହାସହିତ ଏହା ଆଇନରେ ପରିଣତି ହୋଇଛି। ଏହି ସଂଶୋଧିତ ଆଇନ ଅଧୀନରେ ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ସହ ଅପରାଧୀଙ୍କ ପାଇଁ କଠୋର ଦଣ୍ଡବିଧାନ ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ଲିକ୍ କିମ୍ବା ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟକ୍ତିଙ୍କୁ ୫ ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ସେହିପରି ସଂଗଠିତ ଭାବେ ଏହି ଅପରାଧ କରୁଥିବା ଗ୍ୟାଙ୍ଗ୍ କିମ୍ବା ମାଫିଆଙ୍କ ପାଇଁ ସର୍ବନିମ୍ନ ୭ ବର୍ଷ ଜେଲ୍ ଏବଂ କମ୍‌ରେ ୧୦ କୋଟି ଟଙ୍କାର ଜରିମାନା ବ୍ୟବସ୍ଥା ରହିଛି। ସଂସଦର ଉଭୟ ଗୃହରେ ବିଲ୍ ଗୃହୀତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି ଯେ, କୌଣସି ପେପର-ଲିକ୍ ମାଫିଆ ଯେପରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିପାରିବେ ନାହିଁ, ସେଥିପାଇଁ ସରକାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ଆଇନଗତ ବ୍ୟବସ୍ଥା କଡ଼ାକଡ଼ି କରୁଛନ୍ତି।

ସୂଚନାଯୋଗ୍ୟ ଯେ ନିଟ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ କକ୍ରୋଚ ଜନତା ପାର୍ଟି ପକ୍ଷରୁ ଯନ୍ତର ମନ୍ତରରେ ଆନ୍ଦୋଳନ କରାଯିବା ପରେ ସେମାନଙ୍କ ଦାବିକୁ ଗ୍ରହଣ କରି ସରକାର ଆଇନରେ ସଂଶୋଧନ କରି ନୂଆ ବିଲ୍ ସଂସଦରେ ଆଗତ କରିଥିଲେ।

## କୂଳଲଙ୍ଘିଲା ସମୁଦ୍ର
## ଲୀନହେଲା ରାସ୍ତା, ମନ୍ଦିର



■ ଛତ୍ରପୁର, ୧।୮ (ସମିସ): ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ସମୁଦ୍ରକୂଳ ଅବକ୍ଷୟକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏବେ ଆର୍ଯ୍ୟପଲ୍ଲୀ ଗ୍ରାମକୁ ସଂଲଗ୍ନ ହୋଇଥିବା ରାସ୍ତା ଓ ଗଙ୍ଗାଦେବୀ ମନ୍ଦିରଟି ଏବେ ସମୁଦ୍ର କୂଳ ମଧ୍ୟରେ ଲୀନ ହେବା ପରେ ଅଞ୍ଚଳବାସୀଙ୍କ ଭୟ ଦ୍ୱିଗୁଣିତ ହୋଇଯାଇଛି। ସ୍ଥାୟୀ ପ୍ରତିକାର ନିମନ୍ତେ ବିଭିନ୍ନ ଫୋରମରେ କହି ଆସୁଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରୁନି। ଗଞ୍ଜାମ ଜିଲ୍ଲା ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ସମୁଦ୍ର ଦିନକୁ ଦିନ କୂଳଲଙ୍ଘି ଗ୍ରାମ ▶ପୃଷ୍ଠା-୭

## ୨ ଜଣଙ୍କୁ ଦଳିଦେଲା ଦନ୍ତା

■ ରାଉରକେଲା, ୧।୮ (ସମିସ): ଦନ୍ତା ଆକ୍ରମଣରେ ସୁନ୍ଦରଗଡ଼ ଜିଲ୍ଲାର ହାତୀବାରୀ ଏବଂ ବରସୁଆଁ ଅଞ୍ଚଳରେ ଆଜି ୨ ଜଣଙ୍କ ଜୀବନ ନେଇଛି ଦନ୍ତା। ଜିଲ୍ଲାର ହାତୀବାରୀ ଥାନା ଅନ୍ତର୍ଗତ ଓହ୍ଲାଣିରେ ଦନ୍ତା ବୃଦ୍ଧଙ୍କ ଜୀବନ ନେଇଥିବାବେଳେ କୋଇଡ଼ା ଅନ୍ତର୍ଗତ ବରସୁଆଁ ଅଞ୍ଚଳରେ ବି ଜଣେ ବୃଦ୍ଧାଙ୍କୁ ଦଳି ମାରି ଦେଇଛି। ମୃତକ ହେଲେ ଓହ୍ଲାଣି ଅନ୍ତର୍ଗତ କୁସୁମଟୋଲି ଗାଁର ରାମଚନ୍ଦ୍ର ଗୌଡ ଓ ବରସୁଆଁ ବନାଞ୍ଚଳ ଅନ୍ତର୍ଗତର କାଦୋଡିହା ବାଇପାସ ଛକ ନିକଟରେ ରହୁଥିବା ସମ୍ବାରୀ ମୁଣ୍ଡା (୭୦)। ▶ପୃଷ୍ଠା-୭


ADMISSION OPEN

MBA | MCA | M.Sc. (Physics) | M.Sc. (Chemistry) | M.Sc. (Biotech)
MSW | M.Com. (F & C) | M.Com. (Traditional) | M.Sc. (Comp.Sc.) | MPMIR

NIIS GROUP OF INSTITUTIONS
Sarada Vihar, Madanpur, Bhubaneswar-752054
(Recognised by Govt. of Odisha & Affiliated to Utkal University)
Contact: 9778899990 / 9778899991 / 9040004375
Email: contactus@niisgroup.org | Website: www.niisgroup.org





ସକାଳ THE SAKALA
www.sakalaepaper.com


# କୁଲଗାମ୍‌ରେ ୨ ପ୍ରବାସୀ ହିନ୍ଦୁ ଶ୍ରମିକଙ୍କୁ ହତ୍ୟା

କୁଲଗାମ, ୧।୮ (ଏଜେନ୍ସି): ଜମ୍ମୁ-କାଶ୍ମୀରର କୁଲଗାମ୍ ଜିଲ୍ଲାରେ ପୁଣି ଏକ ବର୍ବର ଆତଙ୍କବାଦୀ ଆକ୍ରମଣ ଦେଖିବାକୁ ମିଳିଛି। ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ଦକ୍ଷିଣ କାଶ୍ମୀରର କେଲାମ୍ ସ୍ଥିତ ଏକ ଇଟା ଭାଟିରେ କାର୍ଯ୍ୟରତ ଛତିଶଗଡ଼ର ଦୁଇ ଜଣ ପ୍ରବାସୀ ଶ୍ରମିକଙ୍କୁ ଆତଙ୍କବାଦୀମାନେ ନିର୍ମମ ଭାବେ ଗୁଳି କରି ହତ୍ୟା କରିଛନ୍ତି। ମୃତ ଶ୍ରମିକ ଦ୍ୱୟ ହେଲେ ୨୪ ବର୍ଷୀୟ ଦୀପକ ରଥ୍‌ରେ ଏବଂ ୨୮ ବର୍ଷୀୟ ଭୋପେନ୍ଦ୍ର, ଯେଉଁମାନେ ଛତିଶଗଡ଼ର ଅଧିବାସୀ ଥିଲେ। ଗୁଳିମାଡ଼ ପରେ ଦୀପକଙ୍କର ମେଡିକାଲ ନିଆଯିବା ବାଟରେ ମୃତ୍ୟୁ ଘଟିଥିବା ବେଳେ ଭୋପେନ୍ଦ୍ର ଚିକିତ୍ସାଧୀନ ଅବସ୍ଥାରେ ସୌରା ସ୍ଥିତ ମେଡିକାଲରେ ଆଖି ବୁଜିଛନ୍ତି। ଘଟଣା ପରେ ସୁରକ୍ଷା ବଳ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରାଉ କରି ବ୍ୟାପକ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ଆତଙ୍କବାଦୀମାନେ ଆଖପାଖ ଅଞ୍ଚଳରେ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଇଟା ଭାଟିରେ ଲଗାଯାଇଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଉଛି। ପ୍ରାଥମିକ ତଦନ୍ତରୁ ଏହି ଆକ୍ରମଣରେ ଜଣେ ସ୍ଥାନୀୟ ଏବଂ ଜଣେ ପାକିସ୍ତାନୀ ଆତଙ୍କବାଦୀ ସାମିଲ ଥିବା ସନ୍ଦେହ କରାଯାଉଛି।

## କିଭ୍‌ରେ ରୁଷ ଆକ୍ରମଣ; ୯ ମୃତ

କିଭ୍, ୧।୮ (ଏଜେନ୍ସି): ରୁଷ ପକ୍ଷରୁ ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ଶନିବାର ରାତିସାରା ଭୟଙ୍କର ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ମାଡ଼ରେ ଅତିକମ୍‌ରେ ୯ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣ ଯୋଗୁଁ ଅନେକ ଆବାସିକ ଓ ବ୍ୟବସାୟିକ ଅଟ୍ଟାଳିକାରେ ନିଆଁ ଲାଗିଯିବା ସହ ବ୍ୟାପକ କ୍ଷତିଘଟିଛି। ମିସାଇଲ୍ ଆକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପାଶ୍ଚାତ୍ୟ ଦେଶଗୁଡ଼ିକୁ, ବିଶେଷ କରି ଆମେରିକାକୁ, ଅଧିକ 'ପାଟ୍ରିଅଟ୍' ଆଣ୍ଟି-ବାଲିଷ୍ଟିକ୍ ମିସାଇଲ୍ ଡିଫେନ୍ସ ସିଷ୍ଟମ୍ ଯୋଗାଇଦେବାକୁ ପୁନର୍ବାର ନିବେଦନ କରିଛନ୍ତି। ରୁଷର ବାଲିଷ୍ଟିକ୍ ମିସାଇଲ୍‌କୁ ଆକାଶମାର୍ଗରୁ ଖସାଇବା ପାଇଁ ଏହି ସୁରକ୍ଷା ପ୍ରଣାଳୀ ଅତ୍ୟାବଶ୍ୟକ ବୋଲି ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି। କିଭ୍‌ର ସୋଲୋମିଆନ୍‌ସ୍କି ଏବଂ ଦାର୍ନିତସ୍କି ଅଞ୍ଚଳରେ ହୋଇଥିବା ଆକ୍ରମଣରେ ଅନେକ ନାଗରିକ ନିଜର ଘରଦ୍ୱାର ହରାଇଛନ୍ତି। ଉଦ୍ଧାରକାରୀ ଦଳ ନିଆଁକୁ ଆୟତ୍ତ କରିବା ସହ ଅଗ୍ନିକାଣ୍ଡ ଓ ଧ୍ୱଂସାବଶେଷ ତଳେ ଫସିଥିବା ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରିଛନ୍ତି।

## ରେଳବାଇର ୫ ଜଣ ଗ୍ରୁପ୍-ଏ ଅଧିକାରୀଙ୍କୁ ଆଗୁଆ ଅବସର

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭାରତୀୟ ରେଳବାଇରେ ଦୁର୍ନୀତି, ସଚ୍ଚୋଟତା ଓ କାର୍ଯ୍ୟ ଦକ୍ଷତାର ଅଭାବ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏହିକ୍ରମରେ ରେଳ ମନ୍ତ୍ରଣାଳୟ ପାଞ୍ଚ ଜଣ ପ୍ରଥମ ଶ୍ରେଣୀର ବରିଷ୍ଠ ଅଧିକାରୀଙ୍କୁ ଜନସ୍ୱାର୍ଥରେ ଅକାଳ ଅବସର ଦେବାକୁ ସୁପାରିସ କରିଛି। ରେଳ ବୋର୍ଡର ସମୀକ୍ଷା କମିଟି ଭାରତୀୟ ରେଳ ପ୍ରତିଷ୍ଠାନ ସଂହିତାର ସମ୍ପୃକ୍ତ ବ୍ୟବସ୍ଥା ଅନୁଯାୟୀ ଏହି ସୁପାରିସ କରିଛି। ଅକାଳ ଅବସର ପାଇଁ ସୁପାରିସ ହୋଇଥିବା ଅଧିକାରୀଙ୍କ ମଧ୍ୟରେ ଦୁଇ ଜଣ ଭାରତୀୟ ରେଳ ସ୍ୱାସ୍ଥ୍ୟ ସେବା, ଉତ୍ତର ରେଳର ଜଣେ ଭାରତୀୟ ରେଳ ସିଭିଲ୍ ଇଞ୍ଜିନିୟରିଂ ସେବା ଅଧିକାରୀ, ଉତ୍ତର ରେଳର ଜଣେ ଭାରତୀୟ ରେଳ ବିଦ୍ୟୁତ ଇଞ୍ଜିନିୟରିଂ ସେବା ଅଧିକାରୀ ଏବଂ ପଶ୍ଚିମ ରେଳର ଜଣେ ଭାରତୀୟ ରେଳ ଯାତାୟାତ ସେବା ଅଧିକାରୀ ଅଛନ୍ତି। ସମୀକ୍ଷା କମିଟି ଅଧିକାରୀମାନଙ୍କ ବାର୍ଷିକ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ, ସତ୍ୟତା ସମ୍ବନ୍ଧୀୟ ଅଭିଲେଖ, ସତର୍କତା ରିପୋର୍ଟ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ ସେବା ଅଭିଲେଖକୁ ବିସ୍ତୃତ ଭାବେ ଯାଞ୍ଚ କରିବା ପରେ ସର୍ବସମ୍ମତିକ୍ରମେ ଏହି ସୁପାରିସ କରିଛି। ରେଳ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଦୁର୍ନୀତି ଓ ଅଦକ୍ଷତା ପ୍ରତି ଶୂନ୍ୟ ସହନଶୀଳତା ନୀତି ଜାରି ରହିବ।

## ଝାଡ଼ଖଣ୍ଡରେ ଯନ୍ତରମନ୍ତର ସ୍ଥିତି ପରୀକ୍ଷା ଲିକ୍‌କୁ ନେଇ ଛାତ୍ର ଆନ୍ଦୋଳନ


ରାଞ୍ଚି, ୧।୮ (ଏଜେନ୍ସି): ଝାଡ଼ଖଣ୍ଡ ଲୋକସେବା ଆୟୋଗ (ଜେପିଏସ୍‌ସି) ପରୀକ୍ଷାରେ ହୋଇଥିବା ବ୍ୟାପକ ଅନିୟମିତତା, ପ୍ରଶ୍ନପତ୍ର ଲିକ୍ ଏବଂ ନିଯୁକ୍ତି ଦୁର୍ନୀତି ବିରୋଧରେ ରାଜଧାନୀ ରାଞ୍ଚିରେ ଗତ ଜୁଲାଇ ୨୫ ତାରିଖରୁ ଶହ ଶହ ଯୁବକ ଓ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଆନ୍ଦୋଳନ ଚଳାଇଛନ୍ତି। ଦିଲ୍ଲୀର ଯନ୍ତରମନ୍ତର ଭଳି ଏବେ ରାଞ୍ଚିରେ ମଧ୍ୟ ବିଶାଳ ଗଣ-ପ୍ରତିବାଦ ଦେଖିବାକୁ ମିଳିଛି। ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି ଯେ, ସରକାରୀ ନିଯୁକ୍ତି ପରୀକ୍ଷାଗୁଡ଼ିକରେ କ୍ରମାଗତ ଭାବେ ଅନିୟମିତତା ଦେଖାଯାଉଛି, ଯାହାଫଳରେ ବର୍ଷ ବର୍ଷ ଧରି ପରିଶ୍ରମ କରୁଥିବା ମେଧାବୀ ଛାତ୍ରଛାତ୍ରୀମାନେ ନିରାଶ ହେଉଛନ୍ତି। ବିଭିନ୍ନ ଜିଲ୍ଲାରୁ ନିଜସ୍ୱ ଖର୍ଚ୍ଚରେ ବସ୍ ଓ ଟ୍ରେନ୍ ଯୋଗେ ଆସୁଥିବା ଛାତ୍ରଛାତ୍ରୀମାନଙ୍କୁ ପୁଲିସ ସହର ବାହାରେ ଅଟକାଉଥିଲେ ମଧ୍ୟ ପ୍ରତିବାଦକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି।

# କେରଳ, କାଶ୍ମୀରରେ ବର୍ଷାର ତାଣ୍ଡବ
## ଭୂସ୍ଖଳନ, ବନ୍ୟାରେ ୫ ମୃତ



ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଶନିବାର ଦେଶର ବିଭିନ୍ନ ରାଜ୍ୟରେ ମୌସୁମୀ ବର୍ଷା ପ୍ରଳୟ ରୂପ ଧାରଣ କରିଛି। କେରଳରେ ପ୍ରବଳ ବର୍ଷା, ଭୂସ୍ଖଳନ ଓ ବନ୍ୟା ଯୋଗୁଁ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜମ୍ମୁ-କାଶ୍ମୀରର କିଶ୍ୱାଡ ଜିଲ୍ଲାରେ ବାଦଲଫଟା ବର୍ଷା ଯୋଗୁଁ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି କିଶ୍ୱାଡ, ଦୋଡା ଏବଂ ରାମବନ୍ ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ବନ୍ଦ ଘୋଷଣା କରାଯାଇଛି। କେରଳର ଇଡୁକ୍କି ଓ କୋଟାୟମ୍ ଜିଲ୍ଲାରେ ଭିନ୍ନ ଭିନ୍ନ ଭୂସ୍ଖଳନ ଘଟଣାରେ ୪ ଜଣଙ୍କର ଜୀବନ ଯାଇଛି। ପ୍ରବଳ ବର୍ଷା ଯୋଗୁଁ ମଲପ୍ପୁରମରେ ଜଳାଶୟରେ ଖସିପଡ଼ି ଜଣେ ୪ ବର୍ଷର ଶିଶୁର ମଧ୍ୟ ମୃତ୍ୟୁ ଘଟିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କେରଳର ୮ଟି ଜିଲ୍ଲା (ପଥନମଥିଟ୍ଟା, କୋଟାୟମ୍, ଇଡୁକ୍କି, ମଲପ୍ପୁରମ୍, କୋଝିକୋଡ୍, ୱାୟନାଡ, କାନ୍ନୁର ଏବଂ କାସରଗୋଡ୍) ପାଇଁ 'ରେଡ୍ ଆଲର୍ଟ' ଜାରି କରିଛି। ଏନ୍‌ଡିଆରଏଫ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନ ଓ ରିଲିଫ୍ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଉଛି। ଜମ୍ମୁ-କାଶ୍ମୀରର କିଶ୍ୱାଡ ଜିଲ୍ଲା ଛାତ୍ରୁ ଅଞ୍ଚଳରେ ରାତି ପ୍ରାୟ ୨.୩୦ ମିନିଟ୍‌ରେ ବାଦଲଫଟା ବର୍ଷା ଯୋଗୁଁ ଆକସ୍ମିକ ବନ୍ୟା ଆସିଛି। ଏଥିଯୋଗୁଁ ଦୋକାନ, ବଜାର ଓ ଘରଦ୍ୱାର ଜଳମଗ୍ନ ହେବା ସହ କିଶ୍ୱାଡ-ଛାତ୍ରୁ-ସିନ୍ଥନ୍ ଜାତୀୟ ରାଜପଥ ବନ୍ଦ ହୋଇଯାଇଛି। କୌଣସି ଧନଜୀବନ ହାନିର ଖବର ମିଳିନାହିଁ। ସ୍କୁଲଗୁଡ଼ିକୁ ବନ୍ଦ ରଖି ଅନଲାଇନ୍ କ୍ଲାସ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୪ ଘଣ୍ଟାରେ ବନ୍ୟା ଯୋଗୁଁ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଛି, ଯାହାଫଳରେ ମୋଟ ମୃତ୍ୟୁ ସଂଖ୍ୟା ୮୨ରେ ପହଞ୍ଚିଛି।

# ଇରାନ ଉପରେ ପୁଣି ବୋମାବର୍ଷଣ କରିବ ଆମେରିକା



ୱାସିଂଟନ, ୧।୮ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଏବେ ଆହୁରି ଭୟାନକ ରୂପ ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ କଠୋର ଆକ୍ରମଣ କରିବା ପାଇଁ ସେନାକୁ ସଙ୍କେତ ଦେଇଛନ୍ତି। ଚଳିତ ସପ୍ତାହାନ୍ତରେ ଆମେରିକା ସେନା ଇରାନ ଉପରେ ଏକ ବଡ଼ ଧରଣର ବୋମାବର୍ଷଣ କରିପାରେ ବୋଲି ଆଶଙ୍କା କରାଯାଉଛି। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟ ଅନୁସାରେ, ଇରାନକୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଟ୍ରମ୍ପ ସେନାକୁ ଏହି ନୂତନ ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମେରିଲ୍ୟାଣ୍ଡସ୍ଥିତ କ୍ୟାମ୍ପ ଡେଭିଡ୍ ଆବାସରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଟ୍ରମ୍ପ କହିଛନ୍ତି, 'ଆମେ ସେମାନଙ୍କ ଉପରେ ବହୁତ ଶକ୍ତ ଆକ୍ରମଣ କରିବୁ, ଯାହାଫଳରେ ସେମାନେ ଆଉ ସହ୍ୟ କରିପାରିବେ ନାହିଁ।' ଏହା ସହିତ ସେ କହିଛନ୍ତି ଯେ ଇରାନର ମିଛ ଓ ଭ୍ରମାତ୍ମକ ବକ୍ତବ୍ୟ ଯୋଗୁଁ ସେ ସେମାନଙ୍କ ଉପରୁ ବିଶ୍ୱାସ ହରାଉଛନ୍ତି। ସିବିଏସ୍ ରିପୋର୍ଟ ଅନୁଯାୟୀ, ଆମେରିକା ଏବଂ ଇସ୍ରାଏଲ୍ ମିଳିତ ଭାବେ ଇରାନର ଶକ୍ତି ଭିତ୍ତିଭୂମି ଏବଂ ତୈଳ ବିଶୋଧନାଗାରଗୁଡ଼ିକୁ ଲକ୍ଷ୍ୟ କରି ଏପର୍ଯ୍ୟନ୍ତର ସବୁଠାରୁ କଠୋର ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି। ସୋମବାର ଆନ୍ତର୍ଜାତୀୟ ଆର୍ଥିକ ବଜାର ଖୋଲିବା ପୂର୍ବରୁ ଏହି ସାମରିକ ଆକ୍ରମଣ ଶେଷ କରିବାକୁ କର୍ତ୍ତୃପକ୍ଷ ଆଲୋଚନା କରୁଛନ୍ତି, ଯେପରି ବିଶ୍ୱ ଏବଂ ଆମେରିକା ଅର୍ଥନୀତି ଉପରେ ଏହାର କମ୍ ପ୍ରଭାବ ପଡ଼ିବ। ଟ୍ରମ୍ପ ଏପର୍ଯ୍ୟନ୍ତ ଏହି ଆକ୍ରମଣ ପାଇଁ ଚୂଡ଼ାନ୍ତ ଆଦେଶ ଦେଇନାହାନ୍ତି। ତେବେ ଆମେରିକା ପେଣ୍ଟାଗନ୍ ସ୍ପଷ୍ଟ କରିଛି ଯେ ସେମାନଙ୍କ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଚଳିତ ବର୍ଷ ଫେବୃଆରୀ ୨୮ ରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଏହି ଯୁଦ୍ଧ ଆରମ୍ଭ ହୋଇଥିଲା। ଗତମାସରେ ଅସ୍ଥାୟୀ ଯୁଦ୍ଧବିରତି ହୋଇଥିଲେ ମଧ୍ୟ ଦୁଇ ଦେଶ ମଧ୍ୟରେ ପାଲଟା ଆକ୍ରମଣ ଜାରି ରହିଥିଲା। ଏହାର ଜବାବରେ ଇରାନ ହୋରମୁଜ ପ୍ରଣାଳୀକୁ ବନ୍ଦ କରିଦେଇଥିଲା, ଯାହାଫଳରେ ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ ଏବଂ ସାର ପରିବହନ ବାଧାପ୍ରାପ୍ତ ହୋଇଛି। ଇରାନର ଡ୍ରୋନ୍ ଓ ମିସାଇଲ୍ ଆକ୍ରମଣ ଯୋଗୁଁ ଗଲ୍ ଦେଶଗୁଡ଼ିକରେ ବ୍ୟାପକ ଆର୍ଥିକ ପ୍ରଭାବ ପଡ଼ିଛି। ଚଳିତ ସପ୍ତାହରେ ମିଶରର ଦାମିଏଟା ବନ୍ଦରରେ ଦୁଇଟି ଗ୍ୟାସ ବାହୀ ଜାହାଜ ଉପରେ ଆକ୍ରମଣ ପରେ ସ୍ଥିତି ଆହୁରି ସଙ୍ଗୀନ ହୋଇଛି।

**ଇରାନ ଉପରେ ଟ୍ରମ୍ପ କ୍ଷୁବ୍ଧ**

## ବ୍ୟାଙ୍କ ଆକାଉଣ୍ଟ୍ ଫ୍ରିଜ୍ ବିରୋଧରେ ସୁପ୍ରିମ୍‌କୋର୍ଟ ଗଲା ଟିଏମ୍‌ସି

କୋଲକାତା, ୧।୮ (ଏଜେନ୍ସି): ଅର୍ଥ ହେରଫେର୍ (ମନି ଲଣ୍ଡରିଂ) ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ୩ଟି ବ୍ୟାଙ୍କ ଆକାଉଣ୍ଟ୍ ସ୍ଥଗିତ କିମ୍ବା ଫ୍ରିଜ୍ କରାଯିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି 'ତୃଣମୂଳ କଂଗ୍ରେସ' (ଟିଏମ୍‌ସି)। ଅଗଷ୍ଟ ୩ ତାରିଖରେ ଜଷ୍ଟିସ୍ ଏମ୍‌ଏମ୍ ସୁନ୍ଦରେଶ ଏବଂ ଜଷ୍ଟିସ୍ ପ୍ରସନ୍ନ ବି ବରାଲେଙ୍କୁ ନେଇ ଗଠିତ ପୀଠରେ ଏହି ଆବେଦନର ଶୁଣାଣି ହେବ। ବିମାନ୍ ଏବଂ ହେଲିକପ୍ଟର କ୍ରୟ ସହ ଜଡ଼ିତ ଆର୍ଥିକ କାରବାରର ତଦନ୍ତ କରି ଇଡି ଏହି ପଦକ୍ଷେପ ନେଇଥିଲା। ଏହି ୩ଟି ଆକାଉଣ୍ଟ୍‌ରେ ପ୍ରାୟ ୪୪୦ କୋଟି ଟଙ୍କା ଗଚ୍ଛିତ ରହିଛି। ଅନୁସନ୍ଧାନ ବେଳେ ଗୋଟିଏ ଆକାଉଣ୍ଟ୍‌ରୁ ବେସରକାରୀ କମ୍ପାନୀକୁ ୧୩୩.୮୪ କୋଟି ଟଙ୍କା ହସ୍ତାନ୍ତର କରାଯାଇଥିବା ଇଡି ଅଭିଯୋଗ କରିଛି। ଏହାପୂର୍ବରୁ ଟିଏମ୍‌ସି କଲିକତା ହାଇକୋର୍ଟରେ ପହଞ୍ଚି ବ୍ୟାଙ୍କ ଆକାଉଣ୍ଟ୍ ବନ୍ଦ ଯୋଗୁଁ ଦଳୀୟ ସଂଗଠନ ଓ ଦୈନନ୍ଦିନ କାର୍ଯ୍ୟାବଳୀ ପ୍ରଭାବିତ ହେଉଥିବା ଦର୍ଶାଇ ଅନ୍ତରୀଣ ଆଶ୍ୱାସନା ମାଗିଥିଲା। ମାତ୍ର ହାଇକୋର୍ଟ ଅନ୍ତରୀଣ ରହସ୍ୟ କିମ୍ବା ରୋକ୍ ଲଗାଇବାକୁ ମନା କରିଦେଇଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ବିରୋଧରେ ଟିଏମ୍‌ସି ସୁପ୍ରିମ୍ କୋର୍ଟରେ ଏସ୍‌ଏଲ୍‌ପି (ସ୍ପେସିଆଲ ଲିଭ୍ ପିଟିସନ) ଦାଖଲ କରି ଆକାଉଣ୍ଟ ପରିଚାଳନା ପାଇଁ ଅନୁମତି ମାଗିଛି।

**୩ରେ ଶୁଣାଣି**

# ରାହୁଲ, ପପ୍ପୁ ଯାବଦଙ୍କ ବିରୋଧରେ ପୁଲିସ ମାମଲା




ବାରଣାସୀ, ୧।୮ (ଏଜେନ୍ସି): ସଂସଦ ପରିସରରେ ବିରୋଧ ପ୍ରଦର୍ଶନ ସମୟରେ ସନାତନ ଧର୍ମକୁ ଅପମାନିତ କରିବା ଏବଂ ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଅନ୍ୟ ୨ ସାଂସଦଙ୍କ ବିରୋଧରେ ଶନିବାର ମାମଲା ରୁଜୁ ହୋଇଛି। ଉତ୍ତରପ୍ରଦେଶର ବାରଣାସୀର କୋତୱାଲୀ ପୁଲିସ ଷ୍ଟେସନରେ କିଛି ସାଧୁସନ୍ଥଙ୍କ ଅଭିଯୋଗ ଆଧାରରେ ଏହି ମାମଲା ଦାୟର କରାଯାଇଛି। ଏଥିରେ ରାହୁଲ ଗାନ୍ଧୀଙ୍କ ସମେତ ସ୍ୱାଧୀନ ସାଂସଦ ରାଜେଶ ରଞ୍ଜନ ଓରଫ ପପୁ ଯାଦବ ଏବଂ ସମାଜବାଦୀ ପାର୍ଟି ସାଂସଦ ଅୱଧେଶ ପ୍ରସାଦଙ୍କ ନାମ ରହିଛି। ସୂଚନାଯୋଗ୍ୟ, ରାମ ମନ୍ଦିର ଦାନ ଅର୍ଥ ହେରଫେର ଅଭିଯୋଗରେ ବିରୋଧୀ ଦଳର ନେତାମାନେ ସଂସଦ ପରିସରରେ ଗତକାଲି ଅଭିନବ ନାଟକୀୟ ପ୍ରଦର୍ଶନ କରିଥିଲେ। ଏଥିରେ ସଂସଦର ମକର ଦ୍ୱାର ସମ୍ମୁଖରେ ଦାନ ବାକ୍ସ ରଖାଯାଇଥିଲା। ବାକ୍ସରେ ରାହୁଲଙ୍କ ସମେତ ଅନ୍ୟ ସାଂସଦମାନେ ଟଙ୍କା ପକାଉଥିବା ଅଭିନୟ କରିଥିଲେ ଏବଂ ପୂଜାରୀ ବେଶରେ ପପୁ ଯାଦବ ସେହି ଟଙ୍କାକୁ ଦାନ ବାକ୍ସ ନିକଟରୁ ଟାଣି ନେଇ ନିଜ ପକେଟରେ ପୁରାଉଥିବା ଦେଖାଯାଇଥିଲା। ଏହି ସମୟରେ ନିକଟରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଭାଡ୍ରା, ସମାଜବାଦୀ ଦଳର ନେତା ଅୱଧେଶ ପ୍ରସାଦ ଏବଂ ଧର୍ମେନ୍ଦ୍ର ଯାଦବ ଓ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ମହୁଆ ମାଜି ପ୍ରମୁଖ ଠିଆ ହୋଇଥିଲେ। ତେବେ ଏହି ନାଟକୀୟ ପ୍ରତିବାଦକୁ ସାଧୁସନ୍ଥମାନେ ସହଜରେ ଗ୍ରହଣ କରିନାହାନ୍ତି। ଏହି ପ୍ରଦର୍ଶନ ଜରିଆରେ ସନାତନ ଧର୍ମ ଏବଂ ଧାର୍ମିକ ପରମ୍ପରାକୁ ଅସମ୍ମାନ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପପୁ ଯାଦବ ଗୃହରେ ପ୍ରଭୁ ରାମ ଏବଂ ସନାତନ ଧର୍ମକୁ ଯେଉଁଭଳି ଭାବରେ ଅପମାନ କରିଛନ୍ତି ତାହା ଅକ୍ଷମଣୀୟ ବୋଲି ଜଗତଗୁରୁ ବାଳକ ଦାସ କହିଛନ୍ତି। ଏହି ଘଟଣା ପରେ ସନାତନ ଧର୍ମକୁ ଅପମାନିତ କରିବା ଏବଂ ଧାର୍ମିକ ଭାବନାକୁ ଆଘାତ କରିବା ଅଭିଯୋଗରେ ବାରଣାସୀରେ ମାମଲା ରୁଜୁ ହୋଇଛି।

# ଯନ୍ତରମନ୍ତର ଗାଳିଗୁଲଜ ଘଟଣା: କ୍ଷମାକଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ସ୍ୱର୍ଗତ ମା'ଙ୍କ ବିରୋଧରେ ଆପତ୍ତିଜନକ ଶବ୍ଦ ପ୍ରୟୋଗ ଘଟଣାରେ ପ୍ରଧାନମନ୍ତ୍ରୀ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ଏହି ସମ୍ପୃକ୍ତ ଯୁବପିଢ଼ିଙ୍କୁ କ୍ଷମା କରିଦେବାକୁ ଏବଂ ଆକ୍ରୋଶ ପରିବର୍ତ୍ତେ ସେମାନଙ୍କୁ ସଠିକ୍ ବାଟ ଦେଖାଇବାକୁ ଦେଶବାସୀଙ୍କୁ ନିବେଦନ କରିଛନ୍ତି। ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶ ଜାଲିଆତି ବିରୋଧରେ ଜନ୍ତରମନ୍ତରଠାରେ ଚାଲିଥିବା ଆନ୍ଦୋଳନ ସମୟରେ ଜଣେ ୨୫ ବର୍ଷୀୟା ଯୁବତୀ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରିଥିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଏହାକୁ ନେଇ ପ୍ରଧାନମନ୍ତ୍ରୀ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ ଗାଳିଗୁଲଜ ଦ୍ୱାରା କୌଣସି ସମସ୍ୟାର ସମାଧାନ ହୁଏନାହିଁ। ଭୁଲ୍ କରିବା ବୟସର ଏକ ସ୍ୱାଭାବିକ ପ୍ରକ୍ରିୟା, ତେଣୁ ସେମାନଙ୍କୁ କୋର୍ଟ-କଚେରୀକୁ ଟାଣିବା ବଦଳରେ ବୁଝାଇ ସୁଝାଇ ସଠିକ୍ ମାର୍ଗଦର୍ଶନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ପ୍ରଧାନମନ୍ତ୍ରୀ ଏହି ଘଟଣାକୁ ନେଇ କ୍ଷମାପ୍ରାର୍ଥନା ପୂର୍ବକ ଦେଶ ଗଠନରେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଅନ୍ୟପଟେ, ଆନ୍ଦୋଳନକାରୀଙ୍କ ବିରୋଧରେ ଆଇନଗତ ଆକ୍ସନ୍ ନେବାକୁ ନେଇ ରାଜନୈତିକସ୍ତରରେ ତର୍କବିତର୍କ ଜାରି ରହିଛି।



ଛାତ୍ର ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଆକ୍ଷେପମୂଳକ ଓ କଟୁ ଶବ୍ଦ ପ୍ରୟୋଗ କରି ଅଭିଯୁକ୍ତ ହୋଇଥିବା ଜଣେ ନାବାଳିକାଙ୍କ କ୍ଷମାପ୍ରାର୍ଥନା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଭିଡିଓରେ ସେ ହାତ ଯୋଡ଼ି କହିଛନ୍ତି, 'ମୁଁ କିଛି ଲୋକଙ୍କ କଥାରେ ଆସି ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ବହୁତ ଖରାପ ଭାଷା ପ୍ରୟୋଗ କରିଥିଲି। ମୋତେ ମାତ୍ର ୧୫ ବର୍ଷ ହୋଇଛି, ଏହା ମୋର ପ୍ରଥମ ଓ ଶେଷ ଭୁଲ୍। ମୁଁ ସମଗ୍ର ଦେଶବାସୀଙ୍କୁ କ୍ଷମା ମାଗୁଛି।' ପୂର୍ବରୁ ପୁଲିସ ଏଫ୍‌ଆଇଆର୍‌ରେ ତାଙ୍କ ବୟସ ୨୫ ବର୍ଷ ଦର୍ଶାଯାଇଥିଲା। ଉଲ୍ଲେଖଯୋଗ୍ୟ, ଯନ୍ତର ମନ୍ତର ପ୍ରତିବାଦ ସମୟରେ ହୋଇଥିବା ଏହି ଘଟଣାକୁ ନେଇ ନୋଏଡା ଓ ପରେ ଦିଲ୍ଲୀ ପୁଲିସ ମାମଲା ରୁଜୁ କରିଥିଲା। ତେବେ ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀ ମୋଦୀ ଏକ ଭିଡିଓ ବାର୍ତ୍ତା ଜାରି କରି ଏହି 'ବାଟବଣା ଯୁବପିଢ଼ି'ଙ୍କୁ କ୍ଷମା କରିବାକୁ ଏବଂ ସେମାନଙ୍କୁ କୋର୍ଟ-କଚେରୀକୁ ନଟାଣି ସଠିକ୍ ବାଟ ଦେଖାଇବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତାର କିଛି ଘଣ୍ଟା ପରେ ହିଁ ସମ୍ପୃକ୍ତ କିଶୋରୀଙ୍କ ଏହି କ୍ଷମାପ୍ରାର୍ଥନା ଭିଡିଓ ସାମ୍ନାକୁ ଆସିଛି।

**ନାବାଳିକାଙ୍କ କ୍ଷମାପ୍ରାର୍ଥନା; ଭିଡିଓ ଭାଇରାଲ୍**

# ପ୍ରତିବାଦ ଭୟରେ 'ଟିସ୍' ସମାବର୍ତ୍ତନ ଉତ୍ସବ ସ୍ଥଗିତ

ମୁମ୍ବାଇ, ୧।୮ (ଏଜେନ୍ସି): ମୁମ୍ବାଇର ଅଗଷ୍ଟ ୨ ତାରିଖରେ ହେବାକୁ ଥିବା ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (ଟିସ୍)ର ୮୬ତମ ସମାବର୍ତ୍ତନ ଉତ୍ସବକୁ ହଠାତ୍ ସ୍ଥଗିତ ରଖାଯାଇଛି। ଏହି ଉତ୍ସବରେ ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ମାତ୍ର କ୍ୟାମ୍ପସରେ ସମ୍ଭାବ୍ୟ ବିକ୍ଷୋଭ ଓ ପ୍ରତିବାଦ ଆଶଙ୍କା ଏବଂ ସୁରକ୍ଷା କାରଣରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ସଂସ୍ଥା ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପଠାଯାଇଥିବା ଇମେଲ୍‌ରେ 'ଅପ୍ରତ୍ୟାଶିତ ପରିସ୍ଥିତି' ଦର୍ଶାଯାଇ ଉତ୍ସବ ସ୍ଥଗିତ ରଖାଯାଇଥିବା କୁହାଯାଇଛି। ହଠାତ୍ କାର୍ଯ୍ୟକ୍ରମ ବାତିଲ ହେବା ଯୋଗୁଁ ନିଜ ପରିବାର ସହ ଯୋଗଦେବାକୁ ଯୋଜନା କରିଥିବା ଏବଂ ଟିକେଟ୍ ବୁକିଂ କରିସାରିଥିବା ଅନେକ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟିସ୍ କର୍ତ୍ତୃପକ୍ଷ ଜଣାଇଛନ୍ତି ଯେ, ସଂସ୍ଥାର ସ୍ୱାର୍ଥ ଏବଂ ସମସ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି କଠିନ ନିଷ୍ପତ୍ତି ନିଆଯାଇଛି। ସମାବର୍ତ୍ତନ ଉତ୍ସବ ସ୍ଥଗିତ ଯୋଗୁଁ ଆର୍ଥିକ କ୍ଷତି ସହିଥିବା ଛାତ୍ରଛାତ୍ରୀଙ୍କ ଦରଖାସ୍ତ ଆଧାରରେ ସହାୟତା ଯୋଗାଇ ଦିଆଯିବ ବୋଲି ସଂସ୍ଥା ପ୍ରତିଶ୍ରୁତି ଦେଇଛି। ଏହାସହ ଖୁବ୍‌ଶୀଘ୍ର ନୂତନ ତାରିଖ ଘୋଷଣା କରାଯିବ ଏବଂ ଜରୁରୀ ଶିକ୍ଷାଗତ ପ୍ରମାଣପତ୍ର ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀମାନେ ନିୟମିତ ପ୍ରକ୍ରିୟା ଜରିଆରେ ତାହା ସଂଗ୍ରହ କରିପାରିବେ ବୋଲି କୁହାଯାଇଛି।

**ପ୍ରଧାନବିଚାରପତି ହେବାର ଥିଲେ ମୁଖ୍ୟ ଅତିଥି**


# ଅର୍ପିତା ଟାର୍ଗେଟରେ ଥିଲେ ରାଜନେତା, ଅଫିସର



କୋଲକାତା, ୧।୮ (ଏଜେନ୍ସି): ସନ୍ତ୍ରାସବାଦୀ କାର୍ଯ୍ୟକଳାପ ସହ ଜଡ଼ିତ ସନ୍ଦେହରେ ଗିରଫ ହୋଇଥିବା ହାମିମ୍ ମଣ୍ଡଳର ସହଯୋଗୀ ଅର୍ପିତା ସରକାରଙ୍କୁ ପଶ୍ଚିମବଙ୍ଗ ପୁଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଝାଡ଼ଖଣ୍ଡର ସାହିବଗଞ୍ଜରୁ ଗିରଫ କରିଛି। ସମ୍ବେଦନଶୀଳ ତଥ୍ୟ ହାସଲ କରିବା ପାଇଁ ହାମିମ୍ ଏବଂ ଅର୍ପିତା ଗୋଟିଏ ନେଟୱାର୍କ ଚଳାଉଥିବା ନେଇ ପୁଲିସ ଦାବି କରିଛି। ଏସ୍‌ଟିଏଫ୍ ସୂତ୍ର ଅନୁଯାୟୀ, ଅର୍ପିତା ବରିଷ୍ଠ ସରକାରୀ ଅଧିକାରୀ, ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଏବଂ ରାଜନେତାମାନଙ୍କୁ 'ହନି ଟ୍ରାପ୍' (ପ୍ରେମ ପ୍ରତାରଣାର ଜାଲ)ରେ ଫସାଇ ସେମାନଙ୍କଠାରୁ ବ୍ୟକ୍ତିଗତ ଓ ଗୁପ୍ତ ତଥ୍ୟ ହାସଲ କରୁଥିଲେ। ସେହି ତଥ୍ୟକୁ ପରବର୍ତ୍ତୀ ସମୟରେ ହାମିମ୍ ନିକଟକୁ ପଠାଯାଉଥିଲା। ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ସହ ହାମିମ୍‌ର ସମ୍ପର୍କ ଥିବା ନେଇ ମଧ୍ୟ ତଦନ୍ତକାରୀ ଦଳ ଦାବି କରିଛନ୍ତି। ପୂର୍ବରୁ ବୁର୍ଦ୍ଧବାନରୁ ଗିରଫ ହୋଇଥିବା ହାମିମ୍‌କୁ ୧୪ ଦିନିଆ ଏସ୍‌ଟିଏଫ୍ ରିମାଣ୍ଡରେ ନିଆଯାଇଛି। ସେମାନଙ୍କ ବାଜ୍ୟାପ୍ତ ମୋବାଇଲ୍, ଲାପଟପ୍ ଏବଂ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ସ ଉପକରଣଗୁଡ଼ିକୁ ଫୋରେନ୍‌ସିକ୍ ଯାଞ୍ଚ ପାଇଁ ପଠାଯାଇଛି। ପଶ୍ଚିମବଙ୍ଗର ବହୁ ପ୍ରମୁଖ ନେତାଙ୍କ ଗତିବିଧି ଉପରେ ଏହି ନେଟୱାର୍କ ନଜର ରଖୁଥିବା ନେଇ ସନ୍ଦେହ କରାଯାଉଛି।

# ଆଣ୍ଟାର୍କଟିକାରେ ୬୯ % କମିଲେ ପେଙ୍ଗୁଇନ୍ ଶାବକ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ପରିବେଶର ସୂକ୍ଷ୍ମ ଅସନ୍ତୁଳନ କିପରି ସମ୍ପୂର୍ଣ୍ଣ ଆବାସସ୍ଥଳୀକୁ ପ୍ରଭାବିତ କରିପାରେ, ତାହାର ଏକ ଚିନ୍ତାଜନକ ଚିତ୍ର ଆଣ୍ଟାର୍କଟିକାରେ ଦେଖିବାକୁ ମିଳିଛି। ମାତ୍ର ଗୋଟିଏ ୧୪ କିଲୋମିଟର ଲମ୍ବର ବିଶାଳ ହିମଶୈଳ ଯୋଗୁଁ ଆଣ୍ଟାର୍କଟିକାର କୁଲମ୍ୟାନ୍ ଦ୍ୱୀପରେ ବସବାସ କରୁଥିବା ବିଶିଷ୍ଟ 'ଏମ୍ପରର' ବା ସମ୍ରାଟ ପେଙ୍ଗୁଇନ୍ ଶାବକଙ୍କ ସଂଖ୍ୟା ଗୋଟିଏ ବଂଶବୃଦ୍ଧି ଋତୁରେ ପ୍ରାୟ ୬୯ ପ୍ରତିଶତ ହ୍ରାସ ପାଇଛି। ବିଜ୍ଞାନ ପତ୍ରିକା 'କମ୍ୟୁନିକେସନ୍ସ ଆର୍ଥ ଆଣ୍ଡ ଏନଭାଇରନମେଣ୍ଟ'ରେ ପ୍ରକାଶିତ ଗବେଷଣା ରିପୋର୍ଟ ଅନୁସାରେ, ୨୦୨୫ ବଂଶବୃଦ୍ଧି ଋତୁରେ ଆକାଶମାର୍ଗରୁ କରାଯାଇଥିବା ସର୍ବେକ୍ଷଣରୁ ମାତ୍ର ୬, ୬୫୮ଟି ଜୀବନ୍ତ ପେଙ୍ଗୁଇନ୍ ଶାବକ ଚିହ୍ନଟ ହୋଇଥିଲେ। ଏହା ୨୦୨୪ ମସିହା ଏବଂ ୨୦୧୭ ରୁ ୨୦୨୪ ମଧ୍ୟରେ ହୋଇଥିବା ହାରାହାରି ଶାବକ ସଂଖ୍ୟା ତୁଳନାରେ ୬୯ ପ୍ରତିଶତ କମ୍। ଗୋଟିଏ ବିଶାଳ ହିମଶୈଳ ପେଙ୍ଗୁଇନ୍‌ମାନଙ୍କ ଖାଦ୍ୟ ସଂଗ୍ରହ ପଥରେ ବାଧା ସୃଷ୍ଟି କରିଥିଲା। ୨୦୨୫ ମାର୍ଚ୍ଚ ମାସରେ ପ୍ରାୟ ୧୩.୯ କିଲୋମିଟର ଲମ୍ବ ଏବଂ ୪ କିଲୋମିଟର ଓସାରର ଏହି ହିମଶୈଳଟି ଭାସି ଆସି ଜୁଲାଇ ୨୮ ତାରିଖ ବେଳକୁ ପେଙ୍ଗୁଇନ୍ ରହୁଥିବା ସ୍ଥାନଠାରୁ ମାତ୍ର ୩ ରୁ ୫ କିଲୋମିଟର ଦୂରରେ ସମୁଦ୍ର ମଧ୍ୟରେ ଖସି ଅଟକି ଯାଇଥିଲା। ସମ୍ରାଟ ପେଙ୍ଗୁଇନ୍ ଶାବକମାନେ ନିଜ ପିତାମାତାଙ୍କ ଦ୍ୱାରା ଅଣାଯାଉଥିବା ଖାଦ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି। ହିମଶୈଳର ଦକ୍ଷିଣ ପାର୍ଶ୍ୱ ଉଚ୍ଚ ଏବଂ ସିଧା ହୋଇଥିବାରୁ ବୟସ୍କ ପେଙ୍ଗୁଇନ୍‌ମାନଙ୍କୁ ସମୁଦ୍ରରୁ ମାଛ, ସ୍କୁଇଡ୍ ଏବଂ କ୍ରିଲ୍ ଶିକାର କରିବା ପାଇଁ ବହୁ ଦୂର ବୁଲିଯିବାକୁ ପଡ଼ିଥିଲା। ଫଳରେ ସେମାନେ ନିୟମିତ ଖାଦ୍ୟ ଦେଇପାରିନଥିଲେ, ତେଣୁ ଶାବକମାନେ ଦୁର୍ବଳ ହୋଇପଡ଼ିଥିଲେ ଏବଂ ସେମାନଙ୍କ ଜୀବିତ ରହିବା କଷ୍ଟକର ହୋଇପଡ଼ିଥିଲା।



**ମହାନଦୀ ଜଳ ବିବାଦର ସମାଧାନ କରିବାରେ ବିଜେପି ବିଫଳ**

# ଛତିଶଗଡ଼ ପାଖରେ ଆତ୍ମସମର୍ପଣ କରିଛନ୍ତି ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର,୧।୮ (ସମିସ): ବିଜେପି ସରକାରର ଅପାରଗତା ଯୋଗୁଁ ମହାନଦୀ ଜଳ ବିବାଦର ସମାଧାନ ହେବାରେ ବିଳମ୍ବ ହେଉଛି। ଟ୍ରିପଲ୍ ଇଞ୍ଜିନ ସରକାର ଥାଇ ବି ସମନ୍ୱୟ ଅଭାବରୁ ଓଡ଼ିଶାବାସୀ ଉପେକ୍ଷିତ ହେଉଛନ୍ତି। ଆଜି ଓଡ଼ିଶାରେ ଯେଉଁ ବନ୍ୟା ପରିସ୍ଥିତି ଉପୁଜିଛି ତାହା ସମ୍ପୂର୍ଣ୍ଣ ମନୁଷ୍ୟକୃତ। ଦିଲ୍ଲୀରେ ମହାନଦୀ ଜଳ ବିବାଦ ନେଇ ବୈଠକରେ ହୋଇଥିବା ଆଲୋଚନାକୁ ଜାଣିଶୁଣି ସାର୍ବଜନୀନ ନ କରି ଓଡ଼ିଶାବାସୀଙ୍କୁ ମିଛ ଆଶ୍ୱାସନା ଦେଇ ଭୁଆଁ ବୁଲାଉଥିବାରୁ ରାଜ୍ୟ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ. ଅରୁଣ ସାହୁ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ମହାନଦୀ ଜଳ ବିବାଦ ସମାଧାନରେ ବିଜେପି ସରକାରର ଅପାରଗପଣିଆକୁ କଡ଼ା ନିନ୍ଦା କରିଛନ୍ତି। ଓଡ଼ିଶାରେ ଯେଉଁ ବନ୍ୟା ବିପ୍ରାତ ଦେଖାଦେଇଛି ତାହା ସମ୍ପୂର୍ଣ୍ଣ ଭାବେ ମନୁଷ୍ୟକୃତ ବୋଲି ସେମାନେ କହିଛନ୍ତି।

ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ଓଡ଼ିଶାର କୌଣସି କଥାକୁ ଛତିଶଗଡ଼ ସରକାର ତିଳେ ମାତ୍ର ଭ୍ରୂକ୍ଷେପ କରୁନାହିଁ। ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଛତିଶଗଡ ପାଖରେ ନିଜକୁ ଓଡ଼ିଶା ସରକାର ଆତ୍ମସମର୍ପଣ କରିଛନ୍ତି। ମହାନଦୀ ଜଳ ବିବାଦ ନେଇ ଦିଲ୍ଲୀରେ କେନ୍ଦ୍ର ସରକାର, ଓଡ଼ିଶା ସରକାର ଏବଂ ଛତିଶଗଡ଼ ସରକାରଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିଜେ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ତେବେ ମହାନଦୀ ଜଳ ବିବାଦର ସମାଧାନ ଦୀପାବଳି ପୂର୍ବରୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ବିବୃତ୍ତି ପ୍ରଦାନ କରିଥିଲେ। କିନ୍ତୁ କେଉଁ ଆଧାରରେ ଦିଲ୍ଲୀରେ ଆଲୋଚନା ହେଲା, ସେ ବାବଦରେ ଓଡ଼ିଶାବାସୀଙ୍କୁ ଜଣାଇବା ମୁଖ୍ୟମନ୍ତ୍ରୀଙ୍କ ନୈତିକ ଦାୟିତ୍ୱ। ବୈଠକରେ ମୁଖ୍ୟମନ୍ତ୍ରୀ କ'ଣ ଆଲୋଚନା କରିଲେ ତାହାକୁ ସାର୍ବଜନୀନ କରିଲେ ନାହିଁ। ମହାନଦୀର ଜଳ ପରିଚାଳନ ନେଇ ଓଡ଼ିଶାକୁ ଛତିଶଗଡ ସହଯୋଗ କରୁନାହିଁ। ବାରମ୍ବାର ଜଣାଇବା ସତ୍ତ୍ୱେ ସରଡିହି ବ୍ୟାରେଜ ପାଖରେ ଏକ ନୂତନ ଗେଜ୍ ପ୍ରତିଷ୍ଠା ପାଇଁ ଛତିଶଗଡ଼ ମାନୁନାହିଁ। ଓଡ଼ିଶା ସରକାରଙ୍କ କଥାକୁ ଛତିଶଗଡ ବେଖାତିର କରିଚାଲିଛି। ପୁରୁଣା ଗେଜ ସଠିକ୍ ଭାବରେ କାର୍ଯ୍ୟ କରୁନଥିବାରୁ ଜଳ ପରିଚାଳନାରେ ସମସ୍ୟା ହେଉଛି। ଏନ୍. ଖୋସଲାଙ୍କ ରିପୋର୍ଟ ପରେ ଛତିଶଗଡ ସରକାର ଏହାକୁ ଉଲ୍ଲଙ୍ଘନ କରି ଜଳ ବିବାଦ ସୃଷ୍ଟି କରୁଛନ୍ତି। ଛତିଶଗଡ ସରକାରଙ୍କ ମନମାନି ଯୋଗୁଁ ହୀରାକୁଦ ଜଳଭଣ୍ଡାର ସୁରକ୍ଷା ପାଇଁ ରୁଲକର୍ଭ ନୀତିର ଅନୁପାଳନ ହୋଇପାରୁ ନାହିଁ। ଛତିଶଗଡର ପଛୁଆ ପାଣି ହୀରାକୁଦକୁ ବିପଦ ସୃଷ୍ଟି କରିବା ସହ ଓଡ଼ିଶାରେ ବନ୍ୟା ସ୍ଥିତି ସଙ୍ଗୀନ ହେଉଛି। ଓଡ଼ିଶାର ବୃହତ୍ତର ସ୍ୱାର୍ଥ ପାଇଁ ରାଜ୍ୟ ସରକାର ଚୁପ୍ ନରହି ଲଢ଼େଇ କରନ୍ତୁ। ମହାନଦୀ ଜଳ ବିବାଦର ସମାଧାନ ନେଇ ଦିଲ୍ଲୀରେ ରାଜ୍ୟ ସରକାର କ'ଣ ଆଲୋଚନା କରିଲେ ସେ ବାବଦରେ ଓଡ଼ିଶାବାସୀଙ୍କୁ ଜଣାନ୍ତୁ ବୋଲି ସେ କହିଥିଲେ।

ଡ. ଅରୁଣ କୁମାର ସାହୁ କହିଥିଲେ ଯେ କେନ୍ଦ୍ର ସମେତ ଛତିଶଗଡ ଏବଂ ଓଡ଼ିଶାରେ ବିଜେପି ସରକାର ରହିଛି। ତେବେ ଟ୍ରିପଲ ଇଞ୍ଜିନ ସରକାର ଥାଇ ବି ମହାନଦୀ ଜଳ ବିବାଦର ସମାଧାନ ହୋଇପାରୁ ନାହିଁ। ରାଜ୍ୟ ସରକାର ନିଜକୁ ଛତିଶଗଡ ପାଖରେ ଆତ୍ମସମର୍ପଣ କରିଛନ୍ତି। ଖରାଦିନେ ମହାନଦୀ ଶୁଖିଲା ପଡ଼ିଥିବା ବେଳେ ରାଜ୍ୟ ସରକାର ଆଲୋଚନା କରିଲେ ନାହିଁ। ବର୍ଷା ସମୟରେ ଆଲୋଚନା



**■ ଓଡ଼ିଶାରେ ଉପୁଜିଥିବା ବନ୍ୟା ସ୍ଥିତି ସମ୍ପୂର୍ଣ୍ଣ ମନୁଷ୍ୟକୃତ**
**■ ଟ୍ରିପଲ ଇଞ୍ଜିନ ସରକାର ଥାଇ ବି ମହାନଦୀ ଜଳ ବିବାଦ ସମାଧାନରେ ବିଳମ୍ବ**
**■ ବୈଠକରେ ହୋଇଥିବା ଆଲୋଚନାକୁ ତୁରନ୍ତ ସାର୍ବଜନୀନ କରନ୍ତୁ ରାଜ୍ୟ ସରକାର**

କରିଲେ କାହିଁକି? ଖରାଦିନେ ମହାନଦୀର ଜଳ ସଙ୍କଟକୁ ଓଡ଼ିଶାବାସୀଙ୍କ ମନରୁ ଭୁଲାଇ ଦେବାକୁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ଛତିଶଗଡ ପାଖରେ ୨୪ ଲକ୍ଷ ମିଲିୟନ ଏକର ଫୁଟ ପାଣି ଥିବାବେଳେ ୧୦ ଲକ୍ଷ ମିଲିୟନ ଏକର ଫୁଟ ପାଣି ବ୍ୟବହାର କରିବା ପାଇଁ ତତ୍କାଳୀନ ଓଡ଼ିଶା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଛତିଶଗଡ଼ ମହାନଦୀ ଜଳର ୨୭ ଲକ୍ଷ ମିଲିୟନ ଏକର ଫୁଟ ଜଳ ଆବଶ୍ୟକ କରୁଥିବାରୁ ଜଳ ବିବାଦ ମୁଣ୍ଡ ଟେକିଥିଲା। ଅଣମୌସୁମୀ ସମୟରେ ହୀରାକୁଦ ଜଳଭଣ୍ଡାର ପରିଚାଳନା ଓ କୃଷି କାର୍ଯ୍ୟ ପାଇଁ ଓଡ଼ିଶାକୁ ୧.୭୪ ମିଲିୟନ ଏକର ଫୁଟ ପାଣିର ଆବଶ୍ୟକତା ଥିବାବେଳେ ଛତିଶଗଡ ନିଜର ମନମାନି କରି ତାହା ଦେଉନାହିଁ। ଖରାଦିନେ କଲମା ବ୍ୟାରେଜର ସମସ୍ତ ଗେଟ ବନ୍ଦ ରଖୁଛି ଛତିଶଗଡ, ଯାହାଫଳରେ ଓଡ଼ିଶା ପଟ ଶୁଖିଲା ପଡୁଛି। ବର୍ଷ ତମାମ ପାଣି ଅଟକାଇ ରଖୁଥିବା ବେଳେ ବନ୍ୟା ସମୟରେ କଲମା ବ୍ୟାରେଜର ସମସ୍ତ ଗେଟ ଛତିଶଗଡ ଖୋଲି ଦେବା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଜଳ ବିବାଦର ସମାଧାନ ନେଇ ରାଜ୍ୟ ସରକାର ଦିଲ୍ଲୀରେ ଆଲୋଚନା କରିଥିବା ବେଳେ ଏହାକୁ ସାର୍ବଜନୀନ କରିବା ପାଇଁ ଡରୁଛନ୍ତି କାହିଁକି ବୋଲି ଡ. ସାହୁ ପ୍ରଶ୍ନ କରିଥିଲେ। ଭୃଗୁ ବକ୍ସିପାତ୍ର କହିଥିଲେ ଯେ ମହାନଦୀ ଜଳ ବିବାଦ ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହୋଇଛି। ଉକ୍ତ ଟ୍ରିବ୍ୟୁନାଲ ୬ ଦିନ ଧରି ଓଡ଼ିଶା ବୁଲିକି ଗଲେ। ଏନେଇ ରାଜ୍ୟ ସରକାର ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ହେଁ ଫଳ ଶୂନ୍ୟ। ଓଡ଼ିଶାକୁ ନ ଜଣାଇ ଛତିଶଗଡ କଲମା ବ୍ୟାରେଜ ଗେଟ୍ ଖୋଲିବାରୁ ଓଡ଼ିଶାରେ ବନ୍ୟା ବିପ୍ରାତ ହେଲା। ଏଥିପାଇଁ ବିଜେପି ସରକାର ହିଁ ସମ୍ପୂର୍ଣ୍ଣ ଭାବେ ଦାୟୀ। ମୁଖ୍ୟମନ୍ତ୍ରୀ ଦଳୀୟ ସ୍ୱାର୍ଥକୁ ଛାଡି ଓଡ଼ିଶାର ସ୍ୱାର୍ଥ ପାଇଁ ନିଜକୁ ସମର୍ପଣ କରନ୍ତୁ। ଅନ୍ୟ ମାନଙ୍କୁ ଖୁସି କରାଇବାକୁ ଛତିଶଗଡ ପାଖରେ ଓଡ଼ିଶାକୁ ବିକି ନଦିଅନ୍ତୁ। ମହାନଦୀ ଜଳ ବିବାଦର ସମାଧାନ ପାଇଁ ବୈଠକରେ କ'ଣ ଆଲୋଚନା ହୋଇଛି ତାହାକୁ ତୁରନ୍ତ ସାର୍ବଜନୀନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

**■ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀଙ୍କ ବିବୃତି**

## ୩ ମାସ ମଧ୍ୟରେ ସମାଧାନର ପନ୍ଥା ବାହାରିବା ଆଶା ଉଜ୍ଜ୍ୱଳ

ଭୁବନେଶ୍ୱର,୧।୮ (ସମିସ): ଦିଲ୍ଲୀରେ ମହାନଦୀ ଜଳବିବାଦ ସମ୍ପର୍କିତ ବୈଠକରେ ଯୋଗଦେବା ରାଜ୍ୟ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗତ ୩୦ ତାରିଖ ଦିନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍ ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇଙ୍କ ସହିତ ସେ ଯୋଗଦେଇଥିଲେ। ବୈଠକରେ ସୌହାଦ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ଆପୋଷ ସମାଧାନ ପାଇଁ ଆଲୋଚନା ହୋଇଥିଲା। ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ଓ ଅଧିକାର, ଚାଷୀକୂଳର ହିତ ଏବଂ ପରିବେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ସମାଧନର ପନ୍ଥା ନିର୍ଦ୍ଧାରଣ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**ମହାନଦୀ ଜଳ ବିବାଦ ବୈଠକ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା**

ନିଜର ଦିଲ୍ଲୀ ଗସ୍ତ ସମ୍ପର୍କରେ ଶନିବାର ଲୋକସେବା ଭବନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରୀୟ ଜଳ କମିଶନ ଅଧ୍ୟକ୍ଷଙ୍କ ଅଧିନରେ ଗଠିତ ଏକ ଟେକ୍‌ନିକାଲ୍ କମିଟି ଆସନ୍ତା ୩ ମାସ ମଧ୍ୟରେ ମହାନଦୀ ଟ୍ରିବ୍ୟୁନାଲକୁ ଏହାର ରିପୋର୍ଟ ପ୍ରଦାନ କରିବ। ଏହାଦ୍ୱାରା ମହାନଦୀ ଜଳ ସମସ୍ୟାର ସମାଧାନ ବାହାରିବ ଏବଂ ଆସନ୍ତା ଦୀପାବଳୀ ଆମ ପାଇଁ ଶୁଭଙ୍କର ହେବ। ଏହା ସହିତ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ନୀତି ଆୟୋଗ ତଥା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ପ୍ରଫେସର କେ.ଭି. ରାଜୁ ପ୍ରମୁଖଙ୍କୁ ଭେଟି ରାଜ୍ୟର ବିଭିନ୍ନ ସ୍ୱାର୍ଥ ସମ୍ବଳିତ ବିଷୟ ଉପରେ ଆଲୋଚନା କରିଥିଲେ ବୋଲି ସୂଚନା ଦେଇଛନ୍ତି।

## ୭ ରାଜ୍ୟ ପାଇଁ କେନ୍ଦ୍ରର ୨,୧୧୭.୮୫ କୋଟି ବନ୍ୟା ସହାୟତା ରାଶି ମଞ୍ଜୁର

ନୂଆଦିଲ୍ଲୀ/ଭୁବନେଶ୍ୱର,୧।୮ (ସମିସ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଓଡ଼ିଶା ସମେତ ୭ଟି ବନ୍ୟା ପ୍ରଭାବିତ ରାଜ୍ୟ ପାଇଁ ମୋଟ ୨,୧୧୭.୮୫ କୋଟି ଟଙ୍କାର ଅଗ୍ରୀମ ଆର୍ଥିକ ସହାୟତା ମଞ୍ଜୁର କରିଛନ୍ତି। ଏହି ପ୍ୟାକେଜ୍ ଅଧୀନରେ ଓଡ଼ିଶାକୁ ୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍)ର ଦ୍ୱିତୀୟ କିସ୍ତି ଭାବେ ଏହି ୫୦୦ କୋଟି ଟଙ୍କା ମଞ୍ଜୁର ହୋଇଛି। କେନ୍ଦ୍ରରୁ ମିଳିଥିବା ଏହି ସହାୟତା ରାଶି ବନ୍ୟା ପ୍ରଭାବିତ ପରିବାରଙ୍କୁ ତୁରନ୍ତ ସହାୟତା ଯୋଗାଇବା ଏବଂ କ୍ଷୟକ୍ଷତିର ମୁକାବିଲା କରିବାରେ ରାଜ୍ୟ ସରକାରଙ୍କୁ ସାହାଯ୍ୟ କରିବ। ଓଡ଼ିଶା ସମେତ ଗୁଜରାଟ ଏବଂ ମହାରାଷ୍ଟ୍ର ପାଇଁ ମଧ୍ୟ ୫୦୦ କୋଟି ଟଙ୍କା ଲେଖାଏଁ ମଞ୍ଜୁର କରାଯାଇଛି। ଅନ୍ୟପକ୍ଷରେ ଆସାମକୁ ୩୭୯.୩୫ କୋଟି, ହିମାଚଳ ପ୍ରଦେଶକୁ ୧୯୩.୯୫ କୋଟିର ଦ୍ୱିତୀୟ କିସ୍ତି, ଅରୁଣାଚଳ ପ୍ରଦେଶକୁ ୪୪.୫୫ କୋଟି ଏବଂ ନାଗାଲାଣ୍ଡ ପାଇଁ ମଧ୍ୟ ଆବଶ୍ୟକୀୟ ପାଣ୍ଠି ଘୋଷଣା କରାଯାଇଛି। ବନ୍ୟା ମୁକାବିଲା ପାଇଁ ଏନଡିଆରଏଫ ଟିମ୍ ମୁତୟନ ସହ ଆବଶ୍ୟକ ସ୍ଥଳେ ପ୍ରତିରକ୍ଷା ମନ୍ତ୍ରଣାଳୟ ଜରିଆରେ ଯୋଗାଯୋଗ ଓ ଅନ୍ୟାନ୍ୟ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି।

**■ ଓଡ଼ିଶାକୁ ମିଳିଲା ୫୦୦ କୋଟି**
**■ ସୁଦୃଢ଼ ହେବ ଉଦ୍ଧାର, ରିଲିଫ୍ ଏବଂ ଥଇଥାନ କାର୍ଯ୍ୟ: ମୁଖ୍ୟମନ୍ତ୍ରୀ**

ସୂଚନାଯୋଗ୍ୟ, ଓଡ଼ିଶା ପୂର୍ବରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ କିସ୍ତିର ଅର୍ଥ ପାଇସାରିଛି। ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରିଲିଫ୍, ଉଦ୍ଧାର ଏବଂ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ଅଗ୍ରୀମ ଅର୍ଥ ଜାରି କରିଛନ୍ତି। ରାଜ୍ୟର ପ୍ରାୟ ୧୫ଟି ଜିଲ୍ଲାରେ ୭.୯୨ ଲକ୍ଷରୁ ଅଧିକ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବିଶେଷ କରି ମହାନଦୀ ବନ୍ୟା ଯୋଗୁଁ କୁଜଙ୍ଗ ଅଞ୍ଚଳର ଅନେକ ଗାଁ ଜଳବନ୍ଦୀ ହୋଇ ରହିଛି। ବାଲେଶ୍ୱର ଓ ଯାଜପୁର ଜିଲ୍ଲାରେ ପରିସ୍ଥିତି ଗମ୍ଭୀର ରହିଛି।

ରାଜ୍ୟରେ ବର୍ତ୍ତମାନର ବନ୍ୟା ସ୍ଥିତି ମଧ୍ୟରେ କେନ୍ଦ୍ରର ଏହି ସମୟୋପଯୋଗୀ ସହାୟତା ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶା ବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସହାୟତା ରାଜ୍ୟର ଉଦ୍ଧାର, ରିଲିଫ୍ ଏବଂ ଥଇଥାନ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବ। ପ୍ରଭାବିତ ପରିବାରଗୁଡ଼ିକୁ ଆବଶ୍ୟକୀୟ ସହାୟତା ଯୋଗାଇବାରେ ସହାୟକ ହେବ ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। କେନ୍ଦ୍ରର ଏହି ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

**ବନ୍ୟା ଦାଉ ସହ ଦୁଃଖ ଦେଉଛି ସରକାରୀ ନୀତି**

## ଖରିଫ୍ ଚାଷୀ ପଞ୍ଜୀକରଣ କଥା ଭୁଲିଗଲେ କି ସରକାର

ନୟାଗଡ଼/ଭୁବନେଶ୍ୱର,୧।୮ (ସମିସ): ସାରା ରାଜ୍ୟରେ ବନ୍ୟା ପରିସ୍ଥିତି ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଥିବା ବେଳେ ସରକାରୀ ନୀତି ଚାଷୀଙ୍କ ଉପରେ ସମସ୍ୟାର ପାହାଡ଼ ଠିଆ କରିଛି। ନବୀନ ସରକାରଙ୍କ ଚାଷୀଙ୍କ ପ୍ରତି ଦରଦ ମନୋଭାବ ଏ ସରକାର ଅମଳରେ ନାହିଁ ବୋଲି ଖୋଦ୍ ଚାଷୀ ସଂଗଠନ ଗୁଡ଼ିକ ଅଭିଯୋଗ କରୁଛନ୍ତି। ପ୍ରତ୍ୟେକ ବର୍ଷ ଜୁଲାଇ ୧୫ ତାରିଖରୁ ଧାନ ବିକ୍ରି ପାଇଁ ସମବାୟ ବିଭାଗ ଆନୁକୂଲ୍ୟରେ ପ୍ୟାକ୍ସ ଜରିଆରେ ପଞ୍ଜିକରଣ ହୋଇଥାଏ। ଗତ ବର୍ଷ ଏହା ସାମାନ୍ୟ ବିଳମ୍ବ ହୋଇଥିଲା। ଚଳିତ ବର୍ଷ ସରକାରଙ୍କ ଖରିଫ୍ ଚାଷୀ ପଞ୍ଜିକରଣ ବିଷୟ ମନେ ଅଛି ନାଁ ନାହିଁ ବୋଲି ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସନ୍ନ୍ୟାସୀ ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି। ଏହା ସରକାରଙ୍କ ଅପାରଗତା ବୋଲି ସିଧାସଳଖ କହିବା ସହ ଚାଷୀଙ୍କ ସାଥିରେ ଖେଳିଲେ ପରିସ୍ଥିତି ଭୟଙ୍କର ହେବ ବୋଲି କହିଛନ୍ତି। ରାଜ୍ୟରେ ନଭେମ୍ବର ଓ ଡିସେମ୍ବର ମାସରୁ ଧାନକିଣା ଆରମ୍ଭ ହେଉଥିବା ବେଳେ ଜୁଲାଇ ୧୫ ତାରିଖରୁ ଅଗଷ୍ଟ ୧୫ ମଧ୍ୟରେ ଚାଷୀ ପଞ୍ଜିକରଣ ହୋଇଥାଏ। ଏହା ପରେ ଆର୍‌ଆଇ, କୃଷି ଅଧିକାରୀ ଓ ପ୍ୟାକ୍ସ ସମ୍ପାଦକଙ୍କ ଜରିଆରେ ଭେରିଫିକେସନ୍ ହୋଇଥାଏ। ଭେରିଫିକେସନ୍ ପରେ ସାଟେଲାଇଟ୍ ଭେରିଫିକେସନ୍, ଭାଗଚାଷୀ ଆବେଦନ ଯାଞ୍ଚ ଭଳି

**■ ଜୁଲାଇ ୧୫ରୁ ପଞ୍ଜୀକରଣ ଆରମ୍ଭ ହେଉଥିଲା**
**■ ଏଯାଏଁ ପ୍ରକାଶିତ ହୋଇନି ବିଭାଗୀୟ ନିର୍ଦ୍ଦେଶ**

ନାନାଦି କାର୍ଯ୍ୟ ପରେ ଟୋକନ୍ ଇସ୍ୟୁ କରାଯାଏ। ଏଥିପାଇଁ ପର୍ଯ୍ୟାପ୍ତ ସମୟର ମଧ୍ୟ ଆବଶ୍ୟକତା ରହିଛି। ସରକାର ଚଳିତ ବର୍ଷ ଚାଷୀ ପଞ୍ଜିକରଣ ପାଇଁ କୌଣସି ନିର୍ଦ୍ଦେଶ ପ୍ରକାଶ କରିନାହାନ୍ତି। ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ମାଷ୍ଟର ଟ୍ରେନର ତାଲିମ ପ୍ରକ୍ରିୟା, ଜିଲ୍ଲା ସ୍ତରରେ ପ୍ୟାକ୍ସ ଡିଇଓଙ୍କ ତାଲିମ ପ୍ରକ୍ରିୟା ପାଇଁ ମଧ୍ୟ ସମୟ ଆବଶ୍ୟକ। ସରକାର ଚିଠି ପ୍ରକାଶ ପାଇବା ପରେ ଅନୁନ୍ୟ ୧୫ ଦିନ ବ୍ୟବଧାନରେ ପଞ୍ଜିକରଣ କାର୍ଯ୍ୟ ଆରମ୍ଭ ହେବ। ଏଯାଏଁ ସରକାର ପଞ୍ଜିକରଣ ପାଇଁ କୌଣସି ନିର୍ଦ୍ଦେଶ ଜାରି କରିନଥିବାରୁ ଚାଷୀ, ସମବାୟ ବିତ୍ ଓ ପ୍ୟାକ୍ସ କର୍ମଚାରୀମାନେ ଦ୍ୱନ୍ଦରେ ରହିଛନ୍ତି। ୨୦୨୫-୨୬ ମସିହାରେ ରାଜ୍ୟରେ ୧୮ ଲକ୍ଷ ୮୫ ହଜାର ଚାଷୀ ଧାନ ବିକ୍ରି କରିଥିଲେ। ରାଜ୍ୟ ସରକାର ଧାନ କିଣିବା ପାଇଁ ୪୮୬୯ ଟି ମଣ୍ଡି ବ୍ୟବସ୍ଥା କରିଥିଲେ। ସରକାର ୨୩, ୬୦୩ କୋଟି ଟଙ୍କା ଧାନକିଣା ବାବଦ ପ୍ରଦାନ କରିଥିବା ବେଳେ ୫୫୬୫ କୋଟି ଟଙ୍କା ଇନପୁଟ୍ ସବସିଡ଼ି ପ୍ରଦାନ କରିଥିଲେ। ରାଜ୍ୟ ସରକାର ଇନପୁଟ୍ ସବସିଡ୍‌କୁ ନେଇ ବ୍ୟାପକ ଚିନ୍ତାରେ ରହିଥିବାରୁ ଚଳିତ ବର୍ଷ ପଞ୍ଜିକରଣରେ ବିଳମ୍ବତା ଘଟୁଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ କୌଣସି ଉପାୟ ଅବଲମ୍ବନ କରି ଚାଷୀ ପଞ୍ଜିକରଣ କମ କରିବା ତଥା ଧାନକିଣା କମ କରିବା ଯୋଜନାରେ ରହିଥାଇ ପାରନ୍ତି ବୋଲି ମତ ପ୍ରକାଶ ପାଇଛି।

**■ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ**

## ମନ୍ତ୍ରୀମାନଙ୍କୁ ଜିଲ୍ଲା ଦାୟିତ୍ୱ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବନ୍ୟା ପରିସ୍ଥିତିର ପରିଚାଳନା ପାଇଁ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ଆକାଶ ମାର୍ଗରୁ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପରେ ମୁଖ୍ୟମନ୍ତ୍ରୀ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିବା ପାଇଁ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ କେନ୍ଦ୍ରାପଡ଼ା ଓ ଜଗତସିଂହପୁର, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପୁରୀ ଜିଲ୍ଲା ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି। ଏହାସହିତ ଅନ୍ୟମନ୍ତ୍ରୀମାନେ ପ୍ରଭାରୀ ମନ୍ତ୍ରୀ ଭାବେ ନିଜ ନିଜ ଜିଲ୍ଲା ଗସ୍ତ କରି ସେଠାରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିବେ ବୋଲି କୁହାଯାଇଛି।

## ଏସ୍‌ଆଇଆର୍-୨୦୨୬: ଦାବି ଓ ଆପତ୍ତି ଦାଖଲ ଅବଧି ୧୯ ଅଗଷ୍ଟ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର,୧।୮ (ସମିସ): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଅଧୀନରେ ଚିଠା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ ପାଇଁ ସମୟସୀମାକୁ ଭାରତ ନିର୍ବାଚନ ଆୟୋଗ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ଆଧିକାରିକ ବିଜ୍ଞପ୍ତି ଆଜି ଗୃହ (ନିର୍ବାଚନ) ବିଭାଗ ପକ୍ଷରୁ ଓଡ଼ିଶା ଗେଜେଟ୍ ରେ ପ୍ରକାଶ ପାଇଛି। ୦୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରିଛନ୍ତି। ରାଜ୍ୟରେ ଅଧିକରୁ ଅଧିକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯୋଗ୍ୟ ଭୋଟରଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ ଓ ଅନ୍ତର୍ଭୂକ୍ତିମୂଳକ କରିବା ଉଦ୍ଦେଶ୍ୟରେ ଏହି ସମୟ ବୃଦ୍ଧି କରାଯାଇଛି। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର୍. ଏସ୍. ଗୋପାଳନଙ୍କ ଅନୁରୋଧ କ୍ରମେ, Registration of Electors Rules, 1960ର Rule 12 ଅନୁଯାୟୀ ଭାରତ ନିର୍ବାଚନ ଆୟୋଗ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖକୁ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭୋଟର ତାଲିକାରେ ଥିବା ତଥ୍ୟରେ କୌଣସି ତ୍ରୁଟି ରହିଛି, ସେମାନେ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ-୬ ମାଧ୍ୟମରେ ନୂତନ ଭୋଟର ଭାବେ ପଞ୍ଜୀକରଣ, ଫର୍ମ-୭ ମାଧ୍ୟମରେ ନାମ ବିଲୋପ ପାଇଁ ଆବେଦନ ଏବଂ ଫର୍ମ-୮ ମାଧ୍ୟମରେ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଆବେଦନ କରାଯାଇପାରିବ। ୦୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି।

ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନୋଟିସ ପ୍ରଦାନ, ଶୁଣାଣି ଓ ଦାବି-ଆପତ୍ତିର ନିଷ୍ପତ୍ତି ପ୍ରକ୍ରିୟା ୧୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହା ପରେ ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଏହି ବର୍ଦ୍ଧିତ ସମୟସୀମାର ସୁଯୋଗ ନେଇ ନିଜ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା କିମ୍ବା ଆବଶ୍ୟକ ସଂଶୋଧନ କରାଇବା ପାଇଁ ଆହ୍ୱାନ ଜଣାଇଛନ୍ତି।

## ହଁସୁଆରେ ନିଖୋଜ ଦୁଇ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଏରସମା,୧।୮ (ସମିସ): ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ ଆମ୍ବିକି ପଞ୍ଚାୟତର ହଁସୁଆ ନଦୀରେ ଗାଧୋଇବା ବେଳେ ନିଖୋଜ ହୋଇଥିବା ଦୁଇ ଛାତ୍ରଙ୍କୁ ଶନିବାର ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ଦୀର୍ଘ ସମୟ ଧରି ଚାଲିଥିବା ସର୍ଚ୍ଚ ଅପରେସନ ପରେ ଉଭୟଙ୍କ ମୃତଦେହ ନଦୀରୁ ଉଦ୍ଧାର କରାଯାଇଥିଲା। ସୂଚନା ଅନୁଯାୟୀ, ଶୁକ୍ରବାର ଆମ୍ବିକି ଗ୍ରାମର ୫ ଜଣ ପିଲା ହଁସୁଆ ନଦୀର ଦହିବର-ଆମ୍ବିକି ପୋଲ ନିକଟକୁ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ଦଶମ ଶ୍ରେଣୀ ଛାତ୍ର ଅକ୍ଷୟ କାଣ୍ଡିଙ୍କ ପୁଅ ବୁଟୁ କାଣ୍ଡି (୧୪) ଓ ବି-ଟେକ୍ ଛାତ୍ର ବିଧାନ କାଣ୍ଡିଙ୍କ ପୁଅ କାହ୍ନା କାଣ୍ଡି (୧୯) ପ୍ରବଳ ସୁଅରେ ଭାସି ନିଖୋଜ ହୋଇଯାଇଥିଲେ। ଘଟଣା ପରେ ଅଗ୍ନିଶମ ବିଭାଗ, ସ୍ଥାନୀୟ ପ୍ରଶାସନ ଏବଂ ଗ୍ରାମବାସୀଙ୍କ ସହଯୋଗରେ ବ୍ୟାପକ ଖୋଜାଖୋଜି କରାଯାଇଥିଲା। ଅଗ୍ନିଶମ ବିଭାଗ ଆଜି ଉଭୟଙ୍କ ମୃତଦେହକୁ ନଦୀରୁ ଉଦ୍ଧାର କରିଛି। ମୃତଦେହ ଉଦ୍ଧାର ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ପୁଲିସ ମୃତଦେହକୁ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ଆସନ୍ତାକାଲି ପଠାଯିବ ବୋଲି ଏରସମା ପୁଲିସ ସୂଚନା ଦେଇଛି।

## ଆସନ୍ତା ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧।୮ (ସମିସ): ଆସନ୍ତା ସୋମବାର ଅଗଷ୍ଟ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ଜନ ଅଭିଯୋଗ ଶୁଣାଣି ହେବ ନାହିଁ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବିଦ୍ୟାଳୟରେ ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ରାଇକିଆ,୧।୮ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ବଡ଼ ବାରାବା ପଞ୍ଚାୟତର ପିର୍ତିଗୁଡା ପ୍ରାଥମିକ ବିଦ୍ୟାଳୟର ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କର ଗତ ୨୮ ତାରିଖ ଦିନ ମୃତ୍ୟୁ ଘଟିଥିଲା। ତେବେ ଛାତ୍ରୀଙ୍କ ମୃତ୍ୟୁ କେଉଁ କାରଣ ଯୋଗୁଁ ଘଟିଲା ଅସ୍ପଷ୍ଟ ରହିଥିବା ବେଳେ ବିଦ୍ୟାଳୟକୁ ଭୟରେ ଛାତ୍ରୀଛାତ୍ର ଯାଉ ନଥିବା ଜଣା ପଡ଼ିଛି। ଛାତ୍ରଛାତ୍ରୀ ଆସୁନଥିବା ଖବର ପାଇ ରାଇକିଆ ଏବିଇଓ ବିନ୍ଦୁ ନାୟକ ବିଦ୍ୟାଳୟକୁ ଯାଇ ପ୍ରାଥମିକ ତଦନ୍ତ କରିଥିବା ବେଳେ ଛାତ୍ରୀ ଜଣକ ହଠାତ୍ ବିଦ୍ୟାଳୟରେ ଅସୁସ୍ଥ ହୋଇପଡ଼ିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଗଞ୍ଜାମ ଜିଲ୍ଲା ସୋରଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା ବେଳେ ସେଠାରେ

**ବିଦ୍ୟାଳୟ ଆସୁନାହାନ୍ତି ଛାତ୍ରୀଛାତ୍ର**

ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ସେଠାରୁ ମୃତଦେହ ଆଣି ପରିବାର ଲୋକେ ଶେଷ କୃତ୍ୟ ସମ୍ପନ୍ନ କରିଥିଲେ। ଏହା ପରଠାରୁ ଭୟରେ ଛାତ୍ରୀଛାତ୍ର ଦୁଇ ଦିନ ଯାଇ ନଥିଲେ। ୩୧ ତାରିଖ ଦିନ ଏବିଇଓ ଗାଁକୁ ଯାଇ ଅଭିଭାବକ, ଛାତ୍ରଛାତ୍ରୀ, ବିଦ୍ୟାଳୟ କମିଟି ସହିତ ଆଲୋଚନା କରି ବୁଝାଇବା ପରେ କିଛି ଛାତ୍ରଛାତ୍ରୀ ବିଦ୍ୟାଳୟ ଯାଇଥିବା ଏବିଇଓ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଛାତ୍ରୀ ମୃତ୍ୟୁକୁ ନେଇ ପରିବାର ପକ୍ଷରୁ ରାଇକିଆ ବିଇଓଙ୍କ କାର୍ଯ୍ୟାଳୟରେ କୌଣସି ଲିଖିତ ଅଭିଯୋଗ ହୋଇ ନଥିବା ବେଳେ ଏବଂ ଥାନାରେ ମଧ୍ୟ କୌଣସି ପ୍ରକାର ଅଭିଯୋଗ ହୋଇନଥିବା କହିଛନ୍ତି ଥାନା ଅଧିକାରୀ ଏ ସ୍ୱର୍ଣ୍ଣ ଲତା ପାତ୍ର।

# ଜେଏନ୍‌ୟୁରେ 'ଆଦିକବି ସାରଳାଦାସ ଚେୟାର' ଦିଶାହୀନ

ଭୁବନେଶ୍ୱର,୧।୮ (ସମିସ): ଦେଶର ଅନ୍ୟତମ ପ୍ରତିଷ୍ଠିତ ଉଚ୍ଚଶିକ୍ଷାନୁଷ୍ଠାନ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ଗବେଷଣାକୁ ଜାତୀୟ ସ୍ତରରେ ସୁଦୃଢ଼ କରିବା ପାଇଁ 'ଆଦିକବି ସାରଳା ଦାସ ଚେୟାର୍ ଅଫ୍ ଓଡ଼ିଆ ଷ୍ଟଡିଜ୍' ସ୍ଥାପନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଆର୍ଥିକ ସହଯୋଗରେ ୨୦୧୬ରେ ଏହି ଚେୟାରକୁ ଅନୁମୋଦନ ମିଳିଥିବା ବେଳେ ୨୦୧୭ ଡିସେମ୍ବରରୁ କାର୍ଯ୍ୟକ୍ଷମ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଲୋକପରମ୍ପରା ଓ ଐତିହ୍ୟ ଉପରେ ଉଚ୍ଚସ୍ତରୀୟ ଗବେଷଣାକୁ ପ୍ରୋତ୍ସାହନ ଦେବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ମାତ୍ର ଆର୍ଥିକ ପ୍ରୋତ୍ସାହନ ଅଭାବ ଏବଂ ପ୍ରାଧ୍ୟାପକ ନଥିବାରୁ ଏହା ଏବେ ଲକ୍ଷ୍ୟଭ୍ରଷ୍ଟ ହେବା ସ୍ତରରେ ଉପନୀତ ହୋଇଛି।

ତତ୍କାଳୀନ ସରକାର ଏହି ଚେୟାର ପାଇଁ ୪ କୋଟି ୪୪ ଲକ୍ଷ ଟଙ୍କା ଅନୁଦାନରେ ଏକ କର୍ପସ ପାଣ୍ଠି ଗଠନ କରିଥିଲେ। ଏଥିରୁ ମିଳୁଥିବା ସୁଧରେ ଚେୟାର କାର୍ଯ୍ୟକ୍ଷମ ହେଉଥିଲା। ସମ୍ପ୍ରତି ସୁଧହାର କମିଥିବାବେଳେ ଦରମା ବୃଦ୍ଧି କାରଣରୁ ଅନୁଦାନ ନିଅଣ୍ଟ ହୋଇଛି। ଅପରପକ୍ଷରେ ବିଭିନ୍ନ ଭାଷା ପାଇଁ ଅନ୍ୟ ରାଜ୍ୟର ସରକାରମାନେ ଅଧିକ ଅନୁଦାନ ଦେଇଛନ୍ତି। କନ୍ନଡ ଚେୟାର, ମହାରାଷ୍ଟ୍ରର ୨ଟି

**■ ପ୍ରାଧ୍ୟାପକ ନ ଥିବାରୁ ୭ ମାସ ହେଲା କାର୍ଯ୍ୟକ୍ଷମ ହେଉନି**
**■ ୫ କୋଟି ୫୬ ଲକ୍ଷ ଅନୁଦାନ ପାଇଁ କୁଳପତିଙ୍କ ଅନୁରୋଧ**
**■ ଅନ୍ଧାରରେ ସ୍ୱତନ୍ତ୍ର ଓଡ଼ିଆ ବିଭାଗ ଖୋଲିବା ଏମ୍‌ଓୟୁର ଭାଗ୍ୟ**

ଚେୟାର, ଅସାମୀୟାର ଶଙ୍କରଦେବ ଚେୟାର ପାଇଁ ସେହି ରାଜ୍ୟର ସରକାର ପ୍ରାୟ ୧୦ରୁ ୧୫ କୋଟି ଲେଖାଏଁ ଅନୁଦାନ ଦେଇଛନ୍ତି। ଏଣୁ ସାରଳା ଦାସ ଚେୟାର୍‌କୁ ସୁପରିଚାଳନା କରିବା ପାଇଁ ଆଉ ୫ କୋଟି ୫୬ ଲକ୍ଷ ଟଙ୍କାର କର୍ପସ ଫଣ୍ଡ ପ୍ରଦାନ କରିବାକୁ ଜେଏନ୍‌ୟୁ କୁଳପତି ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ମାତ୍ର ଏବେଯାଏଁ ଓଡ଼ିଶା ସରକାର ଏହାକୁ ଅନୁଦାନ ଦେବା ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ନେଇ ନ ଥିବାରୁ ଚେୟାର କାର୍ଯ୍ୟକ୍ଷମ ହୋଇପାରିନାହିଁ।

ଅପରପକ୍ଷରେ ଏହି ଚେୟାର ଏବେ ମୁରବୀଶୂନ୍ୟ ହୋଇପଡ଼ିଛି। ପ୍ରାଧ୍ୟାପକ ଭାବେ ଡ. ଉଦୟନାଥ ସାହୁ ଡିସେମ୍ବର ୨୦୨୫ରେ ଅବସର ନେଇ ସାରିଥିବାବେଳେ ଦୀର୍ଘ ୭ ମାସ ହେବ ନୂତନ ନିଯୁକ୍ତି ହୋଇନାହିଁ। ପ୍ରାଧ୍ୟାପକ ପଦ ଖାଲି ପଡ଼ିଥିବାବେଳେ ମଞ୍ଜୁରୀପ୍ରାପ୍ତ ଜଣେ ସହକାରୀ ପ୍ରାଧ୍ୟାପକ, ଜଣେ କମ୍ପ୍ୟୁଟର ସହାୟକ ଓ ଜଣେ ଅଫିସ୍ ସହାୟକଙ୍କୁ ମଧ୍ୟ କାର୍ଯ୍ୟାନ୍ତର କରାଯାଇଛି। ଫଳରେ ଅନୁଦାନ ଅଭାବ ଓ ପ୍ରାଧ୍ୟାପକ ନଥିବାରୁ ସାରଳା ଦାସ ଚେୟାରେ ଏବେ ସମ୍ପୂର୍ଣ୍ଣ ଅକାମୀ ହୋଇପଡ଼ିଛି।

ଅନୁରୂପ ଭାବେ ଜେଏନ୍‌ୟୁରେ ଓଡ଼ିଆ ଭାଷାର ଏକ ସ୍ପେଶାଲ୍ ସେଣ୍ଟର ବା ସ୍ୱତନ୍ତ୍ର ଓଡ଼ିଆ ବିଭାଗ ଖୋଲିବା ପାଇଁ ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ହୋଇଥିଲା। ୨୦୨୪ରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସମୟରେ ଏମ୍‌ଓୟୁ ହୋଇଥିଲେ ମଧ୍ୟ ରାଜ୍ୟରେ ନୂତନ ସରକାର ଆସିବା ପରେ ଏହାକୁ ପ୍ରତିଷ୍ଠା ପାଇଁ ଗୁରୁତ୍ୱ ଦେଇ ନାହାନ୍ତି। ଫଳରେ ଦିଲ୍ଲୀରେ ଓଡ଼ିଆ ଭାଷା ପଢ଼ିବା ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଇଁ ଆଜି ମଧ୍ୟ ସ୍ୱପ୍ନ ହୋଇ ରହିଛି। ଦେଶ ଓ ବିଶ୍ୱରେ ଓଡ଼ିଆ ଭାଷାର ଲୋକପ୍ରିୟତା ପାଇଁ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ଗବେଷଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସରକାର ତୁରନ୍ତ ଏହାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନିଅନ୍ତୁ। ଆର୍ଥିକ ଅନୁଦାନ ସହିତ ପ୍ରୋତ୍ସାହନ, ଉଦ୍ୟମ ଓ ସହଯୋଗ ବିନା ଓଡ଼ିଆ ଭାଷା ପରିଚିତି ଲାଭ କରି ପାରିବ ନାହିଁ ବୋଲି ଶିକ୍ଷାବିତ ଓ ଭାଷାପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି।

ସକାଳ
THE SAKALA



## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ୨ ଗୁରୁତର

**ବଣାଇଁଗଡ଼, ୧।୮ (ସମିସ):** ବଣାଇଁ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ତାରିଣୀ ଢାବା ନିକଟରେ ଶନିବାର ଅପରାହ୍ନରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣ ଯୁବକ ଗୁରୁତର ହୋଇଛନ୍ତି। ଅପରାହ୍ନ ପ୍ରାୟ ୨.୩୦ରେ ଏକ ବାଇକ୍‌ରେ ଜଣେ ଯୁବକ ରାଉରକେଲାରୁ ଇନ୍ଦ୍ରପୁର ଅଭିମୁଖେ ଯାଉଥିବା ବେଳେ, ଅନ୍ୟ ଏକ ବାଇକ୍‌ରେ ଆଦର୍ଶ ବିଦ୍ୟାଳୟ ପଟୁ ଆସୁଥିବା ଜଣେ ଯୁବକଙ୍କ ସହ ତାରିଣୀ ଢାବା ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉଭୟ ଆହତଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ବଣାଇଁ ପୁଲିସ ତଦନ୍ତ ଆରମ୍ଭ କରିଛି।

# ସିରିଜ୍ ଦୁର୍ଘଟଣା; ୩ ଜଣଙ୍କ ସହ ୪ ଗାଈ ଗୁରୁତର

**ରାଉରକେଲା, ୧।୮ (ସମିସ)**

ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ରାଏବଗା ରୋଡ଼ର ସେସ୍ କଲୋନୀରୁ ଟୁଙ୍ଗୁରୀ ଦଫେଇ ମଧ୍ୟରେ ଆଜି ସନ୍ଧ୍ୟାରେ ଏକ କାର୍ ସିରିଜ୍ ଦୁର୍ଘଟଣା ଘଟାଇ ଆତଙ୍କ ସୃଷ୍ଟି କରିଛି। ମାତ୍ର ପ୍ରାୟ ୭୦୦ ମିଟର ବ୍ୟବଧାନରେ କାରଟି ଏକାଧିକ ଦୁର୍ଘଟଣା ଘଟାଇବା ପରେ ଶେଷରେ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ଦେଇ ଅଟକି ଯାଇଥିଲା।

ସୂଚନା ଅନୁସାରେ, ଏକ କାର୍ ରାଉରକେଲାରୁ ବୀରମିତ୍ରପୁର ଦେଇ ଝୁନମୁର ଅଭିମୁଖେ ଯାଉଥିଲା। ପ୍ରଥମେ ସେସ୍ କଲୋନୀ ନିକଟରେ କାରଟି ଏକ ସାଇକେଲ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ମୁଣ୍ଡରି ବଙ୍ଗଲା



ଅଞ୍ଚଳର ଜେମ୍ସ ଲୁଗୁନ (୫୦) ଗୁରୁତର ଆହତ ହୋଇ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ।

ଏହା ପରେ ମଧ୍ୟ କାରଟି ନ ଅଟକି ଟୁଙ୍ଗୁରୀ ଦଫେଇ ନିକଟରେ ରାସ୍ତା ଉପରେ ଓ ପାର୍ଶ୍ୱରେ ଥିବା ୪ଟି ଗାଈଙ୍କୁ ଧକ୍କା ଦେଇଥିଲା। ଶେଷରେ ନିୟନ୍ତ୍ରଣ ହରାଇ କାରଟି ରାସ୍ତା କଡରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ବୀରମିତ୍ରପୁର ପୁଲିସ ପହଞ୍ଚି କାର୍ ଚାଳକ ରାଜେନ୍ଦ୍ର ପ୍ରକାଶ (୫୫) ଏବଂ କାରରେ ଥିବା ମାଇକେଲ କୁଲୁ (୬୫)ଙ୍କୁ ଉଦ୍ଧାର କରି ବୀରମିତ୍ରପୁର ସରକାରୀ ଡାକ୍ତରଖାନାକୁ ପଠାଇଥିଲେ।

ପୁଲିସ ସୂଚନା ଅନୁଯାୟୀ, କାର୍ ଚାଳକ ରାଜେନ୍ଦ୍ର ପ୍ରକାଶ ସମ୍ବଲପୁର ଅଞ୍ଚଳରେ ସ୍କିଲ୍ ଡେଭଲପମେଣ୍ଟ ଅଫିସର ଭାବେ କାର୍ଯ୍ୟରତ। ସାଇକେଲ୍ ଆରୋହୀ, କାର୍ ଚାଳକ ଓ କାରରେ ଥିବା ଯାତ୍ରୀଙ୍କ ସମେତ ମୋଟ ୩ ଜଣ ଗୁରୁତର ଆହତ ହୋଇଥିବାରୁ ସେମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବୀରମିତ୍ରପୁର ପୁଲିସ ତଦନ୍ତ ଆରମ୍ଭ କରିଛି।

## ବ୍ୟବସାୟୀଙ୍କଠାରୁ ଠକିନେଲେ ୧୦ ହଜାର ଟଙ୍କା

**ରାଉରକେଲା, ୧।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ବିରମିତ୍ରପୁର ସହରରେ ଜଣେ ଠକ ଅଭିନବ ଉପାୟରେ ଜଣେ ବ୍ୟବସାୟୀଙ୍କୁ ପ୍ରାୟ ୧୦ ହଜାର ଟଙ୍କାର ଚୂନା ଲଗାଇଥିବା ଘଟଣା ସାମ୍ନାକୁ ଆସିଛି। ଏହି ଘଟଣା ଗତ ୩୦ ଜୁଲାଇ ସକାଳେ ଭାଙ୍ଗି ରୋଡ଼ ସ୍ଥିତ ଏକ ଆଳୁପିଆଜ ହୋଲସେଲ ଦୋକାନରେ ଘଟିଥିଲା। ଅଭିଯୁକ୍ତ ଜଣକ ଏକ ଟିଭିଏସ ଲୁନାରେ ଦୋକାନକୁ ଆସି ଆଳୁ, ପିଆଜ, ରସୁଣ, ଅଦା ସମେତ ଅନ୍ୟାନ୍ୟ ସାମଗ୍ରୀ କିଣିଥିଲେ। ଟଙ୍କା ନଥିବା କହି ଘରୁ ଜଣେ କର୍ମଚାରୀଙ୍କୁ ନିଜ ଲୁନାରେ ବସାଇ ରାଇବୋଗା ରୋଡ଼ସ୍ଥିତ ଘରୁ ଟଙ୍କା ଆଣି ଦେବାକୁ କହି ନେଇ ଯାଇଥିଲେ। ତେବେ ରାସ୍ତାରେ କର୍ମଚାରୀଙ୍କୁ ଛାଡ଼ି ଫେରାର ହୋଇଯାଇଥିଲେ। ଏହି ଠକେଇରେ ବ୍ୟବସାୟୀ ସୁରେଶ ସାହୁଙ୍କର ପ୍ରାୟ ୧୦ ହଜାର ଟଙ୍କାର କ୍ଷତି ହୋଇଥିବା ଜଣାପଡ଼ିଛି। ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ ସମ୍ପୂର୍ଣ୍ଣ ଘଟଣା କଏଦ ହୋଇଛି। ଫୁଟେଜରେ ଅଭିଯୁକ୍ତ ହେଲମେଟ ପିନ୍ଧିଥିବା ଦେଖିବାକୁ ମିଳିଛି। ପୀଡ଼ିତ ବ୍ୟବସାୟୀ ଏନେଇ ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଖୋଜାଖୋଜି ଆରମ୍ଭ କରିଛି।

### ସେକ୍ଟର-୧୯ ପୁଲିସକୁ ସଫଳତା

## ଛଅ ଛିନ୍‌ତାଇ ଓ ୩ ଚୋରି ମାମଲାର ପର୍ଦ୍ଦାଫାସ; ଜଣେ ଗିରଫ

**ରାଉରକେଲା, ୧।୮ (ସମିସ):** ରାଉରକେଲା ପୁଲିସ ଜିଲ୍ଲାର ସେକ୍ଟର-୧୯ ଥାନା ପୁଲିସ କ୍ରମାଗତ ଭାବେ ଘଟିଥିବା ୬ଟି ଛିନତାଇ ଓ ୩ଟି ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାରେ ସମ୍ପୃକ୍ତ ଦୁଇ ଜଣ ନାବାଳକଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ନିକଟରୁ ୮ଟି ଲୁଟ୍ ହୋଇଥିବା ମୋବାଇଲ୍ ଫୋନ୍, ୧୫ ହଜାର ୯୦୦ ଟଙ୍କା ନଗଦ, ରୂପା ଅଳଙ୍କାର, ଏକ ଘଣ୍ଟା ଓ ଘଟଣାରେ ବ୍ୟବହୃତ ଏକ ମୋଟରସାଇକେଲ୍ ଜବତ କରାଯାଇଛି।

### ୨ ନାବାଳକ ଅଟକ

ଏ ନେଇ ସ୍ଥାନୀୟ ସେକ୍ଟର - ୧୯ ଥାନା ପରିସରରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜୋନାଲ ଡିଏସପି ମନୋରଞ୍ଜନ ପ୍ରଧାନ ସୂଚନା ଦେଇ କହିଲେ ଯେ, ଗତ ଜୁଲାଇ ୨୯ ତାରିଖ ଅପରାହ୍ନ ପ୍ରାୟ ୨ଟାରେ ବିଶ୍ରା ଥାନା ଅନ୍ତର୍ଗତ ସରାଇଟୋଲି ଖୁଣ୍ଟଗାଁର ବାସିନ୍ଦା ସୁକୋ ଓରାମ ବ୍ୟାଙ୍କ ଅଫ୍ ଇଣ୍ଡିଆର ଟାଉନସିପ୍ ଶାଖା, ସେକ୍ଟର-୧୯ରୁ ୪ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ବ୍ୟାଙ୍କ ନିକଟ ରାସ୍ତାରେ ଏକ ମୋଟର ସାଇକେଲ୍‌ରେ ତିନି ଜଣ ଦୁର୍ବୃତ୍ତ ଆସି ତାଙ୍କ ଭ୍ୟାନିଟି ବ୍ୟାଗ୍ ଛିନତାଇ କରି ଫେରାର ହୋଇ ଯାଇଥିଲେ। ତାଙ୍କ ବ୍ୟାଗ୍‌ରେ ୪, ୧୦୦ ଟଙ୍କା ନଗଦ, ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ୍ ଓ ଫଟୋ ରହିଥିଲା। ଏହି ଘଟଣାକୁ ନେଇ ସେ ସେକ୍ଟର-୧୯ ଥାନାରେ ରିପୋର୍ଟ ଦେବା ପରେ ଆଇଆଇସି ବିଏନ୍



ସାହୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ।

ତଦନ୍ତ ସମୟରେ ପୁଲିସ ସେକ୍ଟର-୧ ଅନ୍ତର୍ଗତ କଲ୍ୟାଣୀ ବସ୍ତିର ନିବାସୀ ସୂରଜ ଚୌଧୁରୀ ଓରଫ ଚିଣ୍ଟୁ (୨୬)ଙ୍କୁ ଗିରଫ କରିଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଦୁଇଜଣ ନାବାଳକଙ୍କୁ ଅଟକ ରଖିଥିଲା। ପଚରାଉଚରା ବେଳେ ସେମାନଙ୍କ ସମ୍ପୃକ୍ତିରେ ସହରର ବିଭିନ୍ନ ଥାନା ଅଞ୍ଚଳରେ ଘଟିଥିବା ମୋଟ ୬ଟି ଛିନତାଇ ଓ ୩ଟି ଚୋରି ମାମଲାର ରହସ୍ୟ ଉନ୍ମୋଚନ ହୋଇଥିଲା।

ଅଭିଯୁକ୍ତମାନଙ୍କ ନିକଟରୁ ଏକ ରୂପା ପାଉଁଜି, ଏକ ରୂପା ମୁଦ୍ରା, ଏକ ହାତ ଘଣ୍ଟା, ୧୫, ୯୦୦ ଟଙ୍କା ନଗଦ ଓ ୮ଟି ବିଭିନ୍ନ କମ୍ପାନୀର ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏଥିସହ ଏକ ହିରୋ ହୋଣ୍ଡା ଏଚ୍‌ଏଫ୍ ଡିଲକ୍ସ ମୋଟରସାଇକେଲ୍ ମଧ୍ୟ ଜବତ କରାଯାଇଛି।

ତଦନ୍ତରେ ସେକ୍ଟର-୧୯, ସେକ୍ଟର-୧୫, ସେକ୍ଟର-୩, ସେକ୍ଟର-୭ ଓ ଝିରପାଣି ଥାନାରେ ରୁଜୁ ହୋଇଥିବା ଏକାଧିକ ଛିନତାଇ ଓ ଚୋରି ମାମଲାରେ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଅନ୍ୟ ଅଭିଯୁକ୍ତ ଓ ନାବାଳକମାନଙ୍କର ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚ ଚାଲିଥିବା ନେଇ ଡିଏସପି ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ।

ଏହି ଅଭିଯାନରେ ସେକ୍ଟର-୧୯ ଥାନା ଆଇଆଇସି ବି.ଏନ୍. ସାହୁ, ଝିରପାଣି ଥାନା ଆଇଆଇସି ପି. ସାହୁ, ପ୍ଲାଣ୍ଟସାଇଟ୍ ଥାନାର ଏସ୍‌ଆଇ ଏସ୍. ବାଲା, ସେକ୍ଟର-୩ ଥାନାର ଏସ୍‌ଆଇ ଆର୍.କେ. ଭୋଇ, ସେକ୍ଟର-୧୯ ଥାନାର ଏସ୍‌ଆଇ ଆର୍. ବେହେରା, ଏଏସ୍‌ଆଇ ଏମ୍.ଆର୍. ପରିଡ଼ା ଏବଂ ସେକ୍ଟର-୧୫ ଥାନାର ଏଏସ୍‌ଆଇ ଜେ. ଭଗତୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସୂଚନା ମିଳିଛି।

## କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ବୃଦ୍ଧ ଗୁରୁତର

**କୋଇଡ଼ା, ୧।୮ (ସମିସ):** କୋଇଡା ଥାନା ଅନ୍ତର୍ଗତ କୁସୁମଡିହି ଛକ ୫୨୦ ଜାତୀୟ ରାଜପଥ ନିକଟରେ ଶନିବାର ସନ୍ଧ୍ୟାରେ ଏକ କୋଇଲା ବୋଝେଇ ଟ୍ରକ୍ (ନଂ.ଓଡି୦୫ଏପି-୪୫୫୭) ରାସ୍ତାର ପାର୍ଶ୍ୱରୁ ଆସୁଥିବା କୁସୁମଡିହି ଗ୍ରାମର ସାନିକା ମୁଣ୍ଡାଙ୍କୁ ଧକ୍କା ଦେଇ ଗୋଡ଼ ଉପରେ ଚଢ଼ି ଯାଇଚି। ସ୍ଥାନୀୟ ଲୋକେ ପୁଲିସ୍ ସହାୟତାରେ ସାନିକାଙ୍କୁ ଉର୍ଦ୍ଧାର କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତାଙ୍କର ଦୁଇ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରି ରାଉରକେଲାର ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରିଥିଲେ। ଅନ୍ୟପଟେ କୋଇଡା ପୁଲିସ୍ ସମ୍ପୃକ୍ତ ଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଉଛି। ଉକ୍ତ ସ୍ଥାନ ଦୁର୍ଘଟଣାର ହଟସ୍ପଟ୍ ପାଲଟିଥିଲେ ସୁଦ୍ଧା ଏହି ସ୍ଥାନରେ ଦୈନନ୍ଦିନ ଦୁର୍ଘଟଣା ଘଟିଚାଲିଛି ହେଲେ ପ୍ରସାଶନ କୌଣସି ସତର୍କତା ମୂଳକ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି।



## ଚାରି ରାଜପଥରେ ଏଆଇ ଇ-ଚାଲାଣ ଲାଗୁ

**ରାଉରକେଲା, ୧।୮ (ସମିସ):** ରାଜ୍ୟରେ ସଡକ ସୁରକ୍ଷାକୁ ସୁଦୃଢ଼ କରିବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଆଜିଠାରୁ ଇଣ୍ଟେଲେକ୍ଟ୍ସ୍ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମଏସ) କାର୍ଯ୍ୟକାରୀ କରାଯାଇ ଇ-ଚାଲାଣ ଲାଗୁ କରାଯାଇଛି। ବୈଷୟିକ ଜ୍ଞାନ କୌଶଳ ଏହି ଟ୍ରାଫିକ ନିରୀକ୍ଷଣ ବ୍ୟବସ୍ଥା ଅଗଷ୍ଟ ୧ ତାରିଖରୁ ରାଜ୍ୟର ନିର୍ଦ୍ଧାରିତ ଜାତୀୟ ଏବଂ ରାଜ୍ୟ ରାଜପଥରେ କାର୍ଯ୍ୟକ୍ଷମ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରାଉରକେଲା - ସମ୍ବଲପୁର ୧୦ ନମ୍ବର୍ ରାଜ୍ୟ ରାଜପଥ ସହ ୪ ଟି ରାଜପଥରେ ଏହି ସିଷ୍ଟମ୍ ଚାଲୁ ହୋଇଛି। ମୁଖ୍ୟତଃ ଏଆଇ କ୍ୟାମେରା ମାଧ୍ୟମରେ ଚାରି ପ୍ରକାର ଟ୍ରାଫିକ ଉଲଙ୍ଘନ ଚିହ୍ନଟ ହେବ। ନିର୍ଦ୍ଧାରିତ ବେଗରୁ ଅଧିକ ବେଗରେ ଗାଡି ଚଳାଇବା, ଦୁଇଚକିଆ ଯାନରେ ୨ ଜଣଙ୍କ ଠାରୁ ଅଧିକ ବସିବା, ରଙ୍ଗ ରୁଟ୍ ରେ ଗାଡ଼ି ଚଳାଇବା, ବିନା ହେଲମେଟରେ ଗାଡି ଚଳାଇବା ଆଦି ଦେଖାଗଲେ ରାଜପଥରେ ଲାଗିଥିବା କ୍ୟାମେରାରେ ସ୍ୱତଃ ରେକର୍ଡ ହୋଇଯିବ। ପରେ ସମ୍ପୃକ୍ତ ଯାନ ନମ୍ବରକୁ ଇ-ଚାଲାଣ ଜାରି କରାଯିବ।

ଚାରି ଲେନ୍ ରାଜପଥରେ ଦୁଇ ଚକିଆ ଯାନ ଘଣ୍ଟା ପ୍ରତି ୬୦ କିଲୋମିଟର, ଚାରି ଚକିଆ ହାଲୁକା ଯାନ ୧୦୦ କିଲୋମିଟର, ଭାରି ଯାନ ୮୦ କିଲୋମିଟର ସ୍ପିଡ୍ ଟପିବ ନାହିଁ। ସେହିପରି ଦୁଇ ଲେନ୍ ରାଜପଥରେ ଦୁଇ ଚକିଆ ଯାନ ଘଣ୍ଟା ପ୍ରତି ୫୦ କିଲୋମିଟର ଏବଂ ହାଲୁକା ଏବଂ ଚାରି ଚକିଆ ଯାନ ଘଣ୍ଟା ପ୍ରତି ୬୦ କିଲୋମିଟର ମଧ୍ୟରେ ରହିବ ବୋଲି ଜଣାପଡ଼ିଛି। ଏଥିରେ ଖିଲାପ ହେଲେ ଇ-ଚାଲାଣ କଟିବ ବୋଲି ଜଣାପଡ଼ିଛି।

### ୨୪ ଘଣ୍ଟାରେ ଏଟିଏମ୍ ଲୁଟ୍ ଉଦ୍ୟମର ପର୍ଦ୍ଦାଫାସ

## ଝାଡ଼ଖଣ୍ଡରୁ ଅଭିଯୁକ୍ତ ଗିରଫ

**ରାଉରକେଲା, ୧।୮ (ସମିସ):** ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ଜରାଇକେଲା ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଏଟିଏମ୍ ଲୁଟ୍ ଉଦ୍ୟମ



ଘଟଣାର ପର୍ଦ୍ଦାଫାଶ କରି ଘଟଣା ରୁଜୁ ହେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲ୍ଲାର ମନୋହରପୁର ଥାନା ଅଞ୍ଚଳରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ବିଶ୍ରା ଥାନା ପୁଲିସ।


ଏ ନେଇ ବିଶ୍ରା ଥାନା ଆଇଆଇସି ମନୋରଞ୍ଜନ କୁମ୍ଭାର ସୂଚନା ଦେଇ କହିଛନ୍ତି ଯେ, ଗତ ଜୁଲାଇ ୩୦ ଓ ୩୧ ତାରିଖ ମଧ୍ୟରାତ୍ରିରେ ଜରାଇକେଲା ସ୍ଥିତ ଏସ୍‌ବିଆଇ ଏଟିଏମ୍‌ରୁ ଟଙ୍କା ଲୁଟିବା ପାଇଁ କିଛି ଦୁର୍ବୃତ୍ତ ଉଦ୍ୟମ କରିଥିଲେ। ଖବର ପାଇବା ପରେ ବିଶ୍ରା ଥାନାରେ ତୁରନ୍ତ ମାମଲା ରୁଜୁ ହେବା ସହ ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ପୁଲିସ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ପୁଲିସ ଦଳ ଗଠନ କରାଯାଇଥିଲା। ଝାଡ଼ଖଣ୍ଡର ମନୋହରପୁର ଅଞ୍ଚଳରେ ଏହି ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଶୁଭମ ମହାତୋ (୨୨) ନାମକ ଜଣେ ଦୁର୍ବୃତ୍ତଙ୍କୁ ଗିରଫ କରିଥିଲା। ସେ ପଶ୍ଚିମ ସିଂହଭୂମ ଜିଲ୍ଲାର ମହୁଲଡିହା ଗ୍ରାମର ବାସିନ୍ଦା ବୋଲି ସୂଚନା ମିଳିଛି। ଗିରଫ ସମୟରେ ଅଭିଯୁକ୍ତଙ୍କ ନିକଟରୁ ୮, ୩୦୦ ଟଙ୍କା ନଗଦ, ଏକ ଲୁହା ରଡ୍ ଓ ଦୁଇଟି କି-ପ୍ୟାଡ୍ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତଙ୍କ ସମ୍ପୃକ୍ତି ଓଡ଼ିଶା ଓ ଝାଡ଼ଖଣ୍ଡର ଏକାଧିକ ଚୋରି ଓ ଏଟିଏମ୍ ଭଙ୍ଗା ମାମଲାରେ ରହିଥିବା ଜଣାପଡ଼ିଛି। ତାଙ୍କର ଅନ୍ୟ ଅପରାଧିକ ନେଟୱାର୍କ ଓ ସହଯୋଗୀମାନଙ୍କ ସମ୍ପର୍କରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ସଫଳ ଅଭିଯାନରେ ବିଶ୍ରା ଥାନାର ଇନ୍ସପେକ୍ଟର ମନୋରଞ୍ଜନ କୁମ୍ଭାରଙ୍କ ସମେତ ସବଇନ୍ସପେକ୍ଟର ପି.କେ. ସାହୁ, ଏଏସ୍‌ଆଇ ଆର୍. କେ. ନାୟକ, ଓଏପିଏଫ୍ ଯବାନ ଡି. କେର୍କେଟ୍ଟା ଏବଂ ହୋମଗାର୍ଡ ଏମ୍. ମହାତୋ ପ୍ରମୁଖ ସାମିଲ ଥିଲେ।

## ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକଙ୍କ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ

### କ୍ଷେତ୍ର ପରିଦର୍ଶନ ସହ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ

**ରାଉରକେଲା, ୧।୮ (ସମିସ):** ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ତିନି ଦିନିଆ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ ସହ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ସହିତ ବୈଠକ କରିଥିଲେ।

ପ୍ରଥମେ ସଦର ବ୍ଲକ ଅନ୍ତର୍ଗତ ଭସ୍ମା ଅଞ୍ଚଳ ଗସ୍ତ କରି ନିର୍ମାଣାଧୀନ ଜଳ ବିଶୋଧନ ପ୍ଲାଣ୍ଟ ପ୍ରକଳ୍ପର କାର୍ଯ୍ୟକାରିତା ତଥା ଅଗ୍ରଗତି ସମୀକ୍ଷା କରିବା ସହିତ ଅଧିକାରୀ ମାନଙ୍କ



ସହିତ ଆଲୋଚନା କରିଥିଲେ। ପରେ ପରେ ସ୍ଥାନୀୟ ସଦଭାବନା ଭବନ ଠାରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ଉପସ୍ଥିତିରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ମଧ୍ୟ କରିଥିଲେ।

ଏହି ଅବସରରେ ଶ୍ରୀ ଭରଦ୍ୱାଜ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ପ୍ରକଳ୍ପ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ଅଗ୍ରଗତି, କାର୍ଯ୍ୟାନ୍ୱୟନ ଏବଂ ଫଳପ୍ରଦତା ଉପରେ ବିସ୍ତୃତ ସମୀକ୍ଷା କରିଥିଲେ। ବିଶେଷ କରି ପ୍ରତ୍ୟେକ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ ବିଭାଗର ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରାଯିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରିବା ସମୟରେ ଆନୁଷଙ୍ଗିକ ବିଭାଗ ଗୁଡିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ସେହିଭଳି ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଭିତ୍ତିଭୂମି, ସ୍ମାର୍ଟ କ୍ଲାସ ରୁମ୍, ପିଏମ ଶ୍ରୀ ବିଦ୍ୟାଳୟ ଆଦି ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ, ଜିଲ୍ଲା ଯୋଗାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଟିପିଡବ୍ଲୁଓଡିଏଲ, ଜିଲ୍ଲା ମଙ୍ଗଳ ବିଭାଗ, ସମସ୍ତ ଆଇଟିଡିଏ, ସମବାୟ ଆଦି ଅନ୍ୟାନ୍ୟ ବିଭାଗ ଗୁଡ଼ିକର ବିଭିନ୍ନ ପ୍ରକଳ୍ପ ଯୋଜନା ଆଦି ଉପରେ ଆଲୋଚନା କରାଯାଇଥିଲା।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ମୋବାଇଲ୍ ଛିନ୍‌ତାଇ ଘଟଣାରେ ୨ ଗିରଫ

**ରାଉରକେଲା, ୧।୮ (ସମିସ):** ସ୍ଥାନୀୟ ଛେଣ୍ଡ ଥାନା ପୁଲିସ ମହିଳାଙ୍କ ଠାରୁ ମୋବାଇଲ୍ ଫୋନ୍ ଛିନତାଇ ଘଟଣାର ପର୍ଦ୍ଦାଫାଶ କରି ମାତ୍ର ୪୮ ଘଣ୍ଟା ମଧ୍ୟରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ନିକଟରୁ ଲୁଟ୍ ହୋଇଥିବା ଏକ ମୋବାଇଲ୍ ଫୋନ୍ ଏବଂ ଏହି ଘଟଣାରେ ବ୍ୟବହୃତ ବାଇକ୍‌କୁ ଜବତ କରାଯାଇଛି।

ପୁଲିସ ସୂଚନାନୁସାରେ, ଗତ ଜୁଲାଇ ୩୦ ତାରିଖରେ ସ୍ୱେସ୍ ଛକ ନିକଟରେ ସାଇକେଲ୍‌ରେ ଯାଉଥିବା ଜଣେ ମହିଳାଙ୍କ ସାମ୍ନା ବାସ୍କେଟ୍‌ରେ ରଖାଯାଇଥିବା ମୋବାଇଲ୍ ଫୋନ୍ ଓ ପର୍ସକୁ ବାଇକ୍‌ରେ ଦୁର୍ବୃତ୍ତମାନେ ଆସି ଛିନତାଇ କରି ନେଇଯାଇଥିଲେ। ଛେଣ୍ଡ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା।

ପୁଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଉଦିତନଗର ଓ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ମାଲଗୋଦାମ ଅଞ୍ଚଳର ସଞ୍ଜୟ ଗୌଡ଼ (୨୦) ଏବଂ ସ୍ୱାମୀ ବିବେକାନନ୍ଦ ବସ୍ତିର ରୋହିତ ଦାସ (୩୨)। ଅଭିଯୁକ୍ତମାନଙ୍କ ନିକଟରୁ ଲୁଟ୍ ହୋଇଥିବା ଏକ ମୋବାଇଲ୍ ଫୋନ୍ ଓ ଅପରାଧରେ ବ୍ୟବହୃତ ପଲସର - ୨୨୦ ମୋଟରସାଇକେଲ୍ ଜବତ କରାଯାଇଥିଲା। ମାମଲାର ତଦନ୍ତ ଏସ୍‌ଆଇ ପ୍ରିୟଙ୍କା ସାହୁ, ଏସ୍‌ଆଇ ଓମ୍ ପ୍ରକାଶ ରାଉତରାୟ ଓ କନଷ୍ଟେବଳ ଗୁରୁଦେବ ନାୟକଙ୍କ ନେତୃତ୍ୱରେ କରାଯାଇଥିବା ଜଣାପଡ଼ିଛି।



## ସେଲ୍ ଖଣି ନିର୍ଦ୍ଦେଶକଙ୍କ ତାଲଡ଼ିହ ଏବଂ ବରସୁଆଁ ଲୌହ ଖଣି ଗସ୍ତ



**ରାଉରକେଲା /କୋଇଡା, ୧।୮ (ସମିସ):** ସେଲ୍ ଖଣି ନିର୍ଦ୍ଦେଶକ ମନିଷ ରାଜ ଗୁପ୍ତା ଆଜି ସୁନ୍ଦରଗଡ଼ ଜିଲ୍ଲା କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ ବରସୁଆଁ ଏବଂ ତାଲଡ଼ିହ ଲୌହ ଖଣି ପରିଦର୍ଶନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ବରସୁଆଁ ଲୌହ ଖଣି ସେଲ ନିଜସ୍ୱ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ବେଳେ ତାଲଡ଼ିହ ଲୌହ ଖଣି ଏବେ ଆଦାନୀ କମ୍ପାନୀକୁ ଆଗାମୀ ୨୬ ବର୍ଷ ପାଇଁ ଲୌହ ପଥର ଉତ୍ତୋଳନ ଏବଂ ବେଲ୍ଟ ଦ୍ୱାରା ପରିବହନ ପାଇଁ ଏମଡିଓ ମିଳିଥିବା ବେଳେ ଏହାକୁ ଯଥା ଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ସେଲର ଉପରୋକ୍ତ ଅଧିକାରୀ ଲଗାତାର ଏହି ତାଲଡ଼ିହ ଖଣିକୁ ଗସ୍ତ କରୁଥିବା ଜଣାପଡ଼ିଛି।

ଏହିକ୍ରମରେ ତାଲଡ଼ିହ ଖଣିର ବେଲ୍ଟ ଲାଇନ ସମ୍ପ୍ରସାରଣ କାର୍ଯ୍ୟ ଏବଂ ଅନ୍ୟାନ୍ୟ ଖଣି ସୁରକ୍ଷା ଏବଂ କ୍ଷମତା ବଢ଼ାଇବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଖଣି ନିର୍ଦ୍ଦେଶକ ଶ୍ରୀ ଗୁପ୍ତା ଏହି ଖଣିକୁ ଗସ୍ତ କରିଥିଲେ। ଏହି ଅବସରରେ ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମା, ଇଡି ମାଇନ୍ସ ମୁନ୍ନା ପ୍ରସାଦ ସିଂ ଉପସ୍ଥିତ ଥିଲେ। ସେଲ ବରସୁଆଁ ତାଲଡ଼ିହ ଖଣି ମୁଖ୍ୟ ମହାପ୍ରବନ୍ଧକ ହିମାଂଶୁ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଖଣି ଅଞ୍ଚଳ ପରିଦର୍ଶନ ଏବଂ ସେଲ ବରସୁଆଁ ତାଲଡ଼ିହ ଲୌହ ଖଣିର ଆଗାମୀ ସମ୍ପ୍ରସାରଣ ସମ୍ବନ୍ଧରେ ବୁଝାଇ ଥିଲେ। ଏହାପରେ ଟେନସା ଗେଷ୍ଟ ହାଉସ ଠାରେ ବିଭିନ୍ନ ଶ୍ରମିକ ସଂଗଠନର ଅଧିକାରୀ ଗଣ ଖଣି ନିର୍ଦ୍ଦେଶକଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ମହାପ୍ରବନ୍ଧକ ମାଇନ୍ସ ମ୍ୟାନେଜର ବରସୁଆଁ ପି ସି ବରୁଆ ଏବଂ କାର୍ମିକ ପ୍ରଶାସନିକ ବିଭାଗ ପକ୍ଷରୁ ମୁକେଶ କୁମାର କରନ, ପ୍ରସନ୍ନଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଜାଲ୍ ଚେକ୍‌ରେ ୫ ଲକ୍ଷ ସରକାରୀ ଟଙ୍କା ଆତ୍ମସାତ୍

# ସ୍ପେଶାଲ୍ ଜେଲ୍‌ର ସଫେଇ କର୍ମଚାରୀ ଗିରଫ

**ରାଉରକେଲା, ୧।୮ (ସମିସ)**

ରାଉରକେଲା ସ୍ପେଶାଲ୍ ଜେଲ୍‌ର ସରକାରୀ ପାଣ୍ଠିରୁ ଜାଲ୍ ଚେକ୍ ବ୍ୟବହାର କରି ୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ରଘୁନାଥପାଲି ଥାନା ପୁଲିସ ଜେଲ୍‌ର ଜଣେ ସଫେଇ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପୁଲିସ ସୂଚନାନୁସାରେ, ସ୍ପେଶାଲ୍ ଜେଲ୍‌ର ଅଧୀକ୍ଷକ ରଶ୍ମିନାଥ ନାୟକ ଗତ ଜୁଲାଇ ୩୦ରେ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରୁଥିବା ବେଳେ ଜାଣିବାକୁ ପାଇଥିଲେ ଯେ, ଗତ ଜୁଲାଇ ୧୩ ତାରିଖରେ ଉଦିତନଗର ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଥିବା ଏକ ସରକାରୀ ଖାତାରୁ ୫ ଲକ୍ଷ ଟଙ୍କା ଅନଧିକୃତ ଭାବେ ଉଠାଯାଇଛି। ପରବର୍ତ୍ତୀ ଯାଞ୍ଚରେ ଜଣାପଡ଼ିଥିଲା ଯେ, ଅଧୀକ୍ଷକଙ୍କ ଜାଲ୍ ଦସ୍ତଖତ ସହ ଏକ ଜାଲ୍ ଚେକ୍ ବ୍ୟବହାର କରି ଏହି ଟଙ୍କା ଉଠାଯାଇଥିଲା।

ଅଭିଯୋଗକୁ ଆଧାର କରି ରଘୁନାଥପାଲି ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ସଂଗୃହୀତ ପ୍ରମାଣ ଆଧାରରେ ସ୍ପେଶାଲ୍ ଜେଲ୍‌ର ସଫେଇ କର୍ମଚାରୀ ରାହୁଲ କୁମାର ମଙ୍ଗନ (୩୫)ଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ପଚରାଉଚରା ବେଳେ ସେ ଜାଲ୍ ଚେକ୍ ପ୍ରସ୍ତୁତ କରି ସରକାରୀ ଟଙ୍କା ଠକେଇରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିବା ପୁଲିସ କହିଛି। ଅଭିଯୁକ୍ତଙ୍କ ନିକଟରୁ ୨୬ ହଜାର ୭୦୦ ଟଙ୍କା ନଗଦ ଜବତ କରାଯାଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଆତ୍ମସାତ୍ ହୋଇଥିବା ଅବଶିଷ୍ଟ ସରକାରୀ ଅର୍ଥ ଉଦ୍ଧାର ଏବଂ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।



ସକାଳ THE SAKALA
ରବିବାର ୨ ଅଗଷ୍ଟ, ୨୦୨୬



# ଲଗାଣ ବର୍ଷାରେ ଭାଙ୍ଗିଲା ଘର; ଆସବାବପତ୍ର ନଷ୍ଟ

**ଖଡ଼ିଆଳ, ୧।୮ (ସମିସ):** ଲଗାଣ ବର୍ଷା ଯୋଗୁଁ ଖଡ଼ିଆଳ ବ୍ଲକ ଅଧୀନ ଦାବ୍ରି ପଞ୍ଚାୟତ ଭୋଇ ପଡ଼ାର



କାର୍ତ୍ତିକ ମାଝୀ (୭୨)ଙ୍କ ମାଟି ଘର ଭାଙ୍ଗି ଯାଇଛି। କାର୍ତ୍ତିକଙ୍କ ପୁଅ ବୈଲୋଚନ ମାଝୀ ଓ ବୋହୂ ଚିକିତ୍ସା ପାଇଁ ନୂଆପଡ଼ା ଜିଲ୍ଲା ହସ୍ପିଟାଲରେ ଥିବାବେଳେ ଲଗାଣ ବର୍ଷାରେ ସେମାନଙ୍କ ମାଟିଘର ଭାଙ୍ଗି ଯାଇଛି। ଘର ଭିତରେ ଥିବା ଆସବାବ ପତ୍ର, ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଜରୁରୀ ଜିନିଷପତ୍ର ବର୍ଷା ପାଣିରେ ନଷ୍ଟ ହୋଇଯାଇଛି। ଘରେ ଏକା ଥିବା ବୃଦ୍ଧ ବାପା ଏହି ଘଟଣା ପରେ ଗଭୀର ଚିନ୍ତାରେ ଦିନ କାଟୁଛନ୍ତି। ଏପଟେ ପୁଅ ଓ ବୋହୂଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା, ଅନ୍ୟପଟେ ମୁଣ୍ଡ ଗୁଞ୍ଜିବାକୁ ଥିବା ଘର ଭାଙ୍ଗିଯିବା ତାଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି। ଏହି ପରିବାର ଗୋଟିଏ ଗରିବ ପରିବାର ହୋଇଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଆବାସ ଯୋଜନାରେ ସାମିଲ ହୋଇ ନାହାନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ସହଯୋଗ ଯୋଗାଇ ସହିତ ଆବାସ ଯୋଜନାରେ ସାମିଲ କରି ଗୃହ ଦେବାକୁ ଦାବି କରିଛନ୍ତି।

## ସିନାପାଲି ସହରରେ ଡ୍ରେନେଜ୍ ସମସ୍ୟା ଉତ୍କଟ

# ଡ୍ରେନ୍ ଉପରେ ସ୍ଲାବ୍ ନିର୍ମାଣ ଓ ରାସ୍ତା କବ୍‌ଜାକୁ ନେଇ ଅସନ୍ତୋଷ

**ସିନାପାଲି, ୧।୮ (ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ସଦର ମହକୁମା ସିନାପାଲି ସହରରେ ଡ୍ରେନେଜ୍ ସମସ୍ୟା ଉତ୍କଟ ରୂପ ନେଇ ଥିବାବେଳେ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଛି। ସହର ସ୍ଥିତ ହନୁମାନ ମନ୍ଦିର ଛକ ଦେଇ ପତଞ୍ଜଳି ଆରୋଗ୍ୟ କେନ୍ଦ୍ର ଦେଇ ଯାଉଥିବା ଡ୍ରେନ ମାଧ୍ୟମରେ ସହରର ମଇଳା ପାଣି ସହିତ ବର୍ଷା ପାଣି ନିଷ୍କାସନ ହୋଇ ଆସୁଥିଲା। କିନ୍ତୁ କିଛି ବ୍ୟବସାୟୀ ନିଜ ଦୋକାନ ସାମ୍ନାରେ ଯାଇଥିବା ଡ୍ରେନ୍ ଉପରେ ଅନଧିକାର ସ୍ଲାବ୍ ତିଆରି କରି ସେଠାରେ ମୁଖ୍ୟ ରାସ୍ତା ଉପରେ ବାଲି ଓ ଚିପ୍ସ, ସହିତ ଅନ୍ୟାନ୍ୟ ସାମଗ୍ରୀ ଗଦାକରି ରଖୁଥିବା ଅଭିଯୋଗ ହେଉଛି। ଏହାସହିତ ଏଠାକାର ବର୍ଜ୍ୟ ବସ୍ତୁ ଡ୍ରେନରେ ପଡ଼ି ପୋତି ହୋଇଛି। ଏଠାରେ



ଥିବା ନଳକୂପ ଉପରେ ପାନୀୟ ଜଳ ପାଇଁ ପ୍ରାୟ ୫୦ ଟି ପରିବାର ନିର୍ଭର କରୁଥିବାବେଳେ ବର୍ତ୍ତମାନ ଏହା ଡ୍ରେନର ମଇଳା ପାଣି ଓ ଆବର୍ଜନାରେ ପୂର୍ଣ୍ଣ ହୋଇଛି। ଯାହା ଫଳରେ ସହରର ପାଣି ନିଷ୍କାସନ ହୋଇ ନ ପାରିବା ସହିତ ସ୍ଥାନୀୟଲୋକେ ନଳକୂପ ବ୍ୟବହାର କରି ପାରୁ ନାହାଁନ୍ତି। ଲୋକଙ୍କ ଜୀବନ ଯାତ୍ରା ବ୍ୟାହତ ହୋଇଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ବୁଦ୍ଧିଜୀବୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ଠାରେ ଅଭିଯୋଗ କରିଛନ୍ତି। ସିନାପାଲି ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ଥାନାଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ସ୍ଥାନୀୟ ଅତିରିକ୍ତ ତହସିଲଦାର ତଦନ୍ତକରି ଫେରି ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ସାଧରଣରେ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ରାସ୍ତା ପିଡବ୍ଲୁଡି ଅଧୀନରେ ଥିବା ହେତୁ ଏ ସଂକ୍ରାନ୍ତରେ ଆମେ ବିଡିଓଙ୍କୁ ଜଣାଇ ଦେଇଛୁ ବୋଲି ଅତିରିକ୍ତ ତହସିଲଦାର ମନୋରଞ୍ଜନ କେରକେଟା ପ୍ରକାଶ କରିଛନ୍ତି।

## ଦିବ୍ୟାଙ୍ଗ ପ୍ରେମଶୀଳାଙ୍କୁ ସାହା ହେଉନି ପ୍ରଶାସନ

# ଯୋଗ୍ୟ ହୋଇ ବି ଆବାସ ଓ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ

**କୋକସରା, ୧।୮ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ କେନ୍ଦୁଡଙ୍ଗରୀ ଗ୍ରାମରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ଗ୍ରାମର ଲଳିତ ନାଏକଙ୍କ ଝିଅ ପ୍ରେମଶୀଳା ନାଏକ ୯୦ ପ୍ରତିଶତ ମାନସିକ ଓ ଶାରୀରିକ ଭିନ୍ନକ୍ଷମ ହୋଇଥିଲେ ସୁଦ୍ଧା ସରକାରୀ ଆବାସ ଯୋଜନା ଓ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହୋଇ ରହିଛନ୍ତି। ପ୍ରେମଶୀଳାଙ୍କ ପିତା ଲଳିତ ନାଏକ ଓ ମାତା ମାଗୁଣି ନାଏକ ଅତ୍ୟନ୍ତ ଗରିବ ଓ ନିରୀହ ଶ୍ରେଣୀର ହୋଇଥିବାବେଳେ କଷ୍ଟରେ ସେମାନଙ୍କ ଦୈନନ୍ଦିନ ପରିବାର ଚଳିଥାଏ। ଝିଅର ସୁରକ୍ଷା ଓ ରହିବା ପାଇଁ ଗୋଟିଏ ଆବାସ ଗୃହ ଯୋଗାଇଦେବାକୁ ଦୀର୍ଘ ବର୍ଷ ହେବ ସେମାନେ ପଞ୍ଚାୟତ ପ୍ରଶାସନ ନିକଟରେ ନେହୁରା ହୋଇଆସୁଛନ୍ତି। ମାତ୍ର ପ୍ରଶାସନ ଏଥିପ୍ରତି କୌଣସି ଦୃଷ୍ଟି ଦେଉନାହିଁ। ନିକଟରେ ପଞ୍ଚାୟତ ପକ୍ଷରୁ ପ୍ରକାଶିତ ସଦ୍ୟ ଆବାସ ଯୋଜନା ତାଲିକାରୁ ମଧ୍ୟ ପ୍ରେମଶୀଳାଙ୍କ ନାମ ବାଦ୍ ପଡ଼ିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ୯୦ ପ୍ରତିଶତ ଦିବ୍ୟାଙ୍ଗତା ଥାଇ ମଧ ପ୍ରେମଶିଳାଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ନିୟମାନୁସାରେ ୩୫୦୦ ଟଙ୍କାର ବର୍ଦ୍ଧିତ ଭତ୍ତା ମିଳୁନାହିଁ। ସେ' ମାତ୍ର ୧୨ଶହ ଟଙ୍କା ଭତ୍ତା ପାଉଛନ୍ତି। ଫଳରେ ତାଙ୍କର ନିୟମିତ ଔଷଧପତ୍ର



କିଣିବା ଏବଂ ଅନ୍ୟାନ୍ୟ ଦୈନନ୍ଦିନ ଖର୍ଚ୍ଚ ତୁଲାଇବାରେ ପରିବାର ପ୍ରତି ବିଷମ ପରିସ୍ଥିତି ସୃଷ୍ଟି ହୋଇଛି। କେବଳ ପ୍ରେମଶିଳା ନୁହଁନ୍ତି, ବରାଡ଼ଙ୍ଗା ଗ୍ରାମ ପଞ୍ଚାୟତର ଅନେକ ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଶୋଚନୀୟ ଜୀବନଯାପନ କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ କୋକସରା ବ୍ଲକ ଓ ପଞ୍ଚାୟତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପ୍ରେମଶିଳାଙ୍କୁ ଆବାସ ଗୃହ ସହ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ପାଞ୍ଚ ୱାରେଣ୍ଟି ଗିରଫ

**ଖଡ଼ିଆଳ, ୧।୮ (ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଅଧୀନ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ପାଞ୍ଚ ୱାରେଣ୍ଟିଙ୍କୁ ବୋଡେନ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଇରା ଗ୍ରାମର ପ୍ରଭାକର ନାଗ (୨୭) ଦରଲୀପଡ଼ା, ସୁନାପୁର ଗ୍ରାମର କମଳାକାନ୍ତ ମାଝୀ (୨୯) ଖଇରା ଗ୍ରାମର କୁନୁରାମ ଦଳ (୩୯), ବୋଡେନ ଗ୍ରାମ ଲକ୍ଷ୍ମଣ ଦଣ୍ଡସେନା (୩୪), ପିଲାବାବୁ ଦଳ (୪୬) ଗ୍ରାମ ଖଇରା। ସମସ୍ତ ଅଭିଯୁକ୍ତ ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ପରେ ସମସ୍ତଙ୍କୁ ଆଇନଗତ ପ୍ରକ୍ରିୟା ସମାପ୍ତ କରି ସ୍ଥାନୀୟ ଅଦାଲତରେ ହାଜର କରାଯିବା ସହ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ଆଇନ ଶୃଙ୍ଖଳା ଠିକ କରିବା ପାଇଁ ଅଧିକ ପଦକ୍ଷେପ ନିଆଯିବ ବୋଲି ବୋଡେନ ଥାନା ଅଧିକାରୀ ଧର୍ମେନ୍ଦ୍ର ଭୁଏ ପ୍ରକାଶ କରିଥିଲେ।



# ଜଳଲାଗି ପାଇଁ ବୋଲ୍‌ବମ୍ ଭକ୍ତଙ୍କ କଳସ ସ୍ଥାପନ

**ସିନାପାଲି, ୧।୮ (ସମିସ):** ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର ଦେବ ଦେବ ମହାଦେବଙ୍କ ନିକଟରେ ଜଳ ଅର୍ପଣ କରିବା ପାଇଁ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋର୍ଲା ଗ୍ରାମର ୧୦୦ ଜଣ ବୋଲ ବମ ଭକ୍ତ ମାନସିକ ରଖି ଗାଁରୁ ବାହାରିବା ନେଇ ଗାଁ ରେ କଳସ ଯାତ୍ରା କରି ଗାଁ ଓ ପରିବାର ପାଇଁ ମଙ୍ଗଳ କାମନା କରିଛନ୍ତି। ଏହି ଅବସରରେ ରେ ଏକ ଭବ୍ୟ କଳସ ଶୋଭା ଯାତ୍ରା ବାହାରିଥିଲେ। ଗାଁର ମହିଳା ସାମିଲ ରହି ନିକଟସ୍ଥ ନଦୀରୁ ଜଳ ଆଣି ଘରେ ସ୍ଥାପନ କରିବା



ସହ ପୂଜାର୍ଚ୍ଚନା କରିବା ଜାରି ରଖିବୁ ବୋଲି କହିଛନ୍ତି। ଶ୍ରାବଣ ମାସର ପ୍ରଥମ ସୋମବାର ଲିଙ୍ଗରାଜ ମନ୍ଦିର ଭୁବନେଶ୍ୱରରେ ପାଣି ଡାଳିବା ପାଇଁ ଯିବାର ଥିବାବେଳେ ଆଜି କଳସ ଯାତ୍ରା କରି ସଂକଳ୍ପ କରି ନଡ଼ିଆ କଳସ ସ୍ଥାପନ କରିଛନ୍ତି। ଶନିବାର ସକାଳୁ ୧୦୦ ଜଣ ବାହାରି ପ୍ରଥମେ କପିଳାସ, ଜୁରୁନ୍ଦାଗାଦି, ପରେ ସୋମବାର ଦିନ ଲିଙ୍ଗରାଜ ମନ୍ଦିରରେ ପାଣି ଡାଳି ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରି କୋଣାର୍କ ଯାଇ ଗ୍ରାମକୁ ଫେରିବେ ବୋଲି ଜଣାପଡ଼ିଛି। ଏହି ଅବସରରେ ଏକ କମିଟି ଗଠନ କରାଯାଇଛି। ସଭାପତି ଭାବରେ ନୀଳମଣି ଦଣ୍ଡସେନା ରହିଥିବାବେଳେ କୋଷାଧ୍ୟକ୍ଷ ଭାବରେ ମୀନିକେତନ ଦଣ୍ଡସେନା ରହିଛନ୍ତି।

# ବନ୍ୟା ବୋହିନେଲା ପିଚୁ ଓ ମେଟାଲ



**କେସିଙ୍ଗା, ୧।୮ (ସମିସ):** ଦୁଇ ଦିନ ତଳେ କେସିଙ୍ଗା ତେଲ ନଦୀରେ ହୋଇଥିବା ବନ୍ୟାରେ କେସିଙ୍ଗା ସହରର କିଛି ତଳି ଅଞ୍ଚଳରେ ପାଣି ପଶି ଅମ୍ବାଜି ମନ୍ଦିର ପଡ଼ାର ପ୍ରାୟ ୧୫୦ ସାହିବାସୀ ହଇରାଣ ହୋଇଥିଲେ। ଉକ୍ତ ବନ୍ୟା ଯୋଗୁଁ କେସିଙ୍ଗା ଅଣ୍ଡର ବ୍ରିଜ ପ୍ରାୟ ୧୨ ରୁ ୧୫ ଘଣ୍ଟା ଜଳମଗ୍ନ ହୋଇ ଅଣ୍ଡର ବ୍ରିଜ ଦେଇ ଯାତାୟାତ ରେ ବାଧା ସୃଷ୍ଟି ହୋଇ ଥିଲା। ଫଳରେ ଅଣ୍ଡର ବ୍ରିଜ ତଳେ ନିର୍ମିତ ରାସ୍ତାରୁ ପିଚୁ ଦୋଇ ହୋଇ ଯାଇଛି। ଅଣ୍ଡର ବ୍ରିଜର ଦୁଇ ସାଇଡର ରାସ୍ତା ଭଲ ଥିଲେ ମଧ ବ୍ରିଜ ତଳ ରାସ୍ତା ଅତ୍ୟଧିକ ଖରାପ ହୋଇ ବଡ଼ବଡ଼ ଖାଲ ହୋଇ ଯାତାୟାତରେ ଅନେକ ଅସୁବିଧା ହେଉଛି।

# ତହସିଲ ପରୱାନାକାରୀ କାରକଙ୍କ ଅବସରଗ୍ରହଣ

**କେସିଙ୍ଗା, ୧।୮ (ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ନୁନମାଠ ଗ୍ରାମର ସୁରେଶ ଚନ୍ଦ୍ର ବେହେରା ଦୀର୍ଘ ୪୦ ବର୍ଷ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟରେ ସେବା କରିବା ପରେ ଶୁକ୍ରବାର ସେ କର୍ଲାମଣ୍ଡା ତହସିଲର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରୁ ସେବା ନିବୃତ ହୋଇଛନ୍ତି। ଶ୍ରୀ ବେହେରା ୧୯୮୫ ମସିହାରେ ଭବାନୀପାଟଣା ବନ୍ଦୋବସ୍ତ କାର୍ଯ୍ୟାଳୟରେ ୨୦୦୩ ପର୍ଯ୍ୟନ୍ତ କାମ କରି ୨୦୦୩ ରୁ ୨୦୨୬ ପର୍ଯ୍ୟନ୍ତ କର୍ଲାମୁଣ୍ଡା ତହସିଲରେ ସେବା ପ୍ରଦାନ କରିଥିଲେ। ଏଥିପାଇଁ କର୍ମଭୂମି କର୍ଲାମୁଣ୍ଡା ତହସିଲ ସମେତ ନିଜ ଜନ୍ମଭୂମି ନୁନମାଠରେ ମଧ୍ୟ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ କରାଯାଇ ଶ୍ରୀ ବେହେରାଙ୍କୁ ଆଗାମୀ ଦିନର ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରେମଲାଲ, ଦିଗାମ୍ବର ବେହେରାଙ୍କ ସମେତ ଗ୍ରାମର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ଭବାନୀପାଟଣା, ୧।୮ (ସମିସ):** ସ୍ଥାନୀୟ ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରଜବିହାର ଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଶିଶୁ ବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ଭାଗ ନେଇଥିଲେ। ଏଥିରେ ୨୫୩ଟି ପ୍ରକଳ୍ପ ଶିଶୁ ଭାଇ ଭଉଣୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରକାର ପ୍ରକଳ୍ପ, ପ୍ରୟୋଗ, ପ୍ରଶ୍ନମଞ୍ଚ, ପତ୍ର ବାଚନ, କଥାକଥନ ଓ ମୂର୍ତ୍ତିକଳା ଇତ୍ୟାଦିରେରେ ଶିଶୁ ଭାଗ ନେଇଥଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରମୋଦ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ସମ୍ପାଦକ ଏବଂ ନିମନ୍ତ୍ରିତ ଅତିଥି ଭାବେ ପ୍ରିୟାଂଶୀ ମିଶ୍ର ଯୋଗ ଦେଇଥିଲେ। ସୁଜଳ ଦେବ ମୁଣ୍ଡ, ଦୀନବନ୍ଧୁ ମୁଣ୍ଡ ଓ ସମ୍ପାଦକ ଅଶୋକ କୁମାର ସିଂହ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ମୁଣ୍ଡ ସ୍ୱାଗତ କରିଥିଲେ। ଶିଶୁବିଭାଗ, ବାଲ ବିଭାଗ ଓ କିଶୋର ବିଭାଗର ବିଚାରପତି ଥିଲେ ଅର୍ଚ୍ଚିତ ପଣ୍ଡା, ପ୍ରିୟାଂଶୀ ମିଶ୍ର, ଅନୁଷ୍କା ସାହାଣୀ ଅଭିଷିକ୍ତା ପ୍ରିୟଦର୍ଶିନୀ, ପ୍ରୀତି ମୁନି, ଆଶୁତୋଷ ମିଶ୍ର ଏବଂ ବିଦ୍ୟାଳୟର ଗୁରୁଜୀ ଗୁରୁମା। ସବିତା ପାଳ ବୃତ୍ତକଥନ କହିଥିଲେ।



# ଅତିରିକ୍ତ ଜିଲ୍ଲାପାଳଙ୍କ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

**ଖଡ଼ିଆଳ୍, ୧।୮ (ସମିସ):** ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ସାନ ମହେଶ୍ୱର ପଞ୍ଚାୟତର ତିଖାଲି ଓ ଘରଧରା ଗ୍ରାମର ଢବାପଡ଼ା ଅଞ୍ଚଳ ଗୁଡ଼ିକୁ ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରାଇତା ପରିଦର୍ଶନ କରି କ୍ଷୟକ୍ଷତିର ସ୍ଥିତି ସମୀକ୍ଷା କରିଛନ୍ତି।



ପରିଦର୍ଶନ ସମୟରେ ସେ ରାସ୍ତା, ପୋଲ, ଚାଷଜମି, ଜଳସେଚନ ବ୍ୟବସ୍ଥା ଓ ଅନ୍ୟାନ୍ୟ ସରକାରୀ ସମ୍ପତ୍ତିର ହୋଇଥିବା କ୍ଷତିର ଆକଳନ କରିଥିଲେ। ଏହାସହ ବନ୍ୟା ପ୍ରଭାବିତ ଗ୍ରାମବାସୀଙ୍କ ସହ ଆଲୋଚନାକରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ଚାଷ ଜମିର କ୍ଷତି ଆକଳନ ପାଇଁ ସ୍ଥାନୀୟ ରାଜସ୍ୱ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ଠାରୁ ମଧ୍ୟ କ୍ଷୟକ୍ଷତିର ସବିଶେଷ ତଥ୍ୟ ସଂଗ୍ରହ କରାଯାଉଛି। ଶନିବାର କ୍ଷୟକ୍ଷତି ଆକଳନ କରିବାର ଶେଷ ସମୟ ଥିବାରୁ ସମସ୍ତ କ୍ଷୟକ୍ଷତି ସଠିକ ଆକଳନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଥିଲେ। ପରିଦର୍ଶନ ପରେ ସମସ୍ତ କ୍ଷୟକ୍ଷତିର ଆକଳନ ଆଧାରରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ଜିଲ୍ଲା ପ୍ରଶାସନଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ରିପୋର୍ଟ ଆଧାରରେ କ୍ଷତିଗ୍ରସ୍ତ ଅଞ୍ଚଳରେ ଆବଶ୍ୟକ ସହାୟତା, ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଇତାଙ୍କ ସମେତ ଖଡ଼ିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ସାନ ମହେଶ୍ୱର ସରପଞ୍ଚ ଆହ୍ଲାଦିନି ବେହେରା ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ରହି ଗ୍ରାମରେ ଲାଗିରହିଥିବା ରାସ୍ତା, ବିଜୁଳି, ପିଇବା ପାଣି ସମସ୍ୟା ଉପରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ।

# ବିଭିନ୍ନ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ

**କର୍ଲାମୁଣ୍ଡା, ୧।୮ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶନିବାର ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୋଡାଲ କ୍ଲଷ୍ଟର ପକ୍ଷରୁ କ୍ଲଷ୍ଟରସ୍ତରୀୟ ବୈଠକ ବୋରପଦର ପଞ୍ଚାୟତର ଅଗାଧୁପୁର ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ ହୋଇଥିଲା। ବୈଠକରେ ସିଆରସିସି ପ୍ରସନ୍ନ କୁମାର ସାହୁ ଯୋଗ ଦେଇ ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ, ଶ୍ରେଣୀ ପରିଚାଳନା ଓ ଛାତ୍ରଛାତ୍ରୀ ବହୁ ଶ୍ରେଣୀ ଶିକ୍ଷାଦାନ ବିଷୟରେ ତାଲିମ ପ୍ରଦାନ କରିଥିବାବେଳେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ନାୟକ ଓ ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଗୋପମଣି ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ଲଷ୍ଟରର ୮ ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କ୍ଲଷ୍ଟର ସାଧନକର୍ମୀ ମନୋଜ କୁମାର ମିଶ୍ର ସହଯୋଗ କରିଥିଲେ।




## ରାସ୍ତା ନିର୍ମାଣର ୨ ମାସରେ ଫାଟିଲା ପିଚୁ

# କାର୍ଯ୍ୟାନୁଷ୍ଠାନ ଦାବିରେ ନିର୍ବାହୀଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ଧର୍ମଗଡ଼, ୧।୮ (ସମିସ)**

ନିର୍ମାଣର ମାତ୍ର ଦୁଇ ମାସ ନପୂରୁଣୁ ଆଁ କରିଛି ପିଚୁ ରାସ୍ତା। ସାଧାରଣ ଜନତାଙ୍କ ଯାତାୟାତ ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ସରକାରୀ ପ୍ରକଳ୍ପ ଏବେ ଖାଲଖମା ଏବଂ କାଦୁଅ ଚୋଟାରେ ଭର୍ତ୍ତି ହୋଇଯାଇଛି। ସୂଚନା ଫଳକ ଟିଏ ମଧ ନଲଗାଇ ଅତି ନିମ୍ନମାନର କାର୍ଯ୍ୟ କରି ସରକାରୀ ଅର୍ଥର ବ୍ୟାପକ ହରିଲୁଟ୍ ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦୁର୍ନୀତି ବିରୁଦ୍ଧରେ ଆଜି ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରଙ୍ଗାବାହାଲ ଗ୍ରାମଠାରୁ ଆରମ୍ଭ କରି ବଡ଼ଫୁର୍ଲା ଦେଇ ବିରାମାଲ ପର୍ଯ୍ୟନ୍ତ ପିଚୁରାସ୍ତା ନିର୍ମାଣ କରାଯାଇଥିଲା। ଏହି ଆଞ୍ଚଳିକ ରାସ୍ତା ଉପରେ ହଜାର ହଜାର ଗ୍ରାମବାସୀ ନିର୍ଭର କରନ୍ତି। ମାତ୍ର ଅଭିଯୋଗ ଅନୁସାରେ, ସମ୍ପୃକ୍ତ ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ଭିତିରି ବୁଝାମଣା ଯୋଗୁଁ ନିର୍ମାଣ କାର୍ଯ୍ୟରେ ସାମାନ୍ୟତମ ଗୁଣବତ୍ତା ରକ୍ଷା କରାଯାଇ ନାହିଁ।



ମାତ୍ର ଦୁଇ ମାସର ବର୍ଷାରେ ରାସ୍ତାର ଅସଲ ଚେହେରା ପଦାରେ ପଡ଼ିଛି। ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି, ଯାହାଫଳରେ ପ୍ରତିଦିନ ଏଠାରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ରାସ୍ତା ନିର୍ମାଣରେ ହୋଇଥିବା ମହାଦୁର୍ନୀତି ବିରୋଧରେ ଆଜି ଧର୍ମଗଡ଼ ବିଜେଡି ବ୍ଲକ ସଭାପତି ଡାକେ ଲହଜଲଙ୍କ ନେତୃତ୍ୱରେ ବିଜେଡି କର୍ମୀ ଓ ସ୍ଥାନୀୟ ବାସିନ୍ଦା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଦଳ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ତୁରନ୍ତ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ରାସ୍ତାର ପୁନଃନିର୍ମାଣ ପାଇଁ ଦାବି କରାଯାଇଛି। ଚେତାବନୀ ଦିଆଯାଇଛି କି ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ। ଏହି ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ନାଏକ, ସନ୍ତୋଷ ପାଢ଼ୀ, ରତନ ନାଏକ, ଦୟା ମାଝୀ, ଗୁଣ ଶବରଙ୍କ ସମେତ ବହୁ ସଂଖ୍ୟାରେ ବିଜେଡି କର୍ମୀ ଏବଂ ଆଞ୍ଚଳିକ ଜନସାଧାରଣ ଉପସ୍ଥିତ ରହି ପ୍ରତିବାଦର ସ୍ୱର ଉତ୍ତୋଳନ କରିଥିଲେ।

## ■ କଳାହାଣ୍ଡି ଲେଖିକା ସଂଘର ଶ୍ରାବଣୀ କାବ୍ୟୋତ୍ସବ

# 'ଝର ଝର ବର୍ଷାରେ ଝରିପଡ଼େ, ଗୀତ ସଙ୍ଗୀତ ଏବଂ ନିର୍ମଳ କବିତ୍ୱ'




**ଭବାନୀପାଟଣା, ୧।୮ (ସମିସ):** କବି ତଥା ସ୍ରଷ୍ଟାର ଖିଆଲି ମନ ସହିତ ବର୍ଷା ଯେତିକି ଘନିଷ୍ଠ ସେତିକି ନିବିଷ୍ଟ। ବର୍ଷାର ସେହି ଝର ଝର ଶବ୍ଦର ନିଆରା ଆବେଗ, ଆତ୍ମନିମଗ୍ନତା ଭିତରେ ସ୍ୱପ୍ନକୁ ରୂପାୟିତ କରିବାର ପ୍ରକ୍ରିୟା ଏବଂ ମୁଗ୍ଧ ମାନସିକତା, ଅନୁଭବର ତୀବ୍ରତା ହୃଦୟକୁ ଆହ୍ଲାଦିତ କରିଥାଏ ବୋଲି ନାରୀ କବିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ଅନୁଷ୍ଠିତ ଶ୍ରାବଣୀ କାବ୍ୟୋତ୍ସବ ଉପସ୍ଥିତ ୩୦ରୁ ଊର୍ଦ୍ଧ୍ୱ ଲେଖିକା ବର୍ଷାର ଶବ୍ଦ ସହ ନିର୍ମଳ କବିତ୍ୱରେ ଝୁମିଯାଇଥିଲେ ନିଜକୁ ହଜାଇ ଦେଇଥିଲେ। ସ୍ଥାନୀୟ ବ୍ରଜ୍ ବିହାର ଶିଶୁ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ହରପ୍ରିୟା ଠାକୁର। ଅନୁଷ୍ଠାନର ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଟିକୁ ପରିଚାଳନା କରିଥିଲେ ସମ୍ପାଦିକା କଳ୍ପନା ରଥ। କବୟିତ୍ରୀ ଅନୀତା ମୁଣ୍ଡ, ମନ୍ତ୍ର ଗାନ ଓ ସୁନୀତା ଦାଶ ସରସ୍ୱତୀ ବନ୍ଦନା ଗାନ କରିଥିଲେ। ବିଳାସିନୀ ମହାପାତ୍ର, ସନ୍ଧ୍ୟା ରାଣୀ ବେହେରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଦୀପ୍ତି ମୁଣ୍ଡଙ୍କ ସଂଯୋଜନାରେ କବି ବଳବୀର କୌର, ମୀନତି ପ୍ରଧାନ, ଅର୍ଚ୍ଚନା ମିଶ୍ର, ତନୁଶ୍ରୀ ମିଶ୍ର, ପ୍ରେମଶୀଳା ବେହେରା, ମଞ୍ଜୁରାଣୀ ରଥ, ସ୍ନେହଲତା ଷଡ଼ଙ୍ଗୀ, ରଶ୍ମୀ ରାଣୀ ରଥ, କବିତା ମୁଣ୍ଡ, ଅମ୍ବୁଜାକ୍ଷୀ ବେହେରା, ସ୍ୱର୍ଣ୍ଣକାନ୍ତି ବୈକାର, ଆନନ୍ଦିନୀ ପାତ୍ର, ପ୍ରିୟ ଦର୍ଶିକା ପ୍ରଧାନ, ସୁଚିସ୍ମିତା ରଥ, ସୁସ୍ମିତା ମହାପାତ୍ର, ସ୍ୱପ୍ନା ପ୍ରଧାନ, ଅର୍ଚ୍ଚନା ବେହେରା, ସଙ୍ଗୀତା ବେହେରା ପ୍ରମୁଖ କବିତା ପାଠ କରିଥିଲେ।

# ଟପ୍ ଟପର୍ ଟପର୍ ଟପ୍ ଟପ୍



ବିରଜା ରାଉତରାୟ



ଝରକା ସେପଟେ ଅଝଟ ଛୁଆଙ୍କ ପରି ଗୋଡ଼ କଚାଡ଼ି ନାଚୁଥାଏ ବର୍ଷା। ଟିଣଦସ୍ତା ଉପରେ ତା'ର ଲଗାଣ ଢୁ ଢୁ ପାଦ ଶବ୍ଦ ଆଡ଼କୁ ଏକଲୟରେ କାନପାତି ରହିଥାଏ ଖୋକନ୍। ତଳଚଟାଣ ଉପରେ ବାମଗୋଡ଼ର ଆଣ୍ଠୁକୁ ଭାଙ୍ଗି ଛକିପକାଇ ବସି ରହିଥାଏ। ତା'ର ଡାହାଣ ଗୋଡ଼ଟା ସିଧା ପଇଁଚାଳିଶ ଡିଗ୍ରୀ ପ୍ରାୟ ଉପରକୁ ସଳଖି ରହି ମଝିଫାଙ୍କ ତଳ ମୁଟୁଳା ଉପରେ ଚାପି ଧରିଥାଏ ଗୋଟିଏ ମୃଦଙ୍ଗ। ଦୁଇପଟର କିରଣ ମୁହଁକୁ ଢଳି ଦୁଇହାତ ପାପୁଲି ସାମାନ୍ୟ ଭାରାଦେଇ ଝୁଲି ରହିଥାନ୍ତି। ଖୋକନ୍ ତା'ର ସମସ୍ତ ଲୟକୁ ଠୁଳକରି ଏହି ବର୍ଷାନାଦର ବୋଲଟାକୁ ଧରିବା ପାଇଁ ଉଦ୍‌ଗ୍ରୀବ ହୋଇ ରହିଥାଏ। କେତେବେଳେ ଛାଏଁ ତା' ହାତର ତଳ ପାପୁଲି ଆଙ୍ଗୁଠିଗୁଡ଼ିକ ଉଠପଡ଼ ହୋଇ ନାଚି ଉଠୁଥାନ୍ତି, "ଧିନ୍ ତାକଡ଼ ତାକଡ଼... ଧା... ।"

ପରେ ପରେ କେମିତି ଗୋଟେ ଅଶାନ୍ତ ଭଉରୀ ଖେଳି ଉଠିବା ପରି ଏକ ପ୍ରତିକ୍ରିୟା ତା' ମୁହଁରେ ବାରିହୋଇ ଆସେ, "ଛ୍ୟା...ଶଶୁର ପୁଅ ପାଦର ତାଳଟାକୁ ଜମା ଧରି ହେଉନାହିଁ! କୋଉ ଗୋଟେ ବର୍ଣ୍ଣରେ ସିନା ପାଦ କଚାଡୁଥିଲେ ଧରି ହୁଅନ୍ତା! ଇଏତ ଅବିରତ ଘନଘୋର ନାଦ! କେତେବେଳେ ଟପ୍‌ଟପ୍.... କେତେବେଳେ ଥପ୍‌ଥପ୍... କେତେବେଳେ ଡବଡବ ହୋଇ କଚାଡ଼ି ହେଉଛି! ଛୋଟଟୋପା! ପୁଣି ବଡ଼ଟୋପା! ୟା'କୁ ଛାଡ଼ି ପୁଣି ମଝାମଝିଆ ଥୋପା ବି ଅଛି! କୋଉ ସେ ଏତେ ଧୁରନ୍ଧର ଯେ ଧରିପାରନ୍ତା ଏହାର କ୍ଷିପ୍ର ସୁତୀବ୍ର ବିବିଧ ନାଦକୁ! "ତେରେକେଟେ ତେରେକେଟେ... ଧିନ୍... ଧା...!" ଆଉଥରେ ଛାଏଁ ମୃଦଙ୍ଗର ଦୁଇପଟ କିରଣ ଉପରେ ପହଁରିଗଲା ତା'ର ଦୁଇ ଚପଳ ହାତର ଆଙ୍ଗୁଠି।

ବାହାରପଟେ ବର୍ଷୁଣି ମେଘମେଦୂର ଆକାଶ। ସନ୍ଧ୍ୟା ଉପଗତ ସମୟ ନ ଥିଲେ ସୁଦ୍ଧା ଅପରାହ୍ଣର ମୁଖମଣ୍ଡଳରେ କଳାଓଢ଼ଣୀ ଖଣ୍ଡେ ଢାଙ୍କି ପକାଇବା ପରି ମେଘ ଘୋଡ଼ାଇ ଆଣିଥାଏ ମାଛି ସଞ୍ଜପରି ଅନ୍ଧାରର ରଙ୍ଗ। ଖୋକନ୍‌ର ସେହି ଅସଜଡ଼ା କୋଠରି ମଧ୍ୟରେ ବିକ୍ଷିପ୍ତ ହୋଇ ପଡ଼ିରହିଥାଏ କିଛି ଅସମ୍ପୂର୍ଣ୍ଣ ଡୁବିତାବଲା ଓ ମୃଦଙ୍ଗ ସହ ଇତଃସ୍ତତ ପଡ଼ିରହିଥିବା ଚମଡ଼ାର ଟୁକୁରା ଓ ହାର, କିରଣ ପାଇଁ ଗୁଣ୍ଡ ତାଟିଆ ଆଦି ତାଳବାଦ୍ୟ ଯନ୍ତ୍ରର ଉପକରଣ।

ସେହି ଦୋକାନ ଘରକୁ ଲାଗି ଏକମାତ୍ର ସଂଯୁକ୍ତ କୋଠରି। ଯାହାର ଟିଣଦସ୍ତାର ଫାଙ୍କ ବାଟଦେଇ ନିର୍ଗତ ଧୂଆଁସବୁ ଜମାଟ ବାନ୍ଧି ଠୁଳ ଆକାରରେ କଡ଼ମୋଡ଼ି ହେଉଥାନ୍ତି। ବାହାର ବର୍ଷାଟା ଦାଉ ସାଜିବା ପରି ସେମାନଙ୍କ ଊର୍ଦ୍ଧ୍ୱ ଉଡ଼ାଣକୁ ବାଟ ଓଗାଳି ବସିଥାଏ।

କେବେକେବେ ସେଥିରୁ ପ୍ରଥମ କୋଠରିକୁ ଛିଟିକ ଆସୁଥାଏ ବାସନପତ୍ରର ଠୁଣଠାଣ୍ ସାଙ୍ଗକୁ ଖଡ଼ିକାର ଖର୍‌ଖର୍ ମିଶା ଶବ୍ଦ। ମଝିରେ ମଝିରେ ଧୂଆଁ ରୁନ୍ଧା ଖଣ୍ଡିକାଶ। ଠିକ୍ ପଛକୁ ଧସେଇ ଆସେ ଏକ ନାରୀକଣ୍ଠର ସତର୍କ ଜିଜ୍ଞାସ, "କରୁଥାଅ...କରୁଥାଅ...ସେମିତି ଟୁଙ୍ଗଟାଙ୍ଗ୍! କାଲିକି ମ୍ୟୁନିସପାଲିଟିର ଡୋଜର୍ ଗାଡ଼ି ଯେ ଆସି ଦୁଆର ମୁହଁରେ ଲାଗିବ, ସେୟାଡ଼କୁ ପର୍‌ବାୟ ନାହିଁ ! କି ଅଦ୍ଭୁତ ଏ ଲୋକଟା! ସାମାନପତ୍ର ବାନ୍ଧିବା ଲାଗି ଚିନ୍ତାଟିକେ ସୁଦ୍ଧା ନାହିଁ!"

ସେହି ସଂକୀର୍ଣ୍ଣ ରୋଷେଇ ଘରୁ ସବୁତକ ଉତ୍‌କ୍ଷିପ୍ତ ଶବ୍ଦଗୁଡ଼ା ବର୍ଚ୍ଛା ପରି ଛୁଟି ଆସୁଥିଲେ ବି କେଜାଣି କାହିଁକି ହାର୍ ମାନିଯାନ୍ତି ଖୋକନ୍‌ର ଦୁଇ କର୍ଣ୍ଣପଟଳ ପାଖରେ! ସମୁଦ୍ରରୁ ବଳ ଗୋଟେଇପାରି ନ ଥିବା ବାତ୍ୟା ଯେପରି ସ୍ଥଳଭାଗରେ ଧକ୍କା ଖାଇବା ଆଗରୁ ଦୁର୍ବଳ ହୋଇପଡ଼େ, ସେହିପରି ଘଟିଥାଏ ସବୁଥର। ମୃଦଙ୍ଗ ହେଉ କି ତାବଲାର ଦୁଇ କିରଣରେ ଉତ୍ପାଦ ବର୍ଣ୍ଣକୁ ମିଶାଇ ନୂଆ ବୋଲ ଖଣ୍ଡେ ତିଆରି କରିବାରେ ମଜ୍ଜିଯାଇଥାଏ। ଆଜିବି ସେଠାରୁ ଛୁଟି ଆସିଥିବା ତୀକ୍ଷ୍ଣ ଶରରୂପୀ ଶବ୍ଦଗୁଡ଼ାକ ଅକାମୀ ହୋଇଯାଇଥିଲା।

ଅର୍ଦ୍ଧଶତାବ୍ଦୀ ଖଣ୍ଡେ ହୋଇଯିବଣି ଖୋକନ୍‌ର ବାପା ନିତ୍ୟମୋହନ ନଦିଆରୁ ଓଡ଼ିଶା ମୁହାଁ ହୋଇ ବସା ବାନ୍ଧିବା। ଏହି ସହରର ଛାତି ଉପର ଦେଇ ଯେଉ ମୁଖ୍ୟରାସ୍ତାଟି ଯାଇଥାଏ ତାହାରି କଡ଼ରେ ବାନ୍ଧିଥିଲା ପ୍ରଥମେ ଅସ୍ଥାୟୀ ନୀଡ଼। ତାଳବାଦ୍ୟ ନିର୍ମାଣର ବିଶାରଦ ଭାବେ କେଇଟା ବର୍ଷ ମଧ୍ୟରେ ପରିଚୟ ପାଇଯାଇଥିଲା। ଖୋକନ୍‌ର ଜନ୍ମ ଏହି ଠିକଣାରେ। ବାପାଠାରୁ ବାଦ୍ୟକାରିଗରୀ କଳାତକ ଆୟତ୍ତ କରୁକରୁ ବଜାଇବାରେ ମଧ୍ୟ ଅପୂର୍ବ ଦକ୍ଷତା ହାସଲ କରିପାରିଥିଲା। କିନ୍ତୁ ବାପା ପରି ଥିଲା ଅସମ୍ଭବ ଭାବରେ ନିଜ ପ୍ରତିଭା ପ୍ରଦର୍ଶନରେ ଥିଲା ଉଦାସୀନ। ବିକ୍ରି ଆଉ ମରାମତିରେ ଯାହା ଯେତିକି ମିଳୁଥାଏ ସେତିକିରେ ଥାଏ ସନ୍ତୁଷ୍ଟି।

ଦିନକୁ ଦିନ ସହରର କଳେବର ଓ ରୂପରେଖରେ ଅଭିବୃଦ୍ଧି ଘଟି ଚାଲେ। ଠା' ଠା' ଦୋକାନର ରୂପାନ୍ତରଣ ଘଟି ଧାଡ଼ିଧାଡ଼ି ସୁଦୃଶ୍ୟ ଦୋକାନ ସବୁ ଉଭା ହୁଅନ୍ତି। ଅଥଚ ପୁରୁଣା ସବ୍‌ରେଜିଷ୍ଟର ଛକ କଡ଼କୁ ଥିବା ଏହି ସର୍ବସାଧାରଣ ସ୍ଥାନକୁ ଲାଗି ଖୋକନ୍‌ର ଛୋଟ ଆବାସଯୋଗ୍ୟ ଦୋକାନ ଘରଟିର ରୂପଚିତ୍ରରେ କିଛି ପରିବର୍ତ୍ତନ ଆସି ନ ଥାଏ। କେବଳ ଗୋଟିଏ ଫରକ୍ ଘଟିଥିଲା। ନିତ୍ୟମୋହନ ସ୍ଥାପନ କରିଥିବା ଛପର ଘରଟା ଇଟାକାନ୍ଥ ଓ ଟିଣଦସ୍ତାକୁ ପରିବର୍ତ୍ତିତ ହୋଇଥିଲା। ସହର ବଢୁଥିବାରୁ ଏବେ ମୁଖ୍ୟ ବଜାର ରାସ୍ତା ପ୍ରଶସ୍ତିକରଣ କାମ ଆରମ୍ଭ ହୋଇଥାଏ। ପ୍ରଥମଦଫା ପରେ ଦ୍ୱିତୀୟ ଥର ପାଇଁ ଖୋକନ୍‌ର ଦୋକାନ ଦାଣ୍ଡରେ ଅଠା ନେସାସହ ଝୁଲି ସାରିଥାଏ ଉଚ୍ଛେଦର ନୋଟିସ। ମାତ୍ର ଖିଆଲି ଖୋକନ୍ ମନରେ ଏହାର ସାମାନ୍ୟତମ ରେଖାପାତ ସୁଦ୍ଧା ପଡ଼ି ନ ଥାଏ। ତା'ର ଏହି ବେପାରୁଆ ଭାବକୁ ଚେତାଇ ଦେବାକୁ ଯାଇ ମଝିରେ ମଝିରେ ସତର୍କ ଘଣ୍ଟି ବଜାଇବା ପରି ଚିତ୍କାର କରି ଉଠୁଥାଏ ତା' ସ୍ତ୍ରୀ। ସେ କିନ୍ତୁ ଗୋଟାପଣ ହଜିଯାଇଥାଏ ସେଇ ଆବିଷ୍ଟ ଅନ୍ୱେଷାରେ। କିପରି ଏହି ଟପର୍ ଟପର୍ ବର୍ଷାର ବୋଲ୍‌ଟାକୁ ଉଠେଇବ ଦୁଇ କିରଣ ସଂସର୍ଗ ନାଦରେ। ବାହାରେ ବର୍ଷାର ଆବେଶ ସେହିପରି ଆଚ୍ଛନ୍ନ କରି ରଖିଥାଏ। ଢୁ ଢୁ ବର୍ଷୋରେ ଶୁଭୁଥାଏ ନିରବଧି ପଦପାତ। ଏକାତ୍ମ ହୋଇ ସେହିପରି ଝରକା ବାହାରକୁ ଚାହିଁ ମୃଦଙ୍ଗ କିରଣରେ ଟୁଙ୍ଗଟାଙ୍ଗ୍ ଜାରି ରଖିଥାଏ ଖୋକନ୍।

ନିଜର ଏହି ବିଚିତ୍ର ମଣିଷଟିର ହାବଭାବକୁ କୋଡ଼ିଏ ବର୍ଷ ଧରି ବୁଝି ଆସିଛି ତା'ର ସ୍ତ୍ରୀ। ସେଥିପାଇଁ, ଥାଳିରେ ରାତିର ଖାଇବାତକ ବାଢ଼ି ତା' ହାତପାଆନ୍ତାରେ ରଖି କଣମୁଣ୍ଡ ଖଟ ଉପରକୁ ଉଠି ଯାଇଥିଲା ଶୋଇବାକୁ।

ବାହାରେ ନିଶା ଗରଜୁଥାଏ। ଅବିରତ ଛନ୍ଦରେ ତା'ର ପାଦ କଚାଡ଼ି ଚାଲିଥାଏ ବର୍ଷା। ଖୋକନ୍‌ର ସନ୍ଧାନୀ ଦୁଇଆଖି ଓ ଉଜାଗରୀ ଚିତ୍ତ ସାରାରାତି ଖୋଜି ଚାଲିଥାନ୍ତି ସେଇ ଈପ୍‌ସିତ ବୋଲକୁ। ଥକ୍କା ପଡ଼ି ଆସୁଥିବା ଦୁଇହାତ ପାପୁଲିର ସଂଘାତରେ ମଝିରେ ମଝିରେ ତରଙ୍ଗ ପରି ଚେଇଁ ଉଠୁଥାଏ... ଧି ତାକ୍... ଧି ତାକ... ଧି ତାକ୍... ଶବ୍ଦ।

ଭୋର ମେଘୁଆ ଆକାଶ କୋଣରୁ ଆଲୋକ ଜନ୍ମ ନେଉଥାଏ। ନିରବୀ ସାରିଥାଏ ବର୍ଷା ହେଲେ, ଏହା ଭିତରେ କେତେବେଳେ ରାତିର ବିଦାୟ ଆଉ ସକାଳର ଆସିବାଟା ପ୍ରତି ସମ୍ପୂର୍ଣ୍ଣ ଥାଏ ସେ ଅନ୍ୟମନସ୍କ!

ସେହି ଉଦୟ ଲଗ୍ନରେ ହଠାତ୍ ତା'ର ଦୁଇ ନିମଜ୍ଜିତ ଆଖି କିଛି ଗୋଟେ ଅପୂର୍ବ ପ୍ରାପ୍ତିର ଚମକରେ ଖୋଲି ଉଠିଲା! ଛାଏଁ ତା' ପାଟିରୁ ବାହାରି ଆସିଲା, "ଟପ୍ ଟପର୍ ଟପର୍ ଟପ୍ ଟପ୍.. ଧିନ୍ ତା... ତେରେକେଟେ... ତେରେକେଟେ... ଧିନ୍ ତା... ଧିନ୍ ତା... ଟପ୍ ଟପର୍ ଟପର୍ ଟପ୍ ଟପ୍...!"


ସହରକୁ ଛୁଇଁଥିବା ପ୍ରଥମ ସକାଳ ସହ ମ୍ୟୁନିସପାଲିଟିର ବୁଲଡୋଜରଟି ଆସି ଠିଆହୋଇ ସାରିଥାଏ ଖୋକନ୍‌ର ଏହି ଅବୈଧ ଦୋକାନଘର ସମ୍ମୁଖରେ। ତା'ର ଷଣ୍ଢୁଆଁଶି ଉପରମୁହାଁ ହୋଇ ଉଠିବା ଆଗରୁ ଶେଷଥର ପାଇଁ ସେହି ଘରଟି ସିତ୍କାର କରି ଉଠିଥିଲା, "ଧିନ୍ ତାକ୍... ତେରେକେଟେ... ତେରେକେଟେ... ଧିନ୍ ତାକ୍... ଧିନ୍ ତାକ୍... ଟପ୍ ଟପର୍ ଟପର୍ ଟପ୍ ଟପ୍!!" ■


ମୋ: ୯୬୫୮୮୧୦୨୪୪


## ପୁସ୍ତକ ପରିଚୟ

### ଅଚିନ୍ତ୍ୟ ଶ୍ରୀଜଗନ୍ନାଥ

ସଂପାଦନା: ପୀତବାସ ରାଉତରାୟ



ମହାବୀର ପ୍ରକାଶନ
ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୪୦୦ ଟଙ୍କା

ଶ୍ରୀଜଗନ୍ନାଥଙ୍କ ଲୀଳା ବୁଝିବା ଅସମ୍ଭବ। ଭକ୍ତ ଓ ଭଗବାନଙ୍କ ସଂପର୍କ ଅତ୍ୟନ୍ତ ନିବିଡ଼। ମହାପ୍ରଭୁଙ୍କୁ ଭିନ୍ନ ଭିନ୍ନ ରୂପରେ ଭକ୍ତମାନେ ଅନୁଭବ କରିଛନ୍ତି। ସେଭଳି କିଛି ବିରଳ ଅନୁଭବ, ଅନୁଭୂତିକୁ ନେଇ ପୀତବାସ ରାଉତରାୟଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଅଚିନ୍ତ୍ୟ ଶ୍ରୀଜଗନ୍ନାଥ' ପୁସ୍ତକ। ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କଠାରୁ ଆରମ୍ଭ କରି ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ, ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବ୍ୟକ୍ତି, ବିଶିଷ୍ଟ କବି, ସାହିତ୍ୟିକ, ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ, ସେବକ, ଅଭିନେତା ପ୍ରମୁଖ ବହୁ ପ୍ରସିଦ୍ଧ ବ୍ୟକ୍ତିଙ୍କ ଉଚ୍ଚକୋଟୀର, ଗବେଷଣାଧର୍ମୀ, ଅନୁଭବ ଓ ଅନୁଭୂତିମୂଳକ ଲେଖା ଏହି ପୁସ୍ତକରେ ପ୍ରକାଶ ପାଇଛି। 'ମହାମହିମ ରାଷ୍ଟ୍ରପତିଙ୍କ ଭକ୍ତି ସୁମନ', 'ପ୍ରଚ୍ଛଦ ପ୍ରସଙ୍ଗ', 'ପଦ୍ମଶ୍ରୀ ପୁରସ୍କାର ପ୍ରତିଭାଙ୍କ ବୟାନ', 'ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥକାଠ ପାଇଁ ରଚନା ପଠନ', 'ଶ୍ରୀମନ୍ଦିର ପ୍ରଶାସକଙ୍କ ସ୍ମୃତିଚାରଣ', 'ଅପୂର୍ବ ମନ୍ଦିରର ବୟାନ', 'ବାଇଶି ପାହାଚରେ ସୁଭଦ୍ରାଙ୍କ କଥା ଓ କବିତାର ବୟାନ', 'ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚାରି ସୁମନ' ଆଦି ବିଭାଗର ଲେଖାଗୁଡ଼ିକରେ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରକୁ ନେଇ ଅନନ୍ୟ ଅନୁଭୂତି ପ୍ରକାଶ ପାଇଛି। ଏହି ଗ୍ରନ୍ଥଟି ଶ୍ରୀଜଗନ୍ନାଥ ପ୍ରେମୀଙ୍କ ହୃଦୟକୁ ଭକ୍ତିଭାବରେ ଆପ୍ଳୁତ କରିବ ନିଶ୍ଚୟ। ■

### ଭାଷାଞ୍ଜଳି

ଦାଶ ବେନହୁର



ଶବ୍ଦସ୍ପର୍ଶ
ଭୁବନେଶ୍ୱର
ପ୍ରକାଶ କାଳ : ୨୦୨୪
ମୂଲ୍ୟ: ୨୦୦ ଟଙ୍କା

ନିଜ ମାତୃଭାଷା ପ୍ରତ୍ୟେକ ବ୍ୟକ୍ତିଙ୍କ ହୃଦୟକୁ ସ୍ପନ୍ଦିତ କରେ। ସଚେତନଶୀଳ ବ୍ୟକ୍ତିମାନେ ନିଜ ମାତୃଭାଷାକୁ ଭଲ ପାଇବା ସହିତ ତା'ର ସୁରକ୍ଷା, ପ୍ରଚାରପ୍ରସାରକୁ ପ୍ରାଥମିକତା ଦେଇଥାଆନ୍ତି। ମାତୃଭାଷାର ମହନୀୟତା ଓ ମମତ୍ୱବୋଧ ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି ଦାଶ ବେନହୁରଙ୍କ 'ଭାଷାଞ୍ଜଳି' ପୁସ୍ତକର କବିତା ଗୁଡ଼ିକରେ। ମାତୃଭାଷା ପ୍ରତି ଛୋଟ ଛୋଟ ପିଲାଙ୍କ ଭିତରେ ଆଗ୍ରହ ସୃଷ୍ଟି କରିବା, ଭାଷା ପ୍ରତି ଅଙ୍ଗୀକାରବଦ୍ଧତାକୁ ଦୃଢ଼ୀଭୂତ କରିବା, ମାତୃଭାଷା ପ୍ରତି ଅନୁରାଗ ବୃଦ୍ଧି କରିବା, ମମତ୍ୱବୋଧ ଜାଗ୍ରତ କରିବା ପାଇଁ ଏହି ପୁସ୍ତକର କବିତାଗୁଡ଼ିକରେ ପ୍ରକାରାନ୍ତରରେ ପ୍ରେରଣା ରହିଛି। ମାତୃଭାଷାର ମହତ ରକ୍ଷା ପାଇଁ କବି ସାମାଜିକ ଗଣମାଧ୍ୟମରେ ଲେଖିଥିବା ଏହି କବିତାଗୁଡ଼ିକ ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା। ମାତୃଭାଷା ହେଉଛି ଗୋଟିଏ ଜାତିର ମହକ, ଜାତିର ଗାଥା, ଜାତିର ପରିଚୟ, ମଥାର ମଣି ସ୍ୱରୂପ। ସରଳ ଓ ବୋଧଗମ୍ୟ ଭାଷା, ଛଳ ଛଳ ଭାବ, ମାତୃଭାଷା ପ୍ରତି ମମତ୍ୱବୋଧ ଜାଗ୍ରତ କରିବାର ମହନୀୟ ଚିନ୍ତାଧାରା ଯୋଗୁଁ କବିତାଗୁଡ଼ିକ ଅଧିକ ହୃଦୟସ୍ପର୍ଶୀ ହୋଇଛି। 'ଭାଷାଞ୍ଜଳି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟ ନିଶ୍ଚୟ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ଆତ୍ମ ବିଶ୍ଳେଷଣର ବେଳ



ସ୍ୱୟଂପ୍ରଭା ରଥ

ସ୍ୱପ୍ନ କ'ଣ ନୟନ ଶେଜରେ
ଉଷୁମ ନିଦରେ ଶୋଇପଡ଼ିଥିବା ଆଖିର ପାଣି?
ସ୍ୱପ୍ନ ପରା ତିଳ ତିଳ କରି
ନିଜକୁ ନିଃଶେଷ କରି
ମନ ଇଲାକାରେ ନିତି ଆଙ୍କୁଥିବା
ସୁନେଲି ରାଇଜ
ତୁଷାରଠୁ ମସୃଣ ରୂପେଲି କାହାଣୀ !

ଏମିତି ତାକୁ ଯଦି ଭାଙ୍ଗିବାର ଥିଲା
କାହିଁକି ବଳୀ ପଡ଼ିଗଲା
କଞ୍ଚା ନିଦରୁ ଉଠିଥିବା କୋମଳ ତାରୁଣ୍ୟ
ସବୁଜେଇଯିବା ବୟସରେ କାହିଁ
କାରୁଣ୍ୟରେ ଲିଭିଯାଏ ଦୀପ୍ତ ଅରୁଣ!
ଖଡ଼ ଖଡ଼ କଲେ ଯେବେ କବାଟ ନଖୋଲେ
ତାକୁ ଚିତ୍କାର କରିବାକୁ ହେବ
ଶବ୍ଦ, କବିତା ହାର ମାନିବାକୁ ଅସ୍ୱୀକାର କରନ୍ତି
ତାକୁ ନେଇ ଆଗକୁ ବଢ଼ିବାକୁ ହେବ
ସେ'ଦେଶ ଭକ୍ତ, ଦେଶଦ୍ରୋହୀ ତ ନୁହେଁ!
ଦେଶ ପାଇଁ ପ୍ରାଣବଳୀ ଦେଇପାରିବ
କିନ୍ତୁ ଭ୍ରଷ୍ଟାଚାରରେ ତିଆରି ପୋଲରେ ଚାପି ହୋଇ ନୁହେଁ!

ପରୀକ୍ଷା ଆଗରୁ ପ୍ରଶ୍ନପତ୍ର ଆସି ବଜାରରେ
ଜଙ୍ଗଲ କଟି ଯାଉଛି, ପର୍ବତ ଭାଙ୍ଗିଯାଉଛି
ବିଷାକ୍ତ ରାସାୟନ ଆସି ମିଶିଯାଉଛି ନଦୀର ଜଳରେ!
ଏସବୁ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା
କ'ଣ ଦେଶଦ୍ରୋହ?
ଦେଶପ୍ରେମ ନୁହେଁ?

ଦିନ ଦ୍ୱିପ୍ରହରେ ନାବାଳିକାକୁ ଗଣ ଦୁଷ୍କର୍ମ କରିଥିବା
ଜଘନ୍ୟ ଅପରାଧୀ ଆସି ଖୋଲାରେ ବୁଲୁଛି ରାଜରାସ୍ତାରେ
ଦରିଦ୍ର୍ୟରେ, ଆଣ୍ଠୁଏ ପାଣିରେ କାହାଘରେ
ଚାରିଦିନ ହେଲା ଚୂଲି ଜଳିନାହିଁ!
ଅଥଚ ପୁଞ୍ଜିପତି, ନେତା
ଗୋଲାପ ଶେଜରେ, ଗହଳ ନିଦରେ
କୀଟ ପତଙ୍ଗଙ୍କ କଥା ଶୁଣିବାକୁ
ସେମାନଙ୍କର ବା ବେଳ କାହିଁ?
ସମୟରେ ଟ୍ୟାକ୍ସ ଦେଉଥିବା ଲୋକଙ୍କର
କ'ଣ କିଛି କହିବାର ବି ଅଧିକାର ନାହିଁ?
ନିଜ ଭାଗର ନ୍ୟାୟ ଟିକିଏ
ମାଗିବା କ'ଣ ଦେଶଦ୍ରୋହ ?
ଦେଶପ୍ରେମ ନୁହେଁ?

ଆଜି ବିଚାର କରିବାର ବେଳ
ଆତ୍ମ ବିଶ୍ଳେଷଣର ବେଳ!
ମୌନ ମୂକ ପାଷାଣର ଜଡ଼ତା ଛାଡ଼ି ବଞ୍ଚିବାର ବେଳ!
ଧୂଆଁଳିଆ ଦିନର ସୂର୍ଯ୍ୟ ଅପସରି ଯାଉ
ଦିନ ଦିନର ଅନ୍ଧକାର ପୋଛି
ରାତ୍ରୀ ଜ୍ୟୋସ୍ନାସ୍ନାତା ହେଉ
ନୂତନ ସମ୍ଭାବନାର ସୂର୍ଯ୍ୟ ଉଇଁଆସି
ପୂର୍ବାକାଶକୁ ଝଟକେଇ ଦେଉ
ଆସ ଆମେ ସ୍ୱାଗତ କରିବା
ଆଉ ଏକ ନୂତନ ସକାଳ !! ■


ଫ୍ଲାଟ୍ ନମ୍ବର -୫୧୩
୭୮ ଡ୍ରିମ୍ସ ଆପାର୍ଟମେଣ୍ଟ
ଘାଟିକିଆ, ଭୁବନେଶ୍ୱର
ମୋ: ୯୪୩୭୪୬୨୮୧୨


## ହରତାଳ



ଯାଦବେନ୍ଦ୍ର ସାହା

ଦେଖୁନ, ମୋର ପୁଣି ଗୋଟେ ଇଚ୍ଛା
ଖୁବ୍ ସାଧାରଣ ଭାବରେ
ହରତାଳରେ ସାମିଲ ହେବାଟା,
ହେଲେ ମୁଁ କେମିତି ଜାଣୁନି ଯେ'
ମଝି ରାସ୍ତାର ଲାଠି ମାଡ଼ରେ
ମୁଣ୍ଡରୁ ଝରଝର ରକ୍ତ ଦେବାକୁ ହେବ।

ପୁଣି କିଛି ହୋ ହାଲ୍ଲା ହେବ, କାନ୍ଦ ବୋବାଳି ହେବ
କିଛି ବନ୍ଧୁଙ୍କ ଭିତରେ ବ୍ୟସ୍ତତା,
ପୁଣି କାହାରି ମନରେ ଚିନ୍ତା ଉଠିବ
ମୋର ରକ୍ତ ନିଥିରି ପଡୁଥିବା ଚିତ୍ରକୁ ଚାହିଁ।

ମୁଁ ମୋ ସ୍ତ୍ରୀକୁ କହିଛି, ଆଦୌ କାନ୍ଦିବୁନି
ମୋର ଯଦି କିଛି ହେଇଯାଏ -
ଯେତିକି ପାରିଛି ପ୍ରେମ ଦେଇଛି,
ସେତିକି ସମ୍ଭାଳି ନେବୁ ଯତନେ
ବାସ ! ଲୁହ ଢାଳି ଦେବୁ କେଇଟା ଦିନ...

ମୋର ବୁଢ଼ା ବାପାକୁ ବୁଝାଇ ଦେଇଛି-
ବାପା ! ଏ ଏକ ସବୁଦିନିଆ ଘଟଣା
ଜମା ମନ ଊଣା କରିବନି,
କେତେ ଥର ବୁଝେଇଛି ବି କେତେଥର
ଭିନ୍ନଭିନ୍ନ ବାଗରେ...

ତଥାପି, ମାଆ ମୋର ରାଗ କରେ
ମୋର ଏଭଳି କଥା ଶୁଣି ଦେଲେ
କୁହେ- ପୁଅ !
କେବେ ଏମିତି କହିବୁନି ?
ମୋ' ଛାତି ଭିତରେ କ'ଣ ଗୋଟେ ଧଡ଼ଧଡ଼ ଶୁଭେ।

ମୁଁ ତା' କଥା ଶୁଣି ହସେ ଓ କୁହେ -
ଶୁଣିଛୁ !
ଦିନେ ଗାନ୍ଧିଜୀଙ୍କ ମୁଣ୍ଡରୁ ବି କୁଆଡ଼େ
ଝର ଝର ରକ୍ତ ଝରିଛି ଲୋ ମାଆ ! ■


ବୋରିଙ୍ଗପଦର, କେସିଙ୍ଗା
କଳାହାଣ୍ଡି
ମୋ: ୯୯୩୮୭୧୧୭୦୫




ମୁଁ କାହିଁକି ଲେଖେ

# "ମୋର ବିଶ୍ୱାସ କବିତା ନିଜକୁ ଲେଖେଇ ନିଏ"



ପ୍ରହ୍ଲାଦ ଶତପଥୀ

ପ୍ଲାଟୋଙ୍କ ଉକ୍ତିରୁ ଆରମ୍ଭ କରାଯାଇପାରେ କବିତାର ଯାତ୍ରା। "Every heart sings a song, incomplete until another heart whispers back. Those who wish to sing always finds a song. At the touch of a lover, everyman becomes a poet."

ଯିଏ ଗୀତ ଗାଇବାକୁ ଚାହେଁ, ସର୍ବଦା ଗୀତଟିଏ ପାଇଯାଏ। ପ୍ରେମାସ୍ପଦର ସ୍ପର୍ଶ ପାଇଲେ, ପ୍ରତ୍ୟେକ ମଣିଷ କବି ପାଲଟି ଯାଏ। ମୋ' କ୍ଷେତ୍ରରେ ସେଇମିତି ଘଟିଛି। ଯେମିତି ବିଧିବଦ୍ଧ ଯୋଜନା ପ୍ରେମ ପାଇଁ ନ ଥିଲା, କବିତା ଲେଖା ବି ଆକସ୍ମିକ ଥିଲା। ହଠାତ୍ କବିତାର ପ୍ରେମରେ ପଡ଼ିଲି। ମୋର ବିଶ୍ୱାସ କବିତା ନିଜକୁ ଲେଖେଇ ନିଏ। କବି ମାଧ୍ୟମଟିଏ।

ହଁ, କବିତା ମୋ' ପାଇଁ ଏକ ସୁନ୍ଦର ଆକସ୍ମିକ। ମୁଁ କେବଳ ମାଧ୍ୟମ ଟିଏ। ମୁଁ ନିଜେ ହିଁ ସେଇ କବିତା ଯାହାକୁ ମୁଁ ଲେଖି ଚାଲିଛି ଅନବରତ।

ମୋର ବିଶ୍ୱାସ କବିତା ଶବ୍ଦ ହୋଇ, ଧ୍ୱନି, ରୂପକଳ୍ପ ହୋଇ ଥାଏ କୋଉଠି ନା କୋଉଠି। କବିତା ଲେଖିଲା ବେଳେ ସେମାନେ କବି ପାଖକୁ ଆସନ୍ତି, ଓ ଲେଖା ସରିଲା ପରେ ଚାଲି ଯାଆନ୍ତି ଯିଏ ଯାର ଜାଗାକୁ। କବିତା ଲେଖା ଜାରି ଥାଏ।

ପ୍ରକୃତରେ କବିତା କ'ଣ ଭାଷାରେ ସୀମିତ ଥାଏ?

କବିତା ଘୂରୁ ଥାଏ ନିମଗ୍ନ ହୋଇ କେଉଁ ଏକ ଘୂର୍ଣ୍ଣି ଝଡ଼ରେ, ଧୂଳିର ପ୍ରତିଟି ଅଣୁରେ, ପବନ ସହ ତାଳ ଦେଇ ନାଚୁ ଥାଏ, ଡାଳ ପତ୍ର ସନ୍ଧି ରେ, ନିର୍ଦ୍ଦିଷ୍ଟ କେଉଁ ଏକ ରିୟାଜ୍‌ରେ, ନୀରବରେ, ତପସ୍ୱୀ ପରି, ଗଛ ବସିଥିବା ବେଳେ, ଯୋଗ ମୁଦ୍ରାରେ।

ମୁଁ ଲେଖୁ ନ ଥିବା ବେଳେ, କ'ଣ କବିତା ଲେଖା ଚାଲିନି?

ମୁଁ ଯାହାକୁ ଅନାଉଛି, ତା' ଆଖିରେ କବିତା ଦେଖୁଛି। କୋଦାଳ ନେଇ ମାଟି ହାଣୁଥିବା ହାତ, ଚାରା ରୋପୁଥିବା ଆଙ୍ଗୁଳି, ଫୁଲ ଫୁଟଉଥିବା ଗଛ, ପତ୍ରରେ ନିଜସ୍ୱ ଅଙ୍ଗ ପ୍ରତ୍ୟଙ୍ଗକୁ ଢାଙ୍କୁ ଥିବା ନଙ୍ଗଳା ଡାଳ, ନୂଆଁ ହୋଇ ଉଡ଼ି ଶିଖୁଥିବା ପକ୍ଷୀ, ମାଟି ଭିତରକୁ ପଶୁଥିବା କୀଟ, ଗୋଟାଏ ଉଦାସ ସନ୍ଧ୍ୟାକୁ କୂଳରେ ଅପେକ୍ଷା କରିଥିବା ନଈ, ଦିଓଟି ପାହାଡ଼ ସନ୍ଧିରେ ଉଦିବାକୁ ଥିବା ସୂର୍ଯ୍ୟ, ରାବିବାକୁ ଉଦ୍ୟମରତ ପକ୍ଷୀ, ସଭିଏଁ କବିତା ଯେଉଁମାନଙ୍କୁ ମୁଁ ଲେଖିନି, ଅଥଚ ସେମାନେ କବିତା ନିଜ ନିଜ ବାଗରେ।

କବିତା ନୂଆଁ ଦୃଷ୍ଟିକୋଣ ଦିଏ। ସାଧାରଣ ଘଟଣାକୁ ଅସାଧାରଣ କରିପାରେ। କବିତା ଜରିଆରେ ନକରାତ୍ମକ ଆବେଗ ସବୁ ସକରାତ୍ମକ ଅନେକାଂଶରେ ହୋଇପଡ଼େ ଓ ମନ ହାଲୁକା ହୋଇପଡ଼େ। କବିତା ମଣିଷ ଭିତରେ ସମବେଦନା ଜାଗ୍ରତ କରେ।

ଦୃଶ୍ୟମାନ ଜଗତ ପଛର ଅଦୃଶ୍ୟ ସତ୍ୟକୁ କବିତା ମାଧ୍ୟମରେ ଖୋଜିହୁଏ। ଏକାକୀପଣରୁ ମୁକ୍ତି ଦିଏ ଓ ସମ୍ପର୍କରେ ସେତୁ ତିଆରି କରେ। ଶବ୍ଦ ସେତୁ ସଦୃଶ ମଣିଷ ମଣିଷ ଭିତରେ, ଜୀବନ ଓ ଜୀବନ ଭିତରେ ସବୁବେଳେ ରହିଥାଏ। କବିତା ସମୟର ସାକ୍ଷୀ।

ମୁଁ କେବେବି ପଚାରିନି କବିତାକୁ, ଏତେ ଲୋକ ଥାଉ ଥାଉ ମୋତେ କିଆଁ ମାଧ୍ୟମ କଲା। ତେବେ କବିତା ଜରିଆରେ ମୁଁ ମୋର ଶାବ୍ଦିକ କୃତଜ୍ଞତା, ମଣିଷ ସ୍ଥାବର ଜଙ୍ଗମ କୀଟ ପତଙ୍ଗ ସଭିଙ୍କୁ ଜଣେଇବାର ସୁଯୋଗ ପାଇଲି। ହୃଦୟରେ ଅନ୍ୟ ଏକ ହୃଦୟକୁ କେମିତି ରୋପି ଦିଆଯାଇପାରେ, କବିତା ଶିଖେଇଲା। ବିଶ୍ୱାସ ଟିକକ ଛାତିରେ ଅଙ୍କୁରେଇବାର ପ୍ରଚେଷ୍ଟା ଜାରି ଥାଉ, ସେଇଥି ପାଇଁ ହୁଏତ କବିତାର ପାଖେ ପାଖେ ରହିଛି। କଳା ଜନ୍ଦାଟିଏ ମାଡ଼ି ଯାଉଛି ଆଗକୁ, ତା' ପାଇଁ ଅଙ୍କୁରେଇବାକୁ ହେବ ଦାନା, ନଙ୍ଗଳା ବୁଭୁକ୍ଷିତ କଙ୍କଡ଼ା ବିଛାମାନଙ୍କ ପାଇଁ ଅଙ୍କୁରେଇବାକୁ ହେବ କନା, ଲହ ଲହକା ଲହଁପି ଯାଉଥିବା ଅଙ୍ଗ ପ୍ରତ୍ୟଙ୍ଗମାନଙ୍କ ପାଇଁ ଛାଉଣି, ଶିଶିର ପାଇଁ ଅଙ୍କୁରେଇବାକୁ ହେବ ଦୁବଘାସର ହୃଦୟ। ରାତି ଅଧରେ ରାସ୍ତାରେ ଚରି ବୁଲୁଥିବା ଭୟମାନଙ୍କ ପାଇଁ ଅଙ୍କୁରେଇବାକୁ ହେବ ବିଶ୍ୱାସ।

ବେଳେବେଳେ ମନରେ ପ୍ରଶ୍ନ ଆସେ, ଆମେ କାହିଁକି ଲେଖୁ, ଯେତେବେଳେ ଲେଖିବା ନ ଲେଖିବା ଏକା ପରି ଲାଗୁଛି। ସହରଟିଏ ଅନ୍ଧ ମୂକ ବଧିର ସାଜୁଛି, ଯେତେବେଳେ ଉଜୁଡ଼ି ଯାଉଛି କ୍ଷେତ, ସବୁଜ ପତ୍ର ସବୁକୁ ଚରି ଯାଉଛନ୍ତି ପୋକ, ଯେତେବେଳେ ବର୍ବର ହାତ ଅଲଗା କରି ଦେଉଛି ସର୍ବାଙ୍ଗ, ଆଖି ଓଠ ହୃତପିଣ୍ଡ। ଆମେ କାହିଁକି ଲେଖୁଛୁ ଯେତେବେଳେ ଲୋକେ ଅକ୍ଷର ଭୁଲିଗଲେଣି ଶବ୍ଦର, ଭାଷା ଭୁଲିଗଲେଣି କବିତାର। ଗଜୁରିବାର ନ୍ୟାର୍ଯ୍ୟ ଦାବିରୁ ବଞ୍ଚିତ କରୁଛନ୍ତି ଚାରାକୁ, ରୋପିବାର ମନ୍ତ୍ର ଭୁଲିଗଲେଣି, ତିରସ୍କାର କରି ବସିଲେଣି ଦୋରସା ମାଟିର ମହନୀୟତାକୁ। ଆମେ କାହିଁକି ଲେଖୁଛେ?

ଯେତେବେଳେ ଉପଭୋକ୍ତା ସଂସ୍କୃତିର ବିରାଟ ଆଁ ଭିତରକୁ ପଶି ସବୁକିଛି କ୍ଷଣିକେ ଲୀନ ହେଇ ବସୁଛି।। ଜଣେ ଶିଳ୍ପପତିଙ୍କ ଚାରି ହଜାର କୋଟିର କୋଠା, ସେପଟେ ହଜାର ହଜାର କୋଟିର ନିଦୁଆ ଆଖିପତା, ଡ୍ରଇଂ ରୁମ୍ କାନ୍ଥରେ ପୁଞ୍ଜିବାଦର ସାଇତା ଜଳପ୍ରପାତ, ଗୋଟାଏ ପଟେ ପଞ୍ଚାବନ ପ୍ରତିଶତ ଲୋକଙ୍କ ମୁଣ୍ଡ ପିଛା ଖର୍ଚ୍ଚ ମାତ୍ର ସତର, ସେପଟେ ଦ୍ୱୈତ ଅର୍ଥନୀତି, ଦାରିଦ୍ର୍ୟର ସୀମାରେଖା ଟପି ପାରୁ ନ ଥିବା ହସ, ବଜାରୀକରଣର।

ଆମେ କାହିଁକି ଲେଖୁଛେ, ଯେତେବେଳେ ଗମଲାରେ ପାହାଡ଼ଗୁଡିକକୁ ସଜାଉଛି ରାଜ୍ୟ, ସେଲୁନରେ ଗଛମାନଙ୍କୁ ଟ୍ରିମିଂ କରୁଛି ରାଜଧାନୀ। ଯେତେବେଳେ ଅଧିବାସୀ ଜଳ ଜମି ଜଙ୍ଗଲକୁ ନେଇ ସରକାର ବିରୁଦ୍ଧରେ ଯୁଦ୍ଧ ଘୋଷଣାରତ ଏକ ଲହୁଆ ଅପଶବ୍ଦ।

ଏମିତି ଏକ ବାସ୍ତବିକତା ସହ ମୁଁ ଆମେ ସଭିଏଁ ଯୁଝୁଥିବା ବେଳେ, ଯଦି କବିଟିଏ ଓଠ ପିଠିରେ ଜନ୍ମ ନେଇ ଫେରୁଛି ଓ ଓହ୍ଲେଇ ଦେଉଛି ଆକାଶ, ଛାଟି ଦେଉଛି ଇନ୍ଦ୍ରଧନୁର ତମ୍ବୁ, ଶବ୍ଦର ଚଞ୍ଚୁ ଘସା ଘଷି ରେ ପାହି ଯାଉଛି ରାତି, ଶୁଣୁଛି ସକାଳ ନଈର, କାକଳିର, ଶୁଣୁଛି ସକାଳ କଲ୍ଲୋଳର ଓ କହୁଛି, ଶବ୍ଦ ବି ଭୋକ ମେଣ୍ଟାଇ ପାରେ ଗୋଟାଏ ସଭ୍ୟତାର, ଖାଲି ଶବ୍ଦ ପ୍ରତି ସଭ୍ୟତାର ଭୋକ ଥିବା କଥା, ତାକୁ ପଚାରନା, ସେ କାହିଁକି ଲେଖେ? ■


ଟିକ୍ରାପରା,
ପୋ/ଜି: ବଲାଙ୍ଗୀର, ୭୬୭୦୦୧
ମୋ: ୯୪୩୭୧୫୦୯୫୧

## ନିଟ୍-ପିଜି ପରୀକ୍ଷା ପ୍ରସ୍ତୁତିର ସମୀକ୍ଷା କଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା

ନୂଆଦିଲ୍ଲୀ,୧।୮ (ଏଜେନ୍ସି): ନିଟ୍-ପିଜି ୨୦୨୬ ଅଗଷ୍ଟ ୩୦ରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ପରୀକ୍ଷା ପରିଚାଳନା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡା ଶନିବାର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ପରୀକ୍ଷା ପରିଚାଳନାକୁ ସ୍ୱଚ୍ଛ, ସୁରକ୍ଷିତ ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ କରିବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ମୋଟ ୨,୭୩,୧୮୩ ଜଣ ପରୀକ୍ଷାର୍ଥୀ ନିଟ୍-ପିଜି ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିବା ସୂଚନା ମିଳିଛି। ଗତବର୍ଷ ତୁଳନାରେ ଏହି ସଂଖ୍ୟା ୧୨.୫% ବୃଦ୍ଧି ପାଇଥିବା କୁହାଯାଇଛି। ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ଦେଶର ପ୍ରାୟ ୩୪୦ଟି ସହରର ୧,୩୦୦ରୁ ଅଧିକ କେନ୍ଦ୍ରରେ ଏହି ପରୀକ୍ଷା ଗୋଟିଏ ସିଫ୍ଟରେ ପରିଚାଳିତ ହେବ। ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ପରୀକ୍ଷାର୍ଥୀମାନେ ନିଜ ଘର ନିକଟସ୍ଥ ପରୀକ୍ଷା କେନ୍ଦ୍ର ପାଇଁ ୩ଟି ରାଜ୍ୟ ଚୟନ କରିପାରିବେ। ପରୀକ୍ଷାର ପ୍ରାୟ ୩ ସପ୍ତାହ ପୂର୍ବରୁ ପରୀକ୍ଷା କେନ୍ଦ୍ର ବିଷୟରେ ସୂଚନା ପ୍ରଦାନ କରାଯିବ। ପରୀକ୍ଷାକୁ ଅଧିକ ସୁବିଧାଜନକ କରିବା ପାଇଁ ୧୮୦ଟି ପ୍ରଶ୍ନ ପାଇଁ ୨୧୦ ମିନିଟ୍ ସମୟ ଧାର୍ଯ୍ୟ କରାଯାଇଛି। ଫଳରେ ପରୀକ୍ଷାର୍ଥୀମାନେ ପ୍ରତି ପ୍ରଶ୍ନ ପାଇଁ ଅଧିକ ସମୟ ପାଇବେ। ମନ୍ତ୍ରୀ ଜେପି ନଡ୍ଡା ପରୀକ୍ଷାର୍ଥୀମାନଙ୍କୁ କୌଣସି ପ୍ରକାର ଗୁଜବ କିମ୍ବା ଜାଲିଆତିର ଶିକାର ନହେବାକୁ ଅନୁରୋଧ କରିଛନ୍ତି। ପ୍ରଶ୍ନପତ୍ରର ଗୋପନୀୟତା ଏବଂ ସୁରକ୍ଷା ନେଇ ସେ ଆଶ୍ୱାସନା ଦେଇଛନ୍ତି। ସୁରକ୍ଷା ପାଇଁ ଆଧାର ଭିତ୍ତିକ ବାୟୋମେଟ୍ରିକ୍ ଏବଂ ଆଇରିସ୍ ଯାଞ୍ଚ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନା ପାଇଁ ୬୦,୦୦୦ରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସହ ସିସିଟିଭି ଏବଂ ସିଗନାଲ୍ ଜାମର୍ ବ୍ୟବହାର କରାଯିବ। କୌଣସି ଅସାଧୁ କାର୍ଯ୍ୟକଳାପ ସମ୍ପର୍କରେ ରିପୋର୍ଟ କରିବା ପାଇଁ ଏନ୍‌ବିଇଏମ୍‌ଏସ୍ ପକ୍ଷରୁ ସ୍ୱତନ୍ତ୍ର ଇମେଲ୍ କାର୍ଯ୍ୟକାରୀ କରାଯାଇଛି।

**ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଘୋଷଣା**

## ପୋଖରୀକୁ ବାଇକ୍ ଖସି ୩ ମୃତ

ବାରିପଦା/କୁଆମରା, ୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ଗ୍ରାମରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ବାଇକ୍ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୁଆମରା ଗ୍ରାମର ସହଦେବ ସିଂ, ଶକ୍ତି ସିଂ ଓ ରଘୁ ସିଂ। କୁଆମରା ହାଟ ସାରି ସମସ୍ତେ ଏକ କେଟିଏମ୍ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ନିଶାସକ୍ତ ଅବସ୍ଥାରେ ବେପରୁଆ ଚାଳନା ଓ ଦ୍ରୁତ ଗତି ପାଇଁ ଗାଁ ପୋଷ୍ଟ ଅଫିସ ନିକଟ କଲଭର୍ଟରେ ନିୟନ୍ତ୍ରଣ ହରାଇ ବାଇକ୍‌ଟି ରାସ୍ତା ପାଖର୍ ପାଚେରିରେ ପିଟି ହୋଇ ପାଖ ପୋଖରୀ ଭିତରକୁ ଖସିପଡ଼ିଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ବାଇକ୍‌ରେ ଥିବା ତିନିଜଣ ଯୁବକଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୁଣ୍ଟା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ମଧ୍ୟରୁ ମୃତଦେହ ଓ ବାଇକ୍‌କୁ ଉଦ୍ଧାର କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। କୁଆମରା ଡାକ୍ତରଖାନାରେ ତିନିଜଣଙ୍କୁ ମୃତ ଘୋଷଣା କରାଯାଇଛି। ଖୁଣ୍ଟା ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। କୁଆମରା ଅଞ୍ଚଳରେ ଚୋରାମଦ ବିକ୍ରି ବନ୍ଦ ପାଇଁ ସାଧାରଣରେ ଦାବି ହୋଇଛି।



## ଶାଳୀନତା ଭୁଲିଗଲେ ଯୋଗାଣ ମନ୍ତ୍ରୀ
## ସର୍ବସମ୍ମୁଖରେ ଅଧିକାରୀଙ୍କୁ କହିଲେ ଅପଶବ୍ଦ

ଢେଙ୍କାନାଳ,୧।୮ (ସମିସ): ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ବିବାଦ ପିଛା ଛାଡୁନି। ଅତୀତରେ ଆଳୁ, ପିଆଜ ଦର ବୃଦ୍ଧି ଓ ଯୋଗାଣ ସଂକଟ, ପିଡିଏସ୍ ସାମଗ୍ରୀ ବଣ୍ଟନ ଅନିୟମିତତା, ଚାଷୀ ପଞ୍ଜୀକରଣ, ଇ-କେୱାଇସି, ସାର ସଂକଟ ଆଦି ବିଭିନ୍ନ ପ୍ରସଙ୍ଗରେ ବାତୁଳା ମନ୍ତବ୍ୟ ଦେଇ ସମାଲୋଚନାର ଶୀକାର ହୋଇଥିବା ମନ୍ତ୍ରୀ ଶ୍ରୀ ପାତ୍ର ପୁଣି ଚର୍ଚ୍ଚାକୁ ଆସିଛନ୍ତି।

ସେ ନିଜ ଶାଳୀନତା ଭୁଲି ସର୍ବସମ୍ମୁଖରେ ଦୁଇ ବରିଷ୍ଠ ଅଧିକାରୀଙ୍କୁ ଅପଶବ୍ଦ ପ୍ରୟୋଗ କରିଥିବା ଭଳି ସଙ୍ଗୀନ ଘଟଣା ସାମ୍ନାକୁ ଆସିଛି। ମନ୍ତ୍ରୀ ଶ୍ରୀ ପାତ୍ର ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ 'ଚୁପ୍ ବେ' ବୋଲି କହିବା ସହ ବଦଳି କରିଦେବାକୁ ଧମକ ମଧ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ଲକର ପିଇଓମାନେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ କାଇମାଟି ପଞ୍ଚାୟତ ଗହମଖୁଣ୍ଟି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଖବର ପାଇ ମନ୍ତ୍ରୀ ସମୀକ୍ଷା କରିବାକୁ ସେଠାକୁ ଯାଇଥିଲେ। ଗରିବ ତଥା ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଥିବା ଜାଣିବା ପରେ ସେ ବିଡିଓ ରାହୁଲ ମଣ୍ଡଳ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱର୍ଣ୍ଣପ୍ରଭା ସାହୁଙ୍କ ତାଗିଦ କରିଥିଲେ। ଏପରିକି ଗ୍ରାମବାସୀଙ୍କ ସମ୍ମୁଖରେ ବିଡିଓଙ୍କୁ ବଦଳି କରିଦେବେ ବୋଲି ମଧ୍ୟ ଧମକ ଦେଇଥିଲେ।

ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ପାତ୍ର କହିଲେ, ଆମେ ଚାହୁଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗରିବ ଲୋକମାନେ ପାଆନ୍ତୁ। ଗରିବ ଲୋକଙ୍କ ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି। କିନ୍ତୁ ସର୍ଭେ ସମୟରେ ଅଧିକାରୀମାନେ ଭୁଲ୍ କରିଛନ୍ତି। ସେଥିପାଇଁ ତାଗିଦ କରିଥିବା କହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହିମସ୍ଖଳନରେ ଚାଲିଗଲା...

ନିର୍ମଳ ପୁର୍ଜା ଦୁଇ ହଜାର ଉଣେଇଶ ମସିହାରେ ପୃଥିବୀର ୮ ହଜାର ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ସମସ୍ତ ୧୪ଟି ଶିଖରକୁ ମାତ୍ର ଛଅ ମାସରେ ଆରୋହଣ କରି ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଥିଲେ। ପରେ ତାଙ୍କ ଏହି ଅସାଧାରଣ ସଫଳତା ଉପରେ ନିର୍ମିତ ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ଲୋକପ୍ରିୟତା ଲାଭ କରିଥିଲା। ଶୀତକାଳରେ ବିଶ୍ୱର ଦ୍ୱିତୀୟ ଉଚ୍ଚତମ ଶିଖର କେ–ଟୁକୁ ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ନେପାଳୀ ଦଳ ସହ ଆରୋହଣ କରିଥିବା ବୀରମାନଙ୍କ ମଧ୍ୟରେ ମଧ୍ୟ ସେ ଥିଲେ। ନିର୍ମଳ ପୁର୍ଜାଙ୍କ ଅକାଳ ବିୟୋଗକୁ ପର୍ବତାରୋହଣ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କୁହାଯାଉଛି। ସାହସ, ଦୃଢ଼ ସଙ୍କଳ୍ପ ଓ ଅଦମ୍ୟ ଇଚ୍ଛାଶକ୍ତିର ପ୍ରତୀକ ଭାବେ ପରିଚିତ ଏହି ମହାନ ପର୍ବତାରୋହୀଙ୍କ ସ୍ମୃତି ବିଶ୍ୱ ପର୍ବତାରୋହଣ ଇତିହାସରେ ସଦା ଅମର ରହିବ।

### କମୁଛି ପାଣି...

ବନ୍ୟାର ଆଶଙ୍କା ନଥିବା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ତେବେ ମହାନଦୀର ବନ୍ୟା କାରଣରୁ ବାଙ୍କୀ, ଖୋର୍ଦ୍ଧା, କଣାସ, ନିମାପଡ଼ା, ଗୋପ ପରି ବ୍ଲକର ଅନେକ ପଞ୍ଚାୟତରେ ପାଣି ପଶିଥିବାରୁ ଲୋକେ ପ୍ରଭାବିତ ହୋଇଛନ୍ତି। ତେବେ ମହାନଦୀରେ ଇନଫ୍ଲୋ ବର୍ତ୍ତମାନ ପ୍ରାୟ ୨ ଲକ୍ଷ ୮୪ ହଜାର କ୍ୟୁସେକ ଥିବା କାରଣରୁ ଆଉ ବନ୍ୟା ଆଶଙ୍କା ନଥିବା କୁହାଯାଉଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଦିଲ୍ଲୀପ ରାଉତ କହିଛନ୍ତି ଯେ ମହାନଦୀରେ ବର୍ତ୍ତମାନ ବନ୍ୟାର ଆଶଙ୍କା ନାହିଁ। ହୀରାକୁଦ ବନ୍ଧ ପାଇଁ ଚଳିତ ବର୍ଷ ଏକ ବଡ଼ ବନ୍ୟା ଦାଉରୁ ଆମେ ରକ୍ଷା ପାଇଛନ୍ତି। ଆମେ ଧୈର୍ଯ୍ୟର ସହ ହୀରାକୁଦ ବନ୍ଧର ପରିଚାଳନା କରିଥିଲୁ। ଯାହାଫଳରେ ଆମେ ତଳମୁଣ୍ଡରେ ବନ୍ୟାକୁ ଏଡ଼ାଇ ଦେଇପାରିଛୁ। ହୀରାକୁଦରେ ଏବେ ୬୨୫ .୨୧ ଫୁଟ ପାଣି ଅଛି। ଉପରମୁଣ୍ଡରୁ ମଧ୍ୟ ପାଣି କମିଛି। ଗତକାଲି ୨୨ ଗେଟ ଖୋଲା ଥିଲା । ଦୁଇ ଦିନ ଯାଏଁ ଆଉ ଗେଟ ବନ୍ଦ ହେବନି। ଆସନ୍ତା ୩ ତାରିଖ ବେଳକୁ ଏହା ୬୧୮ ଫୁଟକୁ ଜଳସ୍ତର ଖସିବା ନେଇ ଆମେ ଲକ୍ଷ୍ୟ ରଖିଛୁ। ତେବେ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର କେତେକ ତଳିଆ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ଦେଖାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଅପରପକ୍ଷେ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବନ୍ୟାରେ ମୋଟ ୯ଟି ଜିଲ୍ଲାର ୪୫ ଟି ବ୍ଲକ୍ ଅନ୍ତର୍ଗତ ୩୩୧ ଟି ଗ୍ରାମ ପଞ୍ଚାୟତର ୧୩୪୧ ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ତା ମଧ୍ୟରେ ୪୮୮୬୮ ପ୍ରାଣୀ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବରେ ୫ ଟି ବଡ଼ ପ୍ରାଣୀ, ୧୨୦ ଟି ଛୋଟ ପ୍ରାଣୀ ଓ ୮୦୯୦୦ ଟି କୁକୁଡ଼ାଙ୍କର ମୃତ୍ୟୁ ଘଟିଛି। ବନ୍ୟା ପ୍ରଭାବିତ ଜିଲ୍ଲା ଗୁଡିକୁ ୮୦୦ ମେଟ୍ରିକ ଟନ ଗୋ ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ୭୩.୨ କ୍ୱିଣ୍ଟାଲ ସବୁଜ ଘାସ ଏବଂ ୧୩.୯ କ୍ୱିଣ୍ଟାଲ ଶୁଖିଲା ଘାସ ଓ ନଡା ବଣ୍ଟନ କରାଯାଇଛି। ଏହି ବନ୍ୟା ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ସେବା ପାଇଁ ୫୮ ଟି ରାପିଡ୍ ରେସପନ୍ସ ଟିମ ମୁତୟନ କରାଯାଇଥିବା ବେଳେ ୨୪୫ ଟି ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରାଯାଇ ୧୫୧୭୯ ଟି ପ୍ରାଣୀଙ୍କର ଚିକିତ୍ସା କରାଯାଇଛି ବୋଲି ରାଜ୍ୟ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୯୩ ପ୍ରତିଶତ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯାଇଥିବା ଶକ୍ତି ବିଭାଗ ସୂଚନା ଦେଇଛି। ରାଜ୍ୟ ସରକାର ପ୍ରଭାବିତ ଅଞ୍ଚଳରେ ନିରାପଦ ପାନୀୟକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ରାଜ୍ୟସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି ବୋଲି ସୂଚନା ମିଳିଛି।

### ହୀରାକୁଦର ୨୨ ଗେଟ୍...

ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩,୫୩,୬୭୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୨୮୪୮୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୪୦୨୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୯,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୯୧,୫୦୦ କ୍ୟୁସେକ୍, ଖଇରମାଲଠାରେ ୫,୩୪,୦୦୦ କ୍ୟୁସେକ୍, ବାରମୁଲଠାରେ ୪,୭୨,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୫,୫୯,୩୯୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଶନିବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨.୧୨ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୨୯ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

### ଆକାଶମାର୍ଗରୁ ବନ୍ୟା...

କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ଅଞ୍ଚଳ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ବନ୍ୟା ପରିସ୍ଥିତି ଉପରେ ତାଙ୍କର ସମ୍ପୂର୍ଣ୍ଣ ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି। ସବୁ ବିପର୍ଯ୍ୟୟ ପରି ଏହି ବନ୍ୟାରେ ମଧ୍ୟ ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦିଆଯାଇଛି। ଚଳିତ ବନ୍ୟାରେ ଉଦ୍ଧାର କାର୍ଯ୍ୟରେ ୧୭ଟି ଓଡ୍ରାଫ, ୭ଟି ଏନଡିଆରଏଫ ଏବଂ ୧୨୯ଟି ଅଗ୍ନିଶମ ଓ ଜରୁରୀ ସେବାଦଳ ସାମିଲ ଅଛନ୍ତି। ୭୦୦ଟି ଆଶ୍ରୟ ସ୍ଥଳ ଓ ରିଲିଫ କ୍ୟାମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ରହିବା, ଶୁଖିଲା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା, ପିଇବା ପାଣି ଓ ଡାକ୍ତରୀ ସେବାର ବ୍ୟବସ୍ଥା କରାଯାଇଛି। ଏ ସମସ୍ତ ଜିଲ୍ଲା ଗୁଡିକରେ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ସ୍ତରରେ ରିଲି' ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି ବୋଲି ସେ କହିଥିଲେ। ବନ୍ୟା ପ୍ରପିଡିତଙ୍କ ସହାୟତା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ପରିବାରମାନଙ୍କୁ ପଲିଥିନ୍, ଶୁଖିଲା ଓ ରନ୍ଧାଖାଦ୍ୟ, ପିଇବା ପାଣି ଓ ଔଷଧ ଆଦି ଯୋଗାଇଦିଆଯାଉଛି। କ୍ଷତିଗ୍ରସ୍ତ ରାସ୍ତାଗୁଡିକୁ ମଧ୍ୟ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରି ବନ୍ୟା ପରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଯେପରି ନଉପୁଜେ ସେଥିପାଇଁ ମଧ୍ୟ କଡା ନଜର ରଖାଯାଇଛି। ସରକାରଙ୍କ ପକ୍ଷରୁ ଉପଯୁକ୍ତ ସମୟରେ ସୂଚନା ପ୍ରଦାନ ଓ ଉଚିତ ପଦକ୍ଷେପ ଯୋଗୁ ବନ୍ୟାଜନିତ ବଡ କ୍ଷୟକ୍ଷତିକୁ ରୋକାଯାଇ ପାରିଛି ବୋଲି ସେ କହିଥିଲେ।

### ୨୦୨୯ ସୁଦ୍ଧା...

ରାଜ୍ୟର ୧୯ଟି ଜିଲ୍ଲା ଅନ୍ତର୍ଗତ ୨୩ଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ ୨୦ଟି କ୍ଷୁଦ୍ର ପ୍ରକଳ୍ପ ମାଧ୍ୟମରେ ୧୩୪ଟି ବ୍ଲକରେ କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟକ୍ରମ ପାଇଁ ମୋଟ ୨୯୯୫ କୋଟିର ବ୍ୟୟବରାଦକୁ ଅନୁମୋଦନ ମିଳିଛି। ଯୋଜନା ଅଧିନରେ ପ୍ରତ୍ୟେକ ପରିବାରକୁ ୩୦ ହଜାର କୋଟିର ଅନୁଦାନ ରାଶିକୁ ଦୁଇଟି ସମାନ କିସ୍ତିରେ ପ୍ରଦାନ କରାଯିବ। ପିଭିଟିଜିମାନଙ୍କ ଭିତ୍ତିଭୂମି ଉନ୍ନୟନ ପାଇଁ ୫୦୦ କୋଟିର ଏକ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା ମଧ୍ୟ ଏଥିରେ କରାଯାଇଛି।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକ୍ରମେ ରାଜ୍ୟ କ୍ଷେତ୍ର ଯୋଜନା ଯଥା 'କୃଷି ଯନ୍ତ୍ରପାତି, ଉପକରଣ ଏବଂ ଡିଜେଲ ପମ୍ପସେଟର ଲୋକପ୍ରିୟକରଣ' ଯୋଜନାକୁ ଆଉ ୫ ବର୍ଷ ବୃଦ୍ଧି ପାଇଁ ଅନୁମୋଦନ ଦେଇଛି କ୍ୟାବିନେଟ। କୃଷି ଯାନ୍ତ୍ରିକୀକରଣକୁ ଆହୁରି ସୁଦୃଢ଼ କରିବା ଏବଂ ଏହି ଯୋଜନା ମାଧ୍ୟମରେ ହାସଲ ହୋଇଥିବା ଅଗ୍ରଗତିକୁ ବଜାୟ ରଖିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଏଥିପାଇଁ ୨୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଥିବାବେଳେ ଏଥିରେ ୩୭୯୦୦୦ ଜଣ କୃଷକଙ୍କୁ ଉପକୃତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଭାବେ କ୍ୟାବିନେଟରେ ଜଳସମ୍ପଦ ବିଭାଗର ୪ଟି ପ୍ରସ୍ତାବକୁ ଅନୁମୋଦନ ଦେଇଛି ରାଜ୍ୟ କ୍ୟାବିନେଟ। ତନ୍ମଧ୍ୟରେ ଦୁଇଟି ପ୍ରସ୍ତାବ ଅଧିନରେ କ୍ଲଷ୍ଟର-୩୪ ଏବଂ କ୍ଲଷ୍ଟର-୩୫ ମାଧ୍ୟମରେ ପୁରୀ, ଖୋର୍ଦ୍ଧା, ରାୟଗଡା ଓ ଗଜପତି ଜିଲ୍ଲାରେ ମୋଟ ୯ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିପାଇଁ ୩୬୭ କୋଟି ୯୮ ଲକ୍ଷ ୬୯୬୮୪ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏହାଦ୍ୱାରା ୧୧୭୫୦ ହେକ୍ଟର ଚାଷଜମିରେ ଜଳସେଚନ ଉପଲବ୍ଧ ହେବ। ସେହିପରି ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଧିନରେ ସାଳନ୍ଦୀବାମ ମୁଖ୍ୟ କେନାଲରେ ୧୫ .୮ରୁ ଅଧିକ କିଲୋମିଟର ଲମ୍ବର ଭୂତଳ ପାଇପଲାଇନ ବ୍ୟବସ୍ଥା(ୟୁଜିପିଏଲ) ଦ୍ୱାରା ବିତରଣ ପ୍ରଣାଳୀ ନିର୍ମାଣ କରାଯିବ। ଏ ସମ୍ପର୍କିତ ୨ଟି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏହାଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୧୨୨୩ ହେକ୍ଟର ଚାଷଜମି ଜଳସେଚିତ ହେବ ବୋଲି ଜଣାପଡ଼ିଛି।

ବ୍ୟବସାୟକୁ ସୁଗମ କରିବା ସହ ଓଡ଼ିଶା ଦ୍ରବ୍ୟ ଓ ସେବା ଟିକସ ଆଇନ-୨୦୧୭ରେ ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଜିଏସଟି ପରିଷଦର ୫୬ତମ ବୈଠକର ସୁପାରିଶ ଆଧାରରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଯାହାଫଳରେ ଏଣିକି ବିକ୍ରୟ ପରବର୍ତ୍ତୀ ରିହାତି କ୍ଷେତ୍ରରେ ପୁରୁଣା ଇନଭଏସ୍ କିମ୍ବା ଚୁକ୍ତିନାମା ସହ ସଂଯୋଗ ନକରି ମଧ୍ୟ ଟିକସଦାତାମାନେ ସହଜରେ କ୍ରେଡିଟ୍ ନୋଟ୍ ଜାରି କରିପାରିବେ, ଯାହା ଆଇନଗତ ମାଲିମକଦ୍ଦମା ହ୍ରାସ କରିବ। ଅପରପକ୍ଷେ ରାଜ୍ୟରେ ଭିତ୍ତିଭୂମି କ୍ଷେତ୍ରକୁ ଅଗ୍ରାଧିକାର ଦେଇ ରାଜ୍ୟ କ୍ୟାବିନେଟ୍ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରସ୍ତାବ କ୍ରମେ 'ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍, ୧୯୮୨'ର ସଂଶୋଧନ ବିଲ-୨୦୨୬କୁ ମଞ୍ଜୁରୀ ଦେଇଛନ୍ତି। 'ବିକଶିତ ଓଡ଼ିଶା' ପରିକଳ୍ପନା ଅନୁଯାୟୀ ଏକାଧିକ ଜିଲ୍ଲାକୁ ନେଇ ଅର୍ଥନୈତିକ କରିଡର ଗଠନ ପାଇଁ 'ଅର୍ଥନୈତିକ ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ' (ଇଆରଡିଏ) ସ୍ଥାପନ କରାଯିବ। କେନ୍ଦ୍ରୀୟ ବଜେଟରେ ସ୍ୱୀକୃତିପ୍ରାପ୍ତ ଦେଶର ୪ଟି ପ୍ରମୁଖ ସହରୀ ଅର୍ଥନୈତିକ ଅଞ୍ଚଳ ମଧ୍ୟରୁ ଓଡ଼ିଶାର 'ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ' (ବିକେପିପିଇଆର)କୁ ରାଜ୍ୟର ପ୍ରଥମ ବିଜ୍ଞପିତ ଆର୍ଥିକ ଅଞ୍ଚଳ ଭାବେ ଗଠନ କରାଯିବ, ଯାହା ଶିଳ୍ପ, ପୁଞ୍ଜିନିବେଶ ଓ ନିଯୁକ୍ତିରେ ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଇଛି। ସେହିପରି ସରକାରୀ ମକଦ୍ଦମା ପରିଚାଳନାକୁ ଅଧିକ କାର୍ଯ୍ୟକ୍ଷମ ଓ ସୁଚାରୁ କରିବା ପାଇଁ ଗୃହ ବିଭାଗରୁ ବିଧି ବିଭାଗକୁ ଓଡ଼ିଶା ରାଜ୍ୟ ବିଧି ସେବା କ୍ୟାଡର ସ୍ଥାନାନ୍ତର କରାଯିବା ପରେ 'ଓଡ଼ିଶା ରାଜ୍ୟ ବିଧି ସେବା କ୍ୟାଡର ନିୟମାବଳୀ, ୨୦୨୬'କୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି।

### ଲୀନହେଲା ରାସ୍ତା...

ଆଡକୁ ଅଗ୍ରସର ହେଉଥିବାରୁ ଆର୍ଯ୍ୟପଲ୍ଲୀ ଗ୍ରାମଟି ଦିନେ ନା ଦିନେ ସମୁଦ୍ରର ଆଁ ଭିତରକୁ ଚାଲିଯିବ ବୋଲି ଭୟଭୀତ ହୋଇପଡିଛନ୍ତି ଗ୍ରାମବାସୀ ମାନେ। ପୂର୍ବରୁ ସମୁଦ୍ର ଗ୍ରାମର ୨ କିଲୋମିଟର ଦୂରରେ ଥିବା ବେଳେ ଏବେ ଆଉ ମାତ୍ର ୫୦ ମିଟର ଦୂରରେ ରହିଛି ଗ୍ରାମର ଶେଷ ଭାଗରେ ଥିବା କୋଠ ଘର, ମନ୍ଦିର ଆଦି ସମୁଦ୍ର ଗର୍ଭରେ ମିଶି ଯାଇଥିବାରୁ ଗ୍ରାମବାସୀମାନେ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରି ଆସୁଥିଲେ। ଗତ କିଛିଦିନ ତଳେ ଗଞ୍ଜାମ ଜିଲ୍ଲାପ୍ରଶାସନ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ସ୍ଥାୟୀ ସମାଧାନ ନିମନ୍ତେ ପ୍ରତିଶୃତି ଦେଇଥିଲେ। ଏବେ ଗାର୍ଡ ୱାଲ ନିର୍ମାଣ ପାଇଁ ଗ୍ରାମବାସୀ ମାନେ ଦାବି କରୁଛନ୍ତି। ଜଳସେଚନ ବିଭାଗର ଅଧିକ୍ଷକ ଯନ୍ତ୍ରୀଙ୍କୁ ବୈଷୟିକ ବିଶ୍ଳେଷଣ କରି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉ କି, ପୂର୍ବରୁ ଚେନ୍ନାଇ ସ୍ଥିତ ଜାତୀୟ ସମୁଦ୍ର ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ପକ୍ଷରୁ ଚିକିଟି ବ୍ଲକର ରାମୟାପାଟଣା ଓ ଆର୍ଯ୍ୟପଲ୍ଲୀ ବେଳାଭୂମି କ୍ଷୟ ଉପରେ ବିଶ୍ଳେଷଣ କରି ତାହାର ଡିପିଆର୍ ଅତି ନିକଟରେ ପ୍ରସ୍ତୁତ ହେବାକୁ ଯାଉଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ। ଏବେ ସମୁଦ୍ର କୂଳ ଲଙ୍ଘିବା ପରେ ଗାର୍ଡ ୱେଲ କାର୍ଯ୍ୟ ଶୀଘ୍ର ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମ୍ବହୁତି ଦେବେ ବୋଲି ସେମାନେ ଚେତାବନି ଦେଇଛନ୍ତି।

### ୨ ଜଣଙ୍କୁ...

ସୂଚନା ଅନୁସାରେ, ପ୍ରତିଦିନ ପରି ଆଜି ଭୋରରେ ରାମଚନ୍ଦ୍ର ଘରଠାରୁ କିଛି ଦୂରରେ ଥିବା ଜଙ୍ଗଲକୁ ଶୌଚ ପାଇଁ ଯାଇଥିବାବେଳେ ଏକ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଜୀବନ ବଞ୍ଚାଇବାକୁ ଦୌଡ଼ିଥିଲେ ମଧ୍ୟ ଦନ୍ତା ଗୋଡ଼ାଇ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବନ ବିଭାଗ କର୍ମଚାରୀ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ସେହିପରି କୋଇଡ଼ା ବନାଞ୍ଚଳ କାର୍ଯ୍ୟାଳୟଠାରୁ ୩ କିଲୋମିଟର ବରସୁଆଁ ବନାଞ୍ଚଳ ଅନ୍ତର୍ଗତର କାଦୋଡିହା ବାଇପାସ ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ସମ୍ବାରୀ ମୁଣ୍ଡା (୬୦) ଓ ତାଙ୍କ ଝିଅ ବାଲମା ଓ ନାତୁଣୀ ନିଜ ଘରୁ ପରିସ୍ରା କରିବାକୁ ବାହାରୁଥିବା ବେଳେ ଏକ ଦନ୍ତା ହାବୁଡ଼ରେ ପଡ଼ିଥିଲେ। ଜୀବନ ବିକଳରେ ଝିଏ ଯୁଆଡ଼େ ପାରିଲେ ଦୌଡ଼ିବାକୁ ଲାଗିଥିଲେ। ମାତ୍ର ସମ୍ବାରୀଙ୍କୁ ଦନ୍ତା ଶୁଣ୍ଢରେ ଟାଣି ନେଇ ତଳେ ପକାଇ ଦଳି ଦେଇଥିଲା। ସମ୍ବାରୀଙ୍କୁ କୋଇଡ଼ା ମେଡିକାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।


**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

ପଶ୍ଚିମ ରେଳବାଇ–ରତଲାମ ଡିଭିଜନ – ଇ-ଟେଣ୍ଡର ବିଜ୍ଞପ୍ତି: କ୍ରମିକ ସଂଖ୍ୟା ୧: ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: M247GLRSGRREH262721 • କାର୍ଯ୍ୟର ନାମ: ବିଦ୍ୟୁତ୍ ଲୋକୋମୋଟିଭ୍‌ର Type N-32 Tap Changersର ପୁନରୁଦ୍ଧାର କାର୍ଯ୍ୟ • ସ୍ଥାନ: CWMଙ୍କ କାର୍ଯ୍ୟାଳୟ, ଦାହୋଦ, ପଶ୍ଚିମ ରେଳବାଇ • କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ. ୫,୮୦,୭୧,୧୯୬/- • ବିଡ୍ ସିକ୍ୟୁରିଟି: ଟ. ୧୧,୬୧,୫୦୦/- • ଇ-ଟେଣ୍ଡର ଦାଖଲ ଏବଂ ଖୋଲିବାର ତାରିଖ ଓ ସମୟ: ଇ-ଟେଣ୍ଡର ୨୦.୦୮.୨୦୨୬ ତାରିଖ ଅପରାହ୍ନ ୧୪:୩୦ ଘଣ୍ଟା ପର୍ଯ୍ୟନ୍ତ ଦାଖଲ କରାଯାଇପାରିବ ଏବଂ ସେହି ଦିନ ୧୫:୦୦ ଘଣ୍ଟାରେ ଖୋଲାଯିବ • ଟେଣ୍ଡର ବିଜ୍ଞପ୍ତି ଓ ଦଲିଲ ଉପଲବ୍ଧ: www.ireps.gov.in / E-Tenders/Works/IRElectrical V/0181

Like us on: facebook.com/WesternRly



**LOST**

ମୁଁ ଜୁଗଳ କିଶୋର ଦୀପ, ପି- ସ୍ୱ.ବିଶି କେଶନ ଦୀପ, ନି-ୱାର୍ଡ୬, କେସିଙ୍ଗା, ଜି-କଳାହାଣ୍ଡି, ଗତ ତା-31.07.2026 ରିଖରେ, ଭବାନୀପାଟଣା ସହର ରେ ମୋ ପିତା ଙ୍କ ନାମରେ ଥିବା ଦୁଇଟି ଦଲିଲ ଯାହାର "ନଂ.-୮୭୬/୧୯୯୦ ଓ ୮୭୭/୧୯୯୦, (ଭ.-୧୬, ପୃ.-୧୨୩)" ତାହା ୧୯୯୦ ମସିହାରେ ସମ୍ପାଦିତ ହୋଇଥିଲା, ତାହା ହଜିଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ପାଇଅଛନ୍ତି ତେବେ ଏହାକୁ ମୋତେ ଫେରସ୍ତ କରିବାକୁ ଅନୁରୋଧ। ଆମେ ଉକ୍ତ ଦଲିଲଙ୍କୁ କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖିନାହୁଁ।ଯୋଗାଯୋଗ-8249134125



**LOST**

I, **Debesh Kumar Agrawal,** S/o Late Mangtu Ram Agrawal, resident of Silda, PO: Dumerpani, PS & District: Nuapada, (Odisha), Prop. Vishesh Industries, do hereby solemnly declare that I deposited a sum of **Rs. 1,25,712/-** on **25.10.2004,** toward a security deposit, for which **Money Receipt No. 636071, dated-25.10.2004,** was duly issued to me. That, the aforesaid original money receipt of said amount of Rs. 1,25,712/- has been lost somewhere, which cannot be trace out after all effort, this affidavit is to filled before the **TPWODL, Nuapada** for release of aforesaid security deposit as affirmed in the affidavit No. 546, dated-31.07.2026, executed before the Executive Magistrate, Nuapada, Odisha.



**GOVERNMENT OF ODISHA** 34001/563/2627

**OFFICE OF THE SUPERINTENDING ENGINEER, BOUDH (R&B) DIVISION, BOUDH**

Phone: - 06841-296119 Email: - eeboudhrb@gmail.com

**INVITATIONS FOR BIDS (IFB)**

**e-Procurement Notice**

Letter No. 3719 Dated. 30-07-2026

BID IDENTIFICATION No. : SE (R&B)-BDH 06/2026-27

| | | | |
|---|---|---|---|
| 1. | Number of work | : | 03 (Three) Nos. of EI work (Single cover) |
| 2. | Estimated cost | : | As per the column No. 3 of the table |
| 3. | Period of completion | : | As per the column No. 8 of the table |
| 4. | Date & time of availability of Bid documents in the portal | : | From 04.08.2026, 10:00 AM to 12.08.2026, 05:00 PM |
| 5. | Last date / time for seeking of Tender clarification | : | 12.08.2026 up to 01:00 PM |
| 6. | Last date / time for receipt of bids in the portal | : | Up to 5:00 PM of Dtd. 12.08.2026 |
| 7. | Date & time of opening of Tender / Bid | : | 13.08.2026 at 11:30 AM |
| 8. | Name and address of the officer inviting bid | : | Superintending Engineer, Boudh (R&B) Division, Boudh |

A. Other details can be seen from detailed notice.

B. Inviting tenders, available in the website : www.tendersorissa.gov.in

C. Corrigendum if any shall only be published in the website : www.tendersorissa.gov.in

Superintending Engineer, Boudh (R&B) Division, Boudh

OIPR-34001/34134/1/26-27/0010



**GOVT. OF ODISHA** 25001/861/2627

**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**

E-Mail:- eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**

**On line-10 /SE/RW/AND/2026-27**

**Construction of Building work in the District of Keonjhar for the year 2026-27.**

**No. 5629** **Date: 28.07.2026**

Executive Engineer, Rural Works Division, Anandapur on behalf of **Government of Odisha** invites **PERCENTAGE (%) RATE** tender for Building work through e-Procurement as per annexure in Single Cover system. The bid should be submitted on-line in the website **www.tendersorissa.gov.in** by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in: O/o the S. E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division, Anandapur | NCB-On line 10/ SE/RW/ AND/ 2026-27 | 01.08.2026 at 11.00 A.M. | 11.08.2026 up to 5.00 P.M. | 10.08.2026 up to 11.00 A.M. | 12.08.2026 at 11.30 A.M. |

Superintending Engineer, R.W. Division, Anandapur

OIPR-25001/25055/1/26-27/0014



**GOVT. OF ODISHA** 32001/633/2627

**DEPARTMENT OF WATER RESOURCES, OFFICE OF THE SUPERINTENDING ENGINEER, RENGALI RIGHT CANAL DIVISION NO-I, KHUNTUNI, DHENKANAL**

Email Id - eebaghuabol@gmail.com

**'e' Procurement Notice**

The Superintending Engineer, Rengali Right Canal Division No-I, Khuntuni At/Po-Mahisapat, Dhenkanal, PIN-759001 on behalf of the Governor of Odisha invites **on line percentage rate bid** in double cover system from the eligible mampower service provider for sanitation work as detailed below:

1. Name of the work : Construction of RCC Drain near CD at RD 27210M (L/s) & near VRB at RD 27453M (R/s) & C.C. Guard Wall near VRB at RD 27453M (L/s) of DBC of RRIP.
2. Tender Cost : Rs. 50,35,997.00
3. Bid Document Cost : Rs. 10,000.00 (on line)
4. Bid Security : Rs. 50,400.00
5. Class of Contractor : 'B' Class
6. Period of Completion : 6 months
7. Other details are as follows:

| Procurement Officer | Bid Identification No. | Availability of Tender On- line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, RRC Division No-I, Khuntuni | SERRCDI-12/ 2026-27 | 04.08.2026 10.00 AM | 19.08.2026 5.00 PM | 20.08.2026 11.00 AM |

Further details can be seen from the e-procurement portal https://www.tendersodisha.gov.in
Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

Superintending Engineer, Rengali Right Canal Division No-I, Khuntuni, Dhenkanal

OIPR-32001/32082/1/26-27/0001



**OFFICE OF THE SUPERINTENDENT** 10001/429/2627

**FAKIR MOHAN MEDICAL COLLEGE & HOSPITAL, BALASORE**

**Remuna, Balasore, Pin-756019 (Odisha)**

**TENDER NOTICE FOR OFFICE STATIONARY & CONSUMABLE ITEMS OF FMMCH, BALASORE (2026-27)**

Bid Ref. No. **5084** /S/FMMCHB Date : 30/07/2026

FMMCH, Balasore invites sealed Tender from registered Firm/ Agencies/ Company for **Office Stationary & Consumable Items** for FMMCH, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by Dt. **31/08/2026 up to 05.30 PM** through Registered post/ speed post/ courier only and the same will be opened on **Dt. 02/09/2026, 11.00 AM** at Office chamber of Superintendent, Remuna, FMMCH, Balasore. Application form as well as other details will be available and downloaded from district website https://balasore.odisha.gov.in/ www.fmmch.odisha.gov.in . Authority reserves every right to reject all or any of the Tender without assigns any reason thereof.

Superintendent FMMCH, Balasore

OIPR-10001/10134/1/26-27/0008



**LOST**

I, Tapan Kumar Kalo, S/o Aswini Kumar Kalo, Resident of Jhankarpada, P.O. Hirakud, Dist. Sambalpur, Odisha, hereby inform the public that I have lost my original educational certificates:B.Tech (Electrical Engineering) – Registration No. 1021317021, Certificate Sl. No. BDC14118193 10th Board Certificate – Roll No. 04PE235, Certificate Sl. No. 051090201 Diploma in Electrical Engineering – Registration No. 072502017, Certificate Sl. No. 10/2409741. The certificates have been reported lost, and an FIR/GD has been lodged at Dhanupali Police Station, Sambalpur, vide GD No. 021, dated 30/07/2026.If anyone finds these certificates, please kindly inform me on below mentioned contact number -8093331253



**AFFIDAVIT**

By virtue of an affidavit sworn before the Executive Magistrate, Gunupur, Rayagada, I, Visweswar Subudhi, S/o- T. Minna Rao, resident of Town/Post- Gunupur, Dist-Rayagada, Odisha vide affidavit no. 113, dt: 31.07.2026 that now onwards I will be known as **Bisweswar Subudhi** for all future purposes.



**AFFIDAVIT**

By Virtue of an affidavit sworn before Executive Magistrate Bhograi , no- 3959, dated 31.07.2026, I ,s/o Gangadhar Khamari, At/Po -Dubsahi, PS-Kamarda District-Balsore, Odisha, pin-756035 declare that, I have changed my name from Sunil Kumar Khamari to Samir Kumar Khamari.Henceforth,I shall be known as **Samir Kumar Khamari** for all purpose.



**AFFIDAVIT**

By virtue of an affidavit sworn before the Notary Public, Nuapada, dtd 10.04.2026, I, Anjana Panda, At/Po/Dist.-Nuapada hereby declare that my daughter's correct name is MANISA SHUKLA, whereas in her Birth Certificate her name has inadvertently been recorded as MANASA SHUKLA. That both names refer to one and the same person. Henceforth she shall be known as **MANISA SHUKLA** for all purposes.

**Minara Panda**



**AFFIDAVIT**

By virtue of an affidavit sworn before In the Court of Executive Magistrate, Basta, Balasore. Vide Affidavit Sl No-3380, Dated-28/07/2026. I, Sukanti Dhungia, W/o- Chakradhar Dhungia, of Village-At/Po-Futukisole, Ps-Moroda, Dist-Mayurbhanj, Pin-757023, Odisha, declare that I have changed the name of my Minor Son from "ROUDRADHWAJA DHUNNGIA" to "RUDRADHARYA DHUNGIA". Henceforth, He shall be known as **"RUDRADHARYA DHUNGIA"** for all future purposes.

**Sukanti Dhungia**



**AFFIDAVIT**

By virtue of an affidavit (CF No. 107, dtd- 28.07.2026) sworn before The Executive Magistrate, Bhubaneswar. I, **Pankaj Kumar Amar** (new name), S/o- Bishwambhar Prasad Singh, permanent resident of B3/303, Bright Residency, Road No.12, Jagannath Nagar, PO: GGP Colony, P.S. Mancheswar, Bhubaneswar, Dist: Khordha, Odisha, Pin-751025 declare that I have changed my name from **P K Amar** (old name) to **Pankaj Kumar Amar** (new name). Henceforth, I shall be known as **Pankaj Kumar Amar** (new name) for all purposes.

**Pankaj Kumar Amar**

ସକାଳ
THE SAKALA



# ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ; କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଲାଞ୍ଜିଗଡ଼, ୧।୮ (ସମିସ)



କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଅଧୀନ ପିଡେଲବାଜୁ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ୨୬ ଟିକିଆ ହାତୀପଲର ଉତ୍ପାତରେ ଜଣେ ବୃଦ୍ଧାଙ୍କ ଜୀବନ ଯାଇଛି। ହାତୀପଲ ଗ୍ରାମରେ ପ୍ରବେଶ କରି ପ୍ରଥମେ ଚାଷଜମିର ଫସଲ ନଷ୍ଟ କରିବା ସହ ପିଡେଲବାଜୁ ଗାଁର ତିଲାଇ ହରିଜନଙ୍କ ଘର ଭାଙ୍ଗି ତାଙ୍କ ଜୀବନ ନେଇଛି। ସୂଚନା ଅନୁଯାୟୀ, ତିଲାଇ ହରିଜନଙ୍କ ଘର କାନ୍ଥକୁ ହାତୀପଲ ଭାଙ୍ଗି ଦେଇଥିଲା। ସେହି ସମୟରେ ଘର ଭିତରେ ପାଞ୍ଚଜଣ ଶୋଇଥିଲେ। ହଠାତ୍ ହାତୀପଲକୁ ଦେଖି ଚାରିଜଣ ପୁରୁଷ ମହିଳା ଜୀବନ ବିକଳରେ ଘରୁ ବାହାରି ପଳାଇ ଯାଇଥିବାବେଳେ ତିଲାଇ ହରିଜନ ହାତୀ ପଲ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ କଚାଡ଼ି ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ମୃତଦେହକୁ ଖଣ୍ଡ ବଖଣ୍ଡିତ କରି ଚାରିଆଡେ ଫିଙ୍ଗିଦେଇ ଦେଇଥିଲେ। ସକାଳୁ ଘଟଣାର ଖବର ପାଇ ବନ ବିଭାଗ ଫରେଷ୍ଟର ସୁରେଶ ରାଉତ ଓ ଅନ୍ୟ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଲୋକେ ଉତ୍ୟକ୍ତ ହେବାରୁ ବିଶ୍ୱନାଥପୁର ପୁଲିସ ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ଏହି ଦୁଃଖଦ ଘଟଣା ପରେ ପରିବାର ଲୋକଙ୍କ ସହ ଗ୍ରାମବାସୀ ବନ ବିଭାଗର କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ମୃତକଙ୍କ ପରିବାରକୁ ଯଥୋଚିତ କ୍ଷତିପୂରଣ ଓ ସ୍ଥାୟୀ ହାତୀ ଉପଦ୍ରବ ନିରାକରଣ ଦାବିରେ ପିଡେଲବାଜୁ ଛକରେ ମୃଷାନାଲ ବିଶ୍ୱନାଥପୁର ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ କିଛି ସମୟ ପର୍ଯ୍ୟନ୍ତ ଯାତାୟାତ ବ୍ୟାହତ ହୋଇଥିଲା ପରେ ବିଶ୍ୱନାଥପୁର ଥାନା ଅଧିକାରୀ କଳ୍ପନା ବେହେରା, ଅତିରିକ୍ତ ତହସିଲଦାର ସତ୍ୟବ୍ରତ ନାୟକ, ଏସିଏଫ୍ ତଥା ଭାରପ୍ରାପ୍ତ ରେଞ୍ଜର ନରୋତ୍ତମ ମାଝୀ, ଡ଼. କିରଣ କୁମାର ସାହୁ ପ୍ରମୁଖ ଆଲୋଚନା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସରକାରଙ୍କ ନିୟମ ଅନୁଯାଇ ଅନୁକମ୍ପା ରାଶି ପ୍ରଦାନ କରିବାପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ଥାନୀୟ କୁମଖାଳ ସରପଞ୍ଚ ସାନ୍ଧୁ ମାଝୀ ହାତୀ ଉପଦ୍ରବକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଘଟଣା ସ୍ଥଳରେ ହିଁ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଦୁର୍ଘଟଣାରେ ଦୁଇ ଛାତ୍ର ଆହତ

**ଥୁଆମୂଳ ରାମପୁର, ୧।୮ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ସ୍କୁଲ ଛାତ୍ର ଆହତ ହୋଇଛନ୍ତି। ରାସ୍ତା ଉପରେ ଥିବା ଗାଈଙ୍କୁ ବଞ୍ଚାଇବାକୁ ଯାଇ ସାଇକେଲର ଭାରସାମ୍ୟ ହରାଇ ଉଭୟ ଛାତ୍ର ରାସ୍ତା ଉପରେ ପଡ଼ିଯାଇଥିବା ଜଣାପଡ଼ିଛି। ଶନିବାର ସକାଳ ପ୍ରାୟ ୭ଟା ୩୦ ମିନିଟ୍ ସମୟରେ କାଠକୁରା ଗ୍ରାମର ହୃଷୀକେଶ ନାଏକ (୧୬) ଏବଂ ଆନନ୍ଦ ନାଏକ (୧୪), ସାଇକେଲରେ ସକାଳୁଆ କ୍ଲାସ୍‌ରେ ଯୋଗଦେବା ପାଇଁ ଥୁଆମୂଳ ରାମପୁର ଉଚ୍ଚ ବିଦ୍ୟାଳୟକୁ ଯାଉଥିଲେ। ଏହି ସମୟରେ ରେଞ୍ଜ ଅଫିସଭାଟିପଡ଼ା ଗଡ଼ାଣି ରାସ୍ତାରେ କିଛି ଗାଇ ରହିଥିବାରୁ ସେମାନଙ୍କୁ ବଞ୍ଚାଇ ଆଗକୁ ଯିବାକୁ ଚେଷ୍ଟା କରୁଥିବା ବେଳେ ସାଇକେଲର ଭାରସାମ୍ୟ ହରାଇ ଭାଟିପଡ଼ା ନିକଟ ବୁଲାଣି ତଳକୁ ଉଭୟ ଛାତ୍ର ଛିଟିକି ପଡ଼ିଥିଲେ। ଦୁର୍ଘଟଣାରେ ଉଭୟ ଛାତ୍ର ଗୁରୁତର ଆହତ ହୋଇଥିଲେ। ଅଗ୍ନିଶମ ବିଭାଗ ଗାଡି ପହଞ୍ଚି ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ଭର୍ତ୍ତି କରିଥିଲେ। ଚିକିତ୍ସା ସମୟରେ ଆନନ୍ଦଙ୍କ ଛାତି ଓ ମୁଣ୍ଡରେ ଗୁରୁତର ଆଘାତ



ଲାଗିଥିବା ଜଣାପଡ଼ିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ହୃଷୀକେଶଙ୍କ ମୁଣ୍ଡ, ହାତ ଓ ଗୋଡ଼ରେ ଆଘାତ ଲାଗିଥିବା ବେଳେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା ଚାଲିଥିବା ସୂଚନା ମିଳିଛି।

# ସୁଖାସୋଢ଼ା ଓ ସେମୁଲିଆରେ ବନ୍ୟା ଆଶଙ୍କା

**ଇବଥର୍ମାଲ, ୧।୮ (ସମିସ):** ଲଘୁଚାପ ଜନିତ ବର୍ଷା ପରିସ୍ଥିତି ଏବେ ସ୍ୱାଭାବିକ। ହେଲେ ଛତିଶଗଡ଼ ସରକାର କଲମା ସମେତ ଅନ୍ୟାନ୍ୟ ବ୍ୟାରେଜ୍ ଗେଟ୍ ଖୋଲିଦେବାରୁ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ୧୯ଖଣ୍ଡ ମୌଜା ସୁଖାସୋଢା, ସେମୁଲିଆ ଆଦି ଗାଁ ଅଞ୍ଚଳରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ସରକାରୀ

## ସ୍ଥିତି ପରଖିଲେ ଜିଲ୍ଲାପାଳ

ରିପୋର୍ଟ ଅନୁସାରେ କଲମା ବ୍ୟାରେଜର ୬୪ ଗେଟ୍ ଖୋଲା ରହିଛି। ଫଳରେ ମହାନଦୀରେ ଜଳସ୍ରୋତ କ୍ରମାଗତ ବୃଦ୍ଧି ପାଇ ଝାରସୁଗୁଡ଼ା ଜିଲ୍ଲାର ସୀମାନ୍ତ ପ୍ରଥମ ଗ୍ରାମ ସୋଖାସୋଢା ସମେତ ଅନ୍ୟାନ୍ୟ ଗ୍ରାମଗୁଡ଼ିକୁ ଜଳମଗ୍ନ କରିଛି। ସେହିପରି ରେମତା ଓ କଣ୍ଢେକେଲା ପଞ୍ଚାୟତର ଅନେକ ଗ୍ରାମର ଏକରଏକର ଚାଷଜମି ଜଳମଗ୍ନ ହୋଇଛି। ସୁଖାସୋଢା ଗ୍ରାମର ବିଦ୍ୟାଧର



ପ୍ରଧାନଙ୍କ କହିବା ଅନୁସାରେ ସୁଖାସୋଢା ଖରାଦିନ ପୁରା ସୁଖା। ପାଣି ଟିକେ ପାଇଁ ଲୋକେ ଦୁର୍ଦ୍ଦଶା ଭୋଗନ୍ତି। ଛତିଶଗଡ଼ ସରକାର କଲମା ବ୍ୟାରେଜ୍ ସମସ୍ତ ଗେଟ୍ ବନ୍ଦ କରିଦେବା ପରେ ମହାନଦୀ ସମ୍ପୂର୍ଣ୍ଣ ଶୁଖିଯାଏ। ଗାଧୋଇବା, ଖାଇବା, ଚାଷ କରିବାକୁ ପାଣି ମିଳେନି। ହେଲେ ବର୍ଷା ସମୟ ଆସିଲେ ବନ୍ୟାସ୍ଥିତି ଦେଖାଦିଏ। ଫଳରେ ଧାନଚାଷ, ପନିପରିବା ଚାଷ ସବୁ ପାଣି ମାଡ଼ି ନଷ୍ଟ ହେଉଛି। ସ୍ଥିତି ସମ୍ପର୍କରେ ଖବରପାଇ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣ, ଲଖନପୁର ତହସିଲଦାର ପ୍ରସନ୍ନ କୁମାର ପଟେଲଙ୍କୁ ଘଟଣାସ୍ଥଳକୁ ପଠେଇ ସ୍ଥିତି ଅନୁଧ୍ୟାନ ନିର୍ଦ୍ଦେଶ ଦେବାସହ ଶୁକ୍ରବାର ସନ୍ଧ୍ୟାରେ ନିଜେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ପ୍ରଥମେ ରେମତା ଗ୍ରାମପଞ୍ଚାୟତ ଅଧୀନ ମୁହୁଦି ଗ୍ରାମରେ ଥିବା ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିଥିଲେ। ପରେ ମହାନଦୀର ବନ୍ୟାଜଳ ସ୍ଥିତି ପରଖିବା ପାଇଁ କଣ୍ଢେଇକେଲା ପଞ୍ଚାୟତ ସୁଖାସୋଢା, ସେମୁଲିଆ ଅଞ୍ଚଳ ଯାଇ ଲୋକଙ୍କ ସହ ମିଶିଥିଲେ। ସେଠାରେ ବୁଡିଥିବା ଚାଷଜମି ଦେଖିବା ସହ ଲୋକଙ୍କ ସମସ୍ୟା ଓ ଆବଶ୍ୟକତା ବିଷୟରେ ଅବଗତ ହୋଇଥିଲେ। ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି ଏଣୁ ଭୟଭୀତ ନହେବାକୁ ଲୋକଙ୍କୁ ବୁଝେଇବା ସହ ସବୁ ପରିସ୍ଥିତିର ସହଯୋଗ ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।

# ହରିହର ସାଗର, ମୋହନଗିରି, ସାକୁଶ ମନ୍ଦିର ଉନ୍ନତୀକରଣ ପାଇଁ ଦାବିପତ୍ର ପ୍ରଦାନ



**ମ.ରାମପୁର, ୧।୮ (ସମିସ):** ରାଜ୍ୟ ସରକାର ପର୍ଯ୍ୟଟନ ବିଭାଗ ସଚିବ ବଳବିନ୍ଦର ସିଂହଙ୍କ ଶନିବାର କଳାହାଣ୍ଡି ଗସ୍ତ ଅବସରରେ ମ.ରାମପୁର ବିଜେପି ମଣ୍ଡଳ ସଭାପତି ଯଜ୍ଞସେନ ପଣ୍ଡାଙ୍କ ସମନ୍ୱୟରେ ଏକ ପ୍ରତିନିଧି ମଣ୍ଡଳ ଭବାନୀପାଟଣା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆଲୋଚନା କରିଥିଲେ। ଅଞ୍ଚଳର ପର୍ଯ୍ୟଟନ ପ୍ରକଳ୍ପ ଭାବେ ବିଭିନ୍ନ ଯୋଜନା ଗ୍ରହଣ ସକାଶେ ମ.ରାମପୁର ସହରସ୍ଥିତ ଶହେ ଏକର ପରିମିତ ହରିହର ସାଗର ଉନ୍ନତୀକରଣ, ମୋହନଗିରି ଐତିହାସିକ ଶିବମନ୍ଦିର ସୌନ୍ଦର୍ଯ୍ୟକରଣ, ମନ୍ଦିର ସଂଲଗ୍ନ କାଲିଗଙ୍ଗା ନଦୀତଟ ସୌନ୍ଦର୍ଯ୍ୟ କାର୍ଯ୍ୟ, ଉରଲା ଦାନି ପଞ୍ଚାୟତର ସାକୁଶ ସ୍ଥିତ ନାଟରାଜ ଶିବ ମନ୍ଦିର ସୌନ୍ଦର୍ଯ୍ୟକରଣ, ତିନୋଟି ନଦୀ ମୁହାଣ ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ନିଜ ପ୍ରକଳ୍ପ ଭାବେ ଗ୍ରହଣ କରି କଳାହାଣ୍ଡି ଜିଲ୍ଲା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ନିବେଦନ କରିଥିଲେ। ଉକ୍ତ ଦାବିପତ୍ର କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାରଙ୍କ ଉପସ୍ଥିତରେ ରାଜ୍ୟ ପର୍ଯ୍ୟଟନ ସଚିବ ବଳବିନ୍ଦର ସିଂହଙ୍କୁ ପ୍ରଦାନ କରିଥିଲେ। ଉକ୍ତ ପ୍ରତିନିଧି ମଣ୍ଡଳରେ ଯଜ୍ଞସେନ ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା ସାମାଜିକ କର୍ମୀ ଶଶି ଭୂଷଣ ପ୍ରହରାଜ, ମୋହନଗିରି ମଣ୍ଡଳ ସଭାପତି ଖ୍ରୀଷ୍ଟଦତ୍ତ ରାଉତ, ଆଇନଜୀବୀ ବିଜୟ ମହାଖୁଡ଼, ରୁଦ୍ର ପ୍ରସାଦ ମହାନ୍ତି, ନିର୍ମଳ ମହାଖୁଡ଼ ପ୍ରମୁଖ ସାମିଲ ଥିଲେ।

# ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ

**ଖଡ଼ିଆଳ, ୧।୮ (ସମିସ):** ନୂଆପଡ଼ା ଜିଲ୍ଲାର ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକର ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ସନ୍ତୋଷ କୁମାର ରଥ ସ୍ୱାଗତ ଜଣାଇ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ପ୍ରଗତି ସମ୍ପର୍କରେ ସୂଚନା ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା, ବୃଷ୍ଟିପୃଷ୍ଟ ଅଞ୍ଚଳ ବିକାଶ କାର୍ଯ୍ୟକ୍ରମ, ଜଳଧାରା ଯୋଜନା, ଭିବିଜି-ରାମଜି ଯୋଜନା ଓ କୃଷି ବନୀକରଣ ଯୋଜନା ଅଧୀନରେ ଚଳିତ ଆର୍ଥିକ ବର୍ଷରେ ୩୭ ହେକ୍ଟର ଅଞ୍ଚଳରେ ଚାରାରୋପଣ ସହ ଅଦ୍ୟାବଧି ହୋଇଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ଅବଗତ କରାଇଥିଲେ। ସମୀକ୍ଷାରେ ଜିଲ୍ଲାପାଳ ଜଳଧାରା ଯୋଜନା ଅଧୀନରେ ୧୩୮ ଟି ପୋଖରୀର ଗ୍ରାସ୍ ଟର୍ଫିଂ କାର୍ଯ୍ୟକୁ ଚଳିତ ବର୍ଷ ଅଗଷ୍ଟ ୧୫ ସୁଦ୍ଧା ସମ୍ପୂର୍ଣ୍ଣ କରିବା ସହ ବକେୟା ରହିଥିବା ଚାରାରୋପଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଭିବିଜି-ରାମଜି ଯୋଜନା ଅଧୀନରେ ନୂତନ ପ୍ରକଳ୍ପ ପ୍ରସ୍ତାବ ସୋମବାର ସୁଦ୍ଧା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସହକାରୀ ନିର୍ଦ୍ଦେଶକ (ମୃତ୍ତିକା ସଂରକ୍ଷଣ) ଦେବବ୍ରତ ବିଶ୍ୱାଳ, ସହକାରୀ ନିର୍ଦ୍ଦେଶକ (ମୃତ୍ତିକା ସଂରକ୍ଷଣ) ସ୍ୱୟଂପ୍ରଭା ସିଂହ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦେବପ୍ରିୟ ପାଣିଗ୍ରାହୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦେବେନ୍ଦ୍ର କୁମାର ନାୟକଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ଗଣ୍ଡାବାହାଲି ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



**ସିନାପାଲି, ୧।୮ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ଗଣ୍ଡାବାହାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ପରିଚାଳନା କମିଟିର ସଭାପତି ତ୍ରିନାଥ ମହେରଙ୍କ ସଭାପତିତ୍ୱରେ ଜ୍ଞାନ ବିଜ୍ଞାନ ମେଳା ଶନିବାର ଦିନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବିଜ୍ଞାନଶିକ୍ଷକ ହୃଷିକେଶ ମେହେର, ସମ୍ମାନିତ ଅତିଥି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ କୈଳାଶ ଚନ୍ଦ୍ର ଦାଶ ମଞ୍ଚାସିନ ହୋଇଥିଲେ। ପରିଚାଳନା କମିଟିର ଉପସଭାପତି ମନଫୁଲ ମେହେର, ସମ୍ପାଦକ ବୈବସ୍ୱତ ମେହେର, ଯୁଗ୍ମ ସମ୍ପାଦକ ଜଗଦିଶ ନାଗ, କୋଷାଧ୍ୟକ୍ଷ କ୍ଷୀରସିନ୍ଧୁ ମେହେର, ସଭ୍ୟା ନିରୁପମା ମେହେର, ଗାୟତ୍ରୀ ମାଝୀ, ପୂର୍ବ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ହୋଇଥିଲେ। ପ୍ରଧାନ ଆଚାର୍ଯ୍ୟ ଭଗବାନ ଚଲାନ ଅତିଥି ପରିଚୟ କରିଥିଲେ। ବିଦ୍ୟାମନ୍ଦିର ଭାଇ ଭଉଣୀ ୧୧୨ଟି ବିଭିନ୍ନ ପ୍ରକଳ୍ପ ଆଣିଥିଲେ। ଗୁରୁଜୀ ମୁରଲୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଚମାର ଦାସ, ଭକ୍ତ ରାମ ବାଗ, ଯୁଧେଷ୍ଠି ମେହେର, ତରୁଣ ବୈଠାରୁ, ଦୌଲତ ମେହେର, ଦୁଷ୍ମନ୍ତ ମେହେର, ଆଚାର୍ଯ୍ୟା ରୋହଣୀ ମେହେର, ବେଳମତି ମେହେର, ବବିତା ବାଗ, ଅଞ୍ଜଳି ନାଗ, ରଶ୍ମିତା ମାଝୀ, ଅଞ୍ଜଳି ନାୟକ, ମିନା ସୁନାରୀ, ସସ୍ମିତା ମେହେର, ଦେବନ୍ତି ଦାସ, ସେବକ ସେବିକା, ତଥା ପରିଚାଳନା ସମିତିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଶକ୍ତି ସଦନ ପକ୍ଷରୁ ନାରୀ ସଚେତନତା କାର୍ଯ୍ୟକ୍ରମ

**ଧର୍ମଗଡ଼, ୧।୮ (ସମିସ):** ଧର୍ମଗଡ଼ ସ୍ଥିତ ଜ୍ଞାନ କମ୍ପ୍ୟୁଟର କେନ୍ଦ୍ରଠାରେ ମହିଳାଙ୍କ ସଚେତନତାକୁ ନେଇ ଏକ ନାରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ଶକ୍ତି ସଦନର ପରିଚାଳିକା ସସ୍ମିତା ପାତ୍ରଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ




ଆଇନଜୀବୀ କଲ୍ୟାଣୀ ନାଏକ ଓ ଜ୍ଞାନ କମ୍ପ୍ୟୁଟର କେନ୍ଦ୍ରର ନିର୍ଦ୍ଦେଶକ କମଳା କାନ୍ତ ବିହାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳା ମାନେ କିଭଳି ଶିକ୍ଷା କ୍ଷେତ୍ରରେ କିଭଳି ଆଗକୁ ଯିବେ, ସେମାନେ କେମିତି ଆମନିର୍ଭରଶୀଳ ହେବେ, ସ୍ୱାସ୍ଥ୍ୟର ଯତ୍ନ ନେବେ, ନିର୍ଯାତନାରୁ କିଭଳି ଦୂରେଇ ରହିବେ ସେନେଇ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ବାଲ୍ୟ ବିବାହ ରୋକିବା, ଯୌତୁକ ପ୍ରଥା, ଘରୋଇ ହିଂସା, ଯୌନ ଓ ମାନସିକ ନିର୍ଯାତନା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଦେବରାଜ ମହାନନ୍ଦ ପରିଚାଳନା କରିଥିଲେ।

# ଶିକ୍ଷକ ସଂଘ ପକ୍ଷରୁ ଚାରାରୋପଣ

**ଜୟପାଟଣା, ୧।୮ (ସମିସ):** ପ୍ରାଥମିକ ଶିକ୍ଷକ ସଂଘ ଏବଂ ସ୍ୱାମୀ ବିବେକାନନ୍ଦ ଲୋକସଂସଦ କଳାହାଣ୍ଡି ପରିବେଶ ବିଭାଗ ମିଳିତ ଉଦ୍ୟମରେ ଶିକ୍ଷାବର୍ଷ ମାସ ବ୍ୟାପୀ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଲଳିତ କୁମାର ନାଏକ ତତ୍ତ୍ୱାବଧାନ କରିଥିଲେ। ସଂଘ ସଭାପତି ପ୍ରମୋଦ କୁମାର ଠାକୁର, ଯୁଗ୍ମ ସମ୍ପାଦକ ନବ କିଶୋର ନାଏକ, ଜଙ୍ଗଲ ବିଭାଗ କୁନ୍ତି ମାଝୀ, ସିଆରସିସି ବେଦବର ନିଆଲ୍, ସିଦ୍ଧେଶ୍ୱର ନାଗ, ସନ୍ତୋଷ ରଥଙ୍କ ସହଯୋଗରେ ଉଛାଳା ୟୁପିଏସ ୧୦୦ଟି, ଘନ୍ତିଗୁଡା ସିପିଏସ ୫୦ଟି, ବଡ଼ ପୁଝାରିଗୁଡ଼ା ୟୁଜିଏଚ୍ଏସ୍ ୧୦୦ ଟି, ନରିଆପଡ଼ା ୨୦ଟି, ମାତଗଡ଼ ୫୦ଟି, ପୋଡ଼ାଖୋଲ ୩୦ଟି, କୋକୋଡ଼ି ପିୟୁପିଏସ୍ ୫୦ଟି, ଅଂହଲଭଟା ଉଚ୍ଚ ମାଧ୍ୟମିକ ସ୍କୁଲ ୧୦୦ଟି ଚାରା ରୋପଣ କରାଯାଇଥିଲା। ସମୁଦାୟ ପ୍ରଥମ ଦିବସରେ ୫୦୦ ଟି ଚାରା ରୋପଣ କାର୍ଯ୍ୟରେ ପ୍ରେମଲତା ନାଏକ, ମୋହନ ଲାଲ ନାଏକ, ପ୍ରଧାନ ଶିକ୍ଷୟତ୍ରି ବଣୁଆ, ସରୋଜ ନାଏକ, ସୁଶିଲ କୁମାର ନାଏକ, ଅଫିସର ଶବର, ମାନସ ରଞ୍ଜନ ମାଝୀ ସହଯୋଗ କରିଥିଲେ।




# କବିତା ସଙ୍କଳନ 'ନିରବ ନିର୍ବାଣ' ପାଠକାର୍ପଣ ସଭା

**ଖଡ଼ିଆଳ, ୧।୮ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦାଙ୍କର ରଚିତ ୧୨ ତମ କବିତା ସଙ୍କଳନ 'ନିରବ ନିର୍ବାଣ' ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ



ଉନ୍ମୋଚିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଅନ୍ୟତମ ଅତିଥି ଅତିରିକ୍ତ ଜିଲ୍ଲାପାଳ ସୁବାସ ରାଇତା ଏବଂ ସମ୍ମାନିତ ଅତିଥି ମେଜର ଡ଼ ରାମଚନ୍ଦ୍ର ମିଶ୍ର ଯୋଗଦେଇ ଥିଲେ। ପରୀକ୍ଷା ନିୟନ୍ତ୍ରକ ଡ. ରଣବୀର ସିଂହ କବୀ ଡ. ପ୍ରିୟମ୍ବଦାଙ୍କ କୃତୀ ଓ କୀର୍ତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ନିଜର ୧୨ ତମ କବିତା ସଙ୍କଳନର ସଫଳତାର ଶ୍ରେୟ ଖଡ଼ିଆଳ ଅଞ୍ଚଳ ଏବଂ ମହାବିଦ୍ୟାଳୟ ସହଯୋଗୀ ମାନଙ୍କୁ ଦେଇଥିଲେ। ଅଧ୍ୟାପକ ସୁନିଲ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅଭିଷେକ ରଥ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପିକା ସଲମା ମେହେରୁନ ଖାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପକ ଡ. ସରୋଜ କୁମାର ପଣ୍ଡା, ବିୟୁଟି ଅଗ୍ରୱାଲ, ପ୍ରଣତି ପଣ୍ଡା, ସାଗରିକା ପଣ୍ଡା, ରୀତା ବାରିକ, ହରିହର ବେସରା, ଗୁଣବନ୍ତ ସାହୁ, ରୂପବନ୍ତ ଭୋଇ, ଡ. ରାଜ କୁମାର ରତେ, ହରନମ ସିଂ, ପ୍ରଦୀପ ବେହେରା, ଡ. ମହମ୍ମଦ ୟମିନ, ରବୀନ୍ଦ୍ର ବାଗ, ବିଜୁ ନାଏକ, ରାଜେନ୍ଦ୍ର ବାଗ, ଗିରିଧାରୀ ନାଏକଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ଥିଲେ।

# ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲା କଂଗ୍ରେସ ପ୍ରତିନିଧିମଣ୍ଡଳୀ

ଖଡ଼ିଆଳ, ୧।୮ (ସମିସ)



ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ନେହେନା ଗ୍ରାମକୁ ଯାଇ ବନ୍ୟା ପ୍ରଭାବିତ ପରିବାରକୁ ଭେଟିଛନ୍ତି କଂଗ୍ରେସ ପ୍ରତିନିଧି ଦଳ। ଏଥିରେ କଂଗ୍ରେସର ବରିଷ୍ଠ ନେତା କମଳ ଚରଣ ତାଣ୍ଡି ଉପସ୍ଥିତ ଥିଲେ। ନେହେନା ଗ୍ରାମର ରାଧାକୃଷ୍ଣ ପଡ଼ାର ଅନେକ ପରିବାରଙ୍କ ଘରେ ବନ୍ୟା ପାଣି ପଶିଯାଇଛି। ଫଳରେ ଲୋକମାନେ ଘରଛାଡ଼ି ପଞ୍ଚାୟତ କାର୍ଯ୍ୟାଳୟରେ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି। ପ୍ରାୟ୧୦୦ ଜଣ ମହିଳା ଓ ପୁରୁଷ ସେଠାରେ ରହୁଥିଲେ ମଧ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ବ୍ୟବସ୍ଥା ହୋଇନାହିଁ। ସକାଳର ଜଳଖିଆ ମିଳୁନାହିଁ। ଏନେଇ ପ୍ରତିନିଧି ମଣ୍ଡଳୀ ଖଡ଼ିଆଳ ବିଡିଓ ଓ ତହସିଲଦାରଙ୍କ ସହ ଯୋଗାଯୋଗ କରି ସମଗ୍ର ପରିସ୍ଥିତି ସମ୍ପର୍କରେ ଅବଗତ କରାଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ବିଡିଓ ଶନିବାର ନେହେନା ଗ୍ରାମକୁ ଯାଇ ପୀଡ଼ିତ ପରିବାରକୁ ଭେଟି ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଆଶ୍ୱାସନ ଦେଇଥିଲେ। ଗ୍ରାମବାସୀଙ୍କ ଦାବି ମଧ୍ୟରେ ପ୍ରତିବର୍ଷ ବର୍ଷା ଓ ବନ୍ୟା ହେଲେ ରାଧାକୃଷ୍ଣ ପଡ଼ାରେ ପାଣି ପଶିଯାଏ ଏବଂ ସେଠାରେ ବସବାସ କରିବା ଅସମ୍ଭବ ହୋଇପଡ଼େ। ତେଣୁ ସରକାର ଓ ପ୍ରଶାସନ ସେମାନଙ୍କୁ ଏକ ସୁରକ୍ଷିତ ସ୍ଥାନରେ ସ୍ଥାୟୀ ଭାବେ ଥଇଥାନ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେମାନେ ଦାବି କରିଥିଲେ।

# ୮ ଜୁଆଡ଼ି ଗିରଫ; କାର୍ ସହ ୨ ବାଇକ୍, ୨ ସ୍କୁଟି ଜବତ

ମନମୁଣ୍ଡା,୧।୮ (ସମିସ)



ମନମୁଣ୍ଡା ପୁଲିସ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ୮ ଜୁଆଡ଼ିଙ୍କୁ ଗିରଫ କରିଛି। ଘଟଣା ସ୍ଥଳରୁ ଏକ ତାସ, ନଗଦ ୮ହଜାର ୮ଶହ ଟଙ୍କା, ୨ ଟି ବାଇକ, ୨ଟି ସ୍କୁଟି, ଗୋଟିଏ କାର୍ ଓ ୨ ଟି ମୋବାଇଲ ଫୋନ ଜବତ କରିଛି।

ଆଇଆଇସି ଚିରଞ୍ଜିବୀ ବେହେରାଙ୍କ ସୂଚନା ଅନୁଯାୟୀ, ତାଙ୍କ ନିର୍ଦ୍ଦେଶ ପ୍ରକାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଏଏସଆଇ ପୁଷ୍ପାଞ୍ଜଳି ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗବଜୋର, ପଥର୍ଲା, ଲୋକାପଡ଼ା ଗ୍ରାମ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ସନ୍ଧ୍ୟା ପ୍ରାୟ ୫ଟା ୩୦ରେ କିଛି ଲୋକ କଣ୍ଟିଆପାଲି ଗ୍ରାମ ନିକଟସ୍ଥ ରାଜାମୁଣ୍ଡା (ପୋଖରୀ) ନିକଟରେ ଜୁଆ ଖେଳୁଥିବା ସୂଚନା ପାଇ ଚଢ଼ଉ କରିଥିଲେ। ପୁଲିସ ସେଠାରୁ ୮ ଜଣ ଜୁଆଡ଼ିଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ମାନେ ହେଲେ ମନମୁଣ୍ଡା ଥାନା ଦହ୍ୟା ଗ୍ରାମର ଜଗଦୀଶ କଟୁଆଲ (୨୭), ପଦରପଡ଼ା ଗ୍ରାମର ହେମନ୍ତ ନାଏକ ( ୩୯), ଝିଙ୍କରପାଲି ଗ୍ରାମର ରମାକାନ୍ତ ସାହୁ (୪୦), ମନମୁଣ୍ଡାର ରବି ନାଏକ (୨୯), ସୋନପୁର ଥାନା ସାଗରପାଲି ଗ୍ରାମର ରାଜକୁମାର ମେହେର (୪୬) , ନୀଳାଞ୍ଚଳ କୁଅଁର (୪୨), କଣ୍ଟାମାଳ ଥାନା କମଘାଟ ଗ୍ରାମର ବିଶ୍ୱାମିତ୍ର ସାହୁ (୪୫) ଓ ଘୋଡାଘାଟପଡ଼ା, ସୋନପୁରର ସଞ୍ଜୀବ କୁମାର ବକ୍ସି ଓରଫ ତନିସ (୩୯)। ପୁଲିସ ଘଟଣା ସ୍ଥଳରୁ କାର୍, ସ୍କୁଟି ଓ ବାଇକ୍ ସହ ଟଙ୍କା ଜବତ କରିଥିଲା। ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯୋଗ୍ୟ ଯେ, ଗଞ୍ଜେଇ ମାମଲାରେ ମନମୁଣ୍ଡାର ଅନେକ ପୁଲିସ ଅଧିକାରୀ ନିଲମ୍ବନ ଓ ବହିଷ୍କାର ହୋଇଥିବାବେଳେ କିଛିଦିନ ତଳେ ଏହି ଥାନାର ପୂର୍ବତନ ଆଇଆଇସିଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ନୂତନ ଆରକ୍ଷୀ ଅଧୀକ୍ଷକ କୁଲଦୀପ ମୀନା ମନମୁଣ୍ଡା ଥାନା ଦାୟିତ୍ୱ ଚିରଞ୍ଜିବୀ ବେହେରାଙ୍କୁ ଦେବାପରେ ସେ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଚୋରା ଗଞ୍ଜେଇ ମାଫିଆ ଓ ଅପରାଧୀ ଦମନ ଦୃଢ଼ ହସ୍ତରେ ଚଳାଇଛନ୍ତି।

## ବଜ୍ରପାତରେ ଚାଷୀ ମୃତ

ଡୁଙ୍ଗୁରିପାଲି,୧।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଲଛୀପୁର ଥାନା କୁହିବାହାଲ ପଞ୍ଚାୟତ ଅନ୍ତର୍ଗତ ଖୁଡିହାବାହାଲ ଗ୍ରାମରେ ଶନିବାର ବଜ୍ରାଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଙ୍ଗା ବାଘ( ୫୫)। ଅପରାହ୍ନ ୪ଟାରେ ସେ ନିଜ କ୍ଷେତରେ ଧାନ ରୋଇବାବେଳେ ବଜ୍ରପାତର ଶିକାର ହୋଇଥିଲେ। ସେହି ବିଲ ଭିତରେ ହିଁ ଟଳି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡ଼ାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

● ଆମ୍ବଗାଁ ହତ୍ୟା ଘଟଣା

## ଜମି ବିବାଦରୁ ହୋଇଛି ହତ୍ୟାକାଣ୍ଡ

କଣ୍ଟାମାଳ,୧।୮ (ସମିସ): ଘଣ୍ଟାପଡା ଥାନା ଅଞ୍ଚଳରେ ଶୁକ୍ରବାର ସକାଳୁ ଆମ୍ବଗାଁ ଗ୍ରାମର ଚାଷୀ ରାଜକୁମର ରଣା(୪୭)ଙ୍କୁ ବିଲରେ ହତ୍ୟା ଘଟଣା ଜମି ବିବାଦରୁ ଘଟିଥିବା ଜଣାପଡ଼ିଛି। ସେ ମୂଲିଆ କାମ କରିବାକୁ ଯାଇଥିଲା। ଗ୍ରାମର ସଦାନନ୍ଦ ରଣା ସହିତ ମିଶି ଗୋଟିଏ ଭାର ସାହାଯ୍ୟରେ ତଳି ଘେରରୁ ରୁଆ ଜମିକୁ ଧାନ ତଳି ନେଉଥିଲେ। ଏହି ସମୟରେ ଯୋଜନା ମୁତାବକ ପୂର୍ବରୁ ଏକ ବୁଦା ମୂଳରେ ଛପି ରହିଥିବା ଗ୍ରାମର କାଳୀଚରଣ ରଣା(୫୦) ପଛପଟୁ ରାଜକୁମାରଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା। ତାଙ୍କ ସ୍ତ୍ରୀ ରୁବି ରଣା ଘଣ୍ଟାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୈତୃକ ସମ୍ପତିକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ କରାଯାଇଛି ବୋଲି ସେ ଏତଲାରେ ଉଲ୍ଲେଖ କରିଛନ୍ତି। ପୁଲିସ ଅଭିଯୁକ୍ତକୁ ଗିରଫ କରି ତଦନ୍ତ ଚଳାଇଛି।

## ନବୋଦୟ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା



ତରଭା,୧।୮ (ସମିସ): ତରଭା ପିମ୍ପ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ, ନବମ ଓ ଏକାଦଶ ଶ୍ରେଣୀରେ ପ୍ରବେଶ କରିଥିବା ନୂତନ ଛାତ୍ରଛାତ୍ରୀଙ୍କୁ ଶନିବାର ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଛି। ଅଧ୍ୟକ୍ଷ ନିଶିକାନ୍ତ ସାମକୁଓ୍ୱରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ୱାଗତ ସମାହୋରହରେ ଉପାଧ୍ୟକ୍ଷା ଶିବାନୀ ପଣ୍ଡା, ବରିଷ୍ଠ ଶିକ୍ଷକ ବିକ୍ରମ କେଶରୀ ଭୋଇ, ପ୍ରଦୀପ କୁମାର ପଟେଲ, ବିଶ୍ୱଜିତ୍ ଛତ୍ରିଆ, ଗତିକୃଷ୍ଣ ପଟେଲ, ତଥା ଦେବଗଡ଼ ବିଦ୍ୟାଳୟର ଉପାଧ୍ୟକ୍ଷ ରାଜର୍ସି ପାଲିତ ମଞ୍ଚାସୀନ ଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିଚୟ ଆଦାନ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଡୁଙ୍ଗୁରିପାଲି,୧।୮ (ସମିସ): ଡୁଙ୍ଗୁରିପାଲି ବ୍ଲକ ଚିନାଝୁରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖୁସିରାମ ରଣାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍କୁଲ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ଯୋଗଦେଇ ସମାରୋହର ଶୁଭାରମ୍ଭ କରିଥିଲେ। ସଭାପତି ଅରୁଣ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ମେହେର ଅତିଥି ପରିଚୟ ପ୍ରଦାନ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶୋଭା ଯାତ୍ରାରେ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ପବିତ୍ର ଗଡତିଆ, ସରପଞ୍ଚ ରାଜକୁମାର ସାହୁ, ସିଆର୍‌ସିସି ରମେଶ ଭୋଇ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚିନାଝୁରୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନୀଲ ଚନ୍ଦ୍ରା, ସମିତିସଭ୍ୟା ବିନ୍ଦୁ ଦଣ୍ଡସେନ, ସଦାନନ୍ଦ ସାହୁ, ଚନ୍ଦ୍ର ଶେଖର ଭୁଏ, ସଦାନନ୍ଦ ପଧାନ , ଶାନ୍ତି ବରିହା, ସମାଜସେବୀ ଘନଶ୍ୟାମ ପ୍ରଧାନ, ପ୍ରସାଦ ସିଂ ଜାଲ, ସଦାନନ୍ଦ ମଟାରୀ, ନିତେଇ ପାଲଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରାସ୍ତାରେ ଅଳିଆ; ପ୍ରଶାସନ ଦୃଷ୍ଟି ପଡୁନି



କଣ୍ଟାମାଳ,୧।୮ (ସମିସ): ସରକାର ସ୍ୱଚ୍ଛ ଭାରତ ଅଭିଜାନରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଥିବାବେଳେ କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଗ୍ରାମ ପଞ୍ଚାୟତ ଅଧୀନ ଶ୍ରୀମାଳଗ୍ରାମରେ ୪୧ ନମ୍ବର ରାଜରାସ୍ତା ଠାରେ ଆବର୍ଜନା ଜମି ଦୁର୍ଗନ୍ଧ ହେଉଛି। ରାତି ପାହିଲେ ଏହି ରାସ୍ତା ଦେଇ ଶହ ଶହ ଲୋକେ ଯାତାୟାତ କରୁଥିବାବେଳେ ନାକରେ ହାତ ଦେଇ ଯାଉଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଆବର୍ଜନା ହଟାଇବାକୁ କଣ୍ଟାମାଳ ପରିମଳ ଓ ଜଳ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ପଡୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

● ମନମୁଣ୍ଡା କ୍ଲଷ୍ଟରସ୍ତରୀୟ ଗ୍ୟାଲେରୀ କାମ

## ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ବୈଠକ



ମନମୁଣ୍ଡା,୧।୮ (ସମିସ): ମନମୁଣ୍ଡା କ୍ଲଷ୍ଟର ଅନ୍ତର୍ଗତ ମହୁଲବାହାଲି ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ଦେବସ୍ମିତା ଚକ୍ର ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣାନନ୍ଦ ସିଂ, ଅଳକା ସାହୁ, ରାଜୀବ ଲୋଚନ ପଣ୍ଡା ଯୋଗ ଦେଇଥିଲେ। ଏତଦବ୍ୟତୀତ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଏଫ୍‌ଏଲ୍‌ଏନ୍ ଡେଡିକେଟେଡ୍ ଶିକ୍ଷକମାନେ ଯୋଗ ଦେଇଥିଲେ। ସିଆର୍‌ସିସି ପ୍ରଜିଣା ପାଢ଼ୀ କାର୍ଯ୍ୟକ୍ରମରେ ସମ୍ବଦ ବ୍ୟକ୍ତି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ମୌଳିକ ଭାଷା ଜ୍ଞାନ, ମୌଳିକ ସଂଖ୍ୟାଜ୍ଞାନ, ଗ୍ୟାଲେରୀ ୱାର୍କ ଏବଂ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକଳାପ ଉପରେ ଆଲୋଚନା ହୋଇଥିଲା।

## ନୂଆଁପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ



କଣ୍ଟାମାଳ,୧।୮ (ସମିସ): ନୂଆଁପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅନନ୍ତ କ୍ଷେତୀ ସଭାପତିତ୍ୱ କରିଥିବା ବେଳେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଓ ବୌଦ୍ଧ ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ ସଭାପତି ଦିବ୍ୟଶଙ୍କର ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡମ୍ବରୁଧର କହଁର, ବୌଦ୍ଧ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, କଣ୍ଟାମାଳ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳମଣି ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, କଣ୍ଟାମାଳ ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଟ୍ଟନାୟକ, ଶିକ୍ଷକ ସଙ୍ଘ ସଭାପତି ନୀଳାଞ୍ଚଳ ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କରୁଣାକର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ଶିକ୍ଷକ ଭବାନୀ ଶଙ୍କର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ତରଭା,୧।୮ (ସମିସ): ତରଭା ବ୍ଲକ ମେଣ୍ଡା ସ୍ଥିତ ମହର୍ଷି ବୃନ୍ଦରାମ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ଶୁକ୍ରବାର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଅରୁଣ କୁମାର ପାଢ଼ୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ରଘୁରାଜ ସିଂ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ କର୍ତ୍ତୃପକ୍ଷ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ତରଫରୁ ଶ୍ରୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ପାଢ଼ୀ ଏହି ଶିକ୍ଷାନୁଷ୍ଠାନ ସହ ଦୀର୍ଘ ୩୨ ବର୍ଷ ଧରି ଜଡ଼ିତ ଥିଲେ। ସେ ଏହି କଲେଜର ପ୍ରଥମ ଅଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ଏହି ଅବସରରେ କଲେଜର ସମସ୍ତ କର୍ମକର୍ତ୍ତା, ଅଧ୍ୟାପକ,ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଗାଲାକ୍ସି ଆଇଟି ଏକାଡେମିର ନୂତନ ଶାଖା ଉଦ୍‌ଘାଟିତ

କଣ୍ଟାମାଳ,୧।୮ (ସମିସ): ଘଣ୍ଟାପଡା ପୋଡ଼ାପଦର ଛକଠାରେ ଗାଲାକ୍ସି ଆଇଟି ଏକାଡେମିର ନୂତନ ଶାଖାର ଉଦ୍‌ଘାଟିତ ହୋଇଯାଇଛି। ଘଣ୍ଟାପଡା +୩ ମହାବିଦ୍ୟାଳୟର ଅଧ୍ୟାପକ ସଙ୍ଗୀତା ଭୋଇ ଏବଂ ଦେବେନ୍ଦ୍ର ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅତିଥିମାନେ ଏକାଡେମୀର ଆଧୁନିକ କମ୍ପ୍ୟୁଟର ଲ୍ୟାବ୍, ସ୍ମାର୍ଟ କ୍ଲାସରୁମ୍ ଏବଂ ଉନ୍ନତ ଶିକ୍ଷା ବ୍ୟବସ୍ଥାକୁ ପରିଦର୍ଶନ କରିଥିଲେ। ଗୁଣାତ୍ମକ କମ୍ପ୍ୟୁଟର ଶିକ୍ଷା, ଦକ୍ଷ ପ୍ରଶିକ୍ଷକ ଏବଂ ଆଧୁନିକ ଶିକ୍ଷା ସୁବିଧା ମାଧ୍ୟମରେ ଗ୍ରାମାଞ୍ଚଳର ଯୁବପିଢ଼ିଙ୍କୁ ଦକ୍ଷ କରି ଆତ୍ମନିର୍ଭରଶୀଳ କରିବା ହିଁ ଏକାଡେମୀର ମୁଖ୍ୟ ଲକ୍ଷ୍ୟ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମନମୁଣ୍ଡା,୧।୮ (ସମିସ): କଣ୍ଟାମାଳ ବ୍ଲକ ଖଟଖଟିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ନେହପ୍ରଭା ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷକ ସମୀର କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ ବସ୍ତିଆ, ସିଆରସିସି ଦେବବ୍ରତ ସାହୁ, ବାଙ୍କାନିଧି ରାୟଗୁରୁ, ନୃପମଣି ମହାଲିକ, ଶୈଳେନ୍ଦ୍ର ବସ୍ତିଆ, ବନିତା ମେହେର, ଦୀପ୍ତିମୟୀ ବୈଠାରୁ , ରଞ୍ଜୁ ଅମାତ ପ୍ରମୁଖ ଉପସ୍ଥିତ ଥିବାବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଗାୟତ୍ରୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା

ଇବଥର୍ମାଲ,୧।୮ (ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବନ୍ଧବାହାଲରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୪ଟି ବିଭାଗ କରାଯାଇଥିବା ବେଳେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୦୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟବିଜ୍ଞାନ ଓ ଗଣିତ ବିଷୟର ପ୍ରକଳ୍ପ ସ୍ଥାନ ପାଇଥିଲା। ମୁଖ୍ୟ ଅତିଥି ଭାବେ ଲଖନପୁର କୋଇଲା କ୍ଷେତ୍ର ଉପ-ପ୍ରବନ୍ଧକ ଉତଖନନ ସାତ୍ୱିକ ବର୍ଣ୍ଣବାଲ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଜୟ କୁମାର ବିଶ୍ୱାଳ, ବିଜୟ ଦାସ , ଯୋଗେଶ ପ୍ରଧାନ, ଦେବେନ୍ଦ୍ର ପାଢ଼ୀ , ଆଦିତ୍ୟ ସିଂହଦେଓ, ଶରତ ପ୍ରଧାନ, ପ୍ରଦୀପ ବେହେରା, ପୁଷ୍ପାଞ୍ଜଳି ବାରିକ, ମଞ୍ଜୁଲତା ଭୂମିକ, ସବିତା ସେଠ, ନବୀନ ଭୋଇ, ବନମାଳୀ ବିଶ୍ୱାଳ, ଯଶୋବନ୍ତ ପାଲ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଲଖନପୁର ଏରିଆ ସୁରକ୍ଷା ଅଧିକାରୀ ବିଷ୍ଣୁ କୁମାର ବିଷ୍ଣୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଭାର ସଭାପତିତ୍ୱ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅରୁଣ କୁମାର ସାହୁ କରିଥିବାବେଳେ ପରିଚାଳନା କମିଟି ସମ୍ପାଦକ ଅଶୋକ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ଆସନ୍ତା ୯ ତାରିଖରେ ହେବାକୁ ଥିବା ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଭାଗ ନେବାପାଇଁ ଘୋଷଣା କରାଯାଇଥିଲା।

## ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବାର ସୁଦୃଢ଼ୀକରଣ ପାଇଁ ପ୍ରାକ୍-ବିଡ୍ ବୈଠକ



ଝାରସୁଗୁଡ଼ା,୧।୮ (ସମିସ): ଜିଲ୍ଲାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି ଏବଂ ଏହାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଏକ ପ୍ରାକ୍-ବିଡ୍ ବୈଠକ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଇଓଟି ଆଧାରିତ ଡିଜିଟାଲ ପ୍ରଣାଳୀ ଜରିଆରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ଆବଶ୍ୟକୀୟ ସଂସ୍ଥା ଚୟନ ପ୍ରକ୍ରିୟା ସମ୍ପର୍କରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶକ୍ତି ପ୍ରସାଦ ପାଢ଼ୀଙ୍କ ସମେତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଆଡିସନାଲ ଡିଷ୍ଟ୍ରିକ୍ଟ ପବ୍ଲିକ ହେଲଥ ଅଫିସର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅର୍ଥ ଅଧିକାରୀ, ଆଇସିଡିଏସ ପ୍ରୋଗ୍ରାମ ଅଫିସର, ଏନ୍‌ଏଚ୍‌ଏମ୍‌ର ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର, ଜିଲ୍ଲା ଆକାଉଣ୍ଟସ ମ୍ୟାନେଜର, ଡିଏମଆରସିଏଚ ଏବଂ ଅନ୍ୟାନ୍ୟ ପ୍ରମୁଖ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ୍ ସିଷ୍ଟମ୍ ବ୍ୟବହାର କରି ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଗର୍ଭବତୀ ମହିଳା ଏବଂ ଶିଶୁମାନଙ୍କ ପାଖରେ ସଠିକ୍ ସମୟରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ସଂସ୍ଥା ଚୟନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଫଳପ୍ରଦ କରିବା ପାଇଁ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକୀୟ ଦିଗଦର୍ଶନ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ଜ୍ଞାନବିଜ୍ଞାନ ମେଳା

ତରଭା,୧।୮ (ସମିସ)



ତରଭା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟପ୍ରକାଶ ନାରାୟଣ ସାହୁ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପରିଚାଳନା ସମିତିର ସଭାପତି ଲକ୍ଷ୍ମଣ ରଣା, ଉପସଭାପତି କୃପାନିଧି ମିଶ୍ର ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀ ନାଏକ ପରିଚୟ ଓ ଉଦ୍ଦେଶ୍ୟଜ୍ଞାପନ କରିଥିଲେ କ୍ଷ ସଭାପତି ଶ୍ରୀ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଓ ଗଣିତ ପ୍ରକଳ୍ପରେ ବିଚାରକ ଭାବରେ ପରାଗ ମେହେର, କଣ୍ଟାପାଲି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ, ଅର୍ପଣ କୁମାର ଦାସ, ନିଶାନ୍ତ ସାହୁ ଏବଂ ନିରଞ୍ଜନ ରଣା ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ସମାରୋହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଶୈଳେନ୍ଦ୍ର ସାହୁ, ସଂପାଦକ ପ୍ରଦ୍ୟୁମ୍ନ ମହାନ୍ତି, ଆଶିଷ ସେଠୀ କୃତି ଶିଶୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

**ତରଭା:** ସୋନପୁର ବ୍ଲକ ଖାରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୋନପୁର ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ ଅଧିକାରୀ ଲୁସି ପ୍ରିୟଦର୍ଶିନୀ ପୂଜାହାରୀ ଯୋଗ ଦେଇଥିବାବେଳେ ବିଚାରକ ଭାବେ ବିଭିନ୍ନ ବିଜ୍ଞାନ ଶିକ୍ଷକ ଯଥା ନାରାୟଣପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର କଲ୍ୟାଣ ସାମଲ, ବଲାଡି ଉଚ୍ଚ ବିଦ୍ୟାଳୟର ସଂଗ୍ରାମ ମିଶ୍ର ଓ ପ୍ରମୋଦ କୁମାର ସାହୁ, ବଲାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ପୁରୋହିତ, ଖାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୈଥିଳୀ ଦାଶ ଯୋଗ ଦେଇଥିଲେ। ମୋଟ ୧୪୮ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଚାଳନା ସମିତିର ସଭାପତି ସୁଦାମ ଶେଖର ଦାସ, ସଂପାଦକ ଅଶୋକ କୁମାର ମିଶ୍ର, ସଦସ୍ୟା ରୀନା ଠେଲା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିପିନ ବିହାରୀ ବାଘ, ମାତୃଭାରତୀ ନଳିନୀ ସାହୁ, ସନ୍ତୋଷୀ ମଲ୍ଲିକ, ସୀମା ବେହେରା ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହରିବୋଲ ସାହୁ ପରିଚୟ ପ୍ରଦାନ, ନିହାର ଗୁରୁଜୀ ପୁରସ୍କାର ଉଦଘୋଷଣା, ଚିତ୍ତରଞ୍ଜନ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

**ମନମୁଣ୍ଡା:** ବିଳାସପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ପ୍ରଧାନ ଆଚାର୍ଯ୍ୟ ବିଜୟ ପଧାନଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି।




ପରିଚାଳନା ସମିତିର ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳାମ୍ବର ଖମାରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ସମ୍ପାଦକ ସତ୍ୟନାରାୟଣ ବଘାର ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ କୃପାସିନ୍ଧୁ ବଘାର ଅତିଥି ପରିଚୟ ଓ ବିଜ୍ଞାନ ପ୍ରମୁଖ ରଶ୍ମିବାଳା ରଣା ବିଜ୍ଞାନ ମେଳା ପରିଚାଳନା କରିଥିଲେ। ଜନତା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରିବୁଲ ସା ଓ ବିଜ୍ଞାନ ଶିକ୍ଷୟିତ୍ରୀ ସୁନିତା ସୁନା, ବରିଷ୍ଠ ଗୁରୁମା ଦମୟନ୍ତୀ ଗଡ଼ୁଆ ଓ ସ୍ୱିଟି ଦାଶ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ।



**ମନମୁଣ୍ଡା:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମନମୁଣ୍ଡାରେ ପ୍ରଧାନାଚାର୍ଯ୍ୟ ଉମାକାନ୍ତ ଷାଣ୍ଢଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଚାର୍ଯ୍ୟା ସିନ୍ଧୁସୁତା ମହାନ୍ତି ସଂଯୋଜନା କରିଥିବା ବେଳେ ବିଜ୍ଞାନ ସହ ପ୍ରମୁଖ ପ୍ରମୋଦ ମେହେର ଅତିଥି ପରିଚୟ, ପରିଚାଳନା ସମିତି ସଭାପତି ଖଗେଶ୍ୱର ବସ୍ତିଆ ଜ୍ଞାନ ବିଜ୍ଞାନ ମେଳା ପାଳନର ଆଭିମୁଖ୍ୟ କଥନ ଓ ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ଷାଣ୍ଢ ଶିଶୁ ଭାଇ ଭଉଣୀଙ୍କୁ ମାର୍ଗଦର୍ଶନ କରିଥିଲେ। ସହକାରୀ ଶିକ୍ଷକ ସମ୍ବିତ କୁମାର ମିଶ୍ର ବିଚାରକ ତଥା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶିଶୁଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସମ୍ପାଦକ ସାନୁନୁ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।



# ବର୍ଷା ବଢ଼ାଇଲା ଆଶା

- ସ୍ୱାଭାବିକଠାରୁ ଅଧିକ ବର୍ଷା
- ବନ୍ୟା ପରିସ୍ଥିତି ସତ୍ତ୍ୱେ ଭଲଚାଷ ପାଇଁ ଚାଷୀ ଆଶାବାଦୀ

ବଲାଙ୍ଗିର,୧।୮ (ସମିସ)

ଆଷାଢ଼ ବର୍ଷାରେ ଭିଜିଲା ବଲାଙ୍ଗିର ଜିଲ୍ଲା। ଚଳିତ ଜୁଲାଇରେ ମାସ ତମାମ ଜିଲ୍ଲାର ସମସ୍ତ ବ୍ଲକରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି; ଯାହାକି ଆଗାମୀ ଖରିଫ ଚାଷ ପାଇଁ ବେଶ୍ ସହାୟକ ହେବ ବୋଲି ଆଲୋଚନା ହେଉଛି। ଯଦିଓ ଏହି ବର୍ଷାରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଥିଲା; କିନ୍ତୁ ସମୟ ଭିତରେ ପାଣି କମିଯିବାରୁ ଚାଷକାମ ପୁଣିଥରେ ଆରମ୍ଭ ହୋଇପାରିଛି। କିଛି ସ୍ଥାନରେ ତଳି ନଷ୍ଟ ହେବା ସହ ଜମିରେ ବାଲି ମାଡିଯାଇଛି। ସେହି ସ୍ଥାନରେ ଚାଷକାମ ବିଳମ୍ବ ହେବାର ସମ୍ଭାବନା ରହିଛି। ତଥାପି ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସରକାରୀ ସହାୟତାରେ ଆବଶ୍ୟକତା ରହିଛି। ଚଳିତ ମାସ ଜିଲ୍ଲାରେ ହାରାହାରି ୮୫୮.୨୧ ମିମି ବର୍ଷା ରେକର୍ଡ କରାଯାଇଛି; ଯାହା ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି।

ବଲାଙ୍ଗିର ଜିଲ୍ଲାରେ ଜୁଲାଇ ମାସ ଆରମ୍ଭରୁ ମୌସୁମୀ ଓ ଲଘୁଚାପ ପ୍ରଭାବରେ ବର୍ଷା ଆରମ୍ଭ ହୋଇଥିଲା। ଚଳିତ ମାସ ପ୍ରାୟ ୧୫ ଦିନ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଏହି ମାସ ୩୬୨.୧ ମିମି ବର୍ଷା ହେଉଛି ସ୍ୱାଭାବିକ ବର୍ଷାର ପରିମାଣ; କିନ୍ତୁ ଜିଲ୍ଲାରେ ତାଠାରୁ ଯଥେଷ୍ଟ ଅଧିକ ବର୍ଷା ରେକର୍ଡ କରାଯାଇଛି। ବଲାଙ୍ଗିର ସଦର ବ୍ଲକରେ୧୦୪୮ ମିମି, ବଙ୍ଗୋମୁଣ୍ଡା ବ୍ଲକରେ ୭୩୨ ମିମି, ବେଲପଡା ବ୍ଲକରେ ୭୮୮ ମିମି, ଦେଓଗାଁ ବ୍ଲକରେ ୯୬୭ ମିମି, ତୁଡୁକା ବ୍ଲକରେ ୧୦୯୨ ମିମି, ଗୁଡଭେଲା ବ୍ଲକରେ ୯୭୨ ମିମି, ଖପ୍ରାଖୋଲ ବ୍ଲକରେ ୮୫୪ମିମି, ଲୋଇସିଂହା ବ୍ଲକରେ ୬୮୭ ମିମି, ମୁରିବାହାଲ ବ୍ଲକରେ ୭୩୬ ମିମି, ପାଟଣାଗଡ ବ୍ଲକରେ ୯୦୪ମିମି, ପୁଇନ୍ତଲା ବ୍ଲକରେ ୮୯୭ ମିମି, ସଇଁନ୍ତଲା ବ୍ଲକରେ ୭୧୮ ମିମି, ଟିଟିଲାଗଡ ବ୍ଲକରେ ୭୦୫ ମିମି ଓ ତୁରେକେଲା ବ୍ଲକରେ ୯୧୩ ମିମି ବର୍ଷା ରେକର୍ଡ କରାଯାଇଛି। ସମୁଦାୟ ୧୨୦୧୩ ମିମି ବର୍ଷା ରେକର୍ଡ ହୋଇଛି। ହାରାହାରି ବର୍ଷା ପରିମାଣ ୮୫୮.୨୧ ମିମି ବୋଲି ବିଭାଗୀୟ ରିପୋର୍ଟରୁ ଜଣାପଡିଛି। ତେବେ ବିଶେଷ କରି ପ୍ରଥମ ଓ ଶେଷ ସପ୍ତାହରେ ହୋଇଥିବା ବର୍ଷା ଜିଲ୍ଲାର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା। ଲୋଇସିଂହା, ଆଗଲପୁର, ତୁରେକେଲା, ବେଲପଡା, ପୁଇଁନ୍ତଲା ସମେତ ଖପ୍ରାଖୋଲ ଓ ପାଟଣାଗଡ ବ୍ଲକରେ ଏହି ବନ୍ୟା ଯୋଗୁଁ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ସେହିପରି ବଲାଙ୍ଗିର ସହରରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଲୋଇସିଂହା ବ୍ଲକ ଦୁମଦୁମୀ ପଥରଗଡ ଡ୍ୟାମରେ ଘାଇ ସୃଷ୍ଟି ହେବାରୁ ପ୍ରାୟ ୬୦ ରୁ ୧୦୦ ଏକର ଜମିରେ ମାଟି ମାଡିଯାଇଥିବା ଅଭିଯୋଗ ହୋଇଛି। ସେହିପରି ଆଗଲପୁର, ପୁଇଁନ୍ତଲା ଓ ତୁରେକେଲା ବ୍ଲକରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। ତେବେ ଏହି ବନ୍ୟା ଯୋଗୁଁ ଶତାଧିକ ହେକ୍ଟର ଜମି ନଷ୍ଟ ହୋଇଛି ସତ; କିନ୍ତୁ ଅନ୍ୟ ସ୍ଥାନରେ ଏହା ଫସଲ ପାଇଁ ସହାୟକ ହୋଇଥିବା ଚାଷୀ ପ୍ରକାଶ କରିଛନ୍ତି। ସେହିପରି ତଳିଆ ଜମିରେ ପାଣି ଜମି ରହିବାରୁ ଅନେକ ସ୍ଥାନରେ ତଳି ନଷ୍ଟ ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ଯଦିଓ ଏହି ବର୍ଷା ଯୋଗୁଁ ଧାନଚାଷ ଆରମ୍ଭ ହେବାରେ ବିଳମ୍ବ ହୋଇଛି ତଥାପି ଏହା ଭଲ ଅମଳ କରିବାରେ ସହାୟକ ହେବ; କିନ୍ତୁ କ୍ଷତିଗ୍ରସ୍ତ ହୋଇଥିବା ଜମି ସର୍ଭେ କରି ରାଜସ୍ୱ ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

## ପାଉଣା ପାଇଁ ବିଡିଓଙ୍କୁ ଗାଁ ସାଥୀଙ୍କ ଦାବିପତ୍ର



ଖପ୍ରାଖୋଲ,୧।୮ (ସମିସ): ଖପ୍ରାଖୋଲ ବ୍ଲକ୍‌ର ମନରେଗା ଯୋଜନାରେ କାମ କରୁଥିବା ଗାଁ ସାଥୀ (ମେଟ୍) ସଂଘ ପୂର୍ବ କାମର ପାଉଣା ପାଇ ନଥିବାରୁ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଭେଟି ପୂର୍ବ ପାରିଶ୍ରମିକ ପ୍ରଦାନ ପାଇଁ ଏକ ଦାବିପତ୍ର ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ବ୍ଲକ୍‌ର ଗାଁ ସାଥୀ (ମେଟ୍)ମାନେ ମନରେଗା ଯୋଜନାରେ ବିଭିନ୍ନ କାର୍ଯ୍ୟର ଏନ୍‌ଏମ୍‌ଏମ୍‌ଏସ କରିଥିଲେ ମଧ୍ୟ ସେମାନଙ୍କର ପାରିଶ୍ରମିକ କିଛି ଗାଁ ସାଥୀ ପାଇନାହାନ୍ତି। ଆହୁରି ମଧ୍ୟ ପୂର୍ବର କିଛି ପାରିଶ୍ରମିକ ବାକି ରହିଥିବା ବେଳେ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଏନ୍‌ଏମ୍‌ଏମ୍‌ଏସ କରିବାକୁ କୁହାଯାଉଛି। ତେବେ ସେମାନେ ପୂର୍ବ ପାରିଶ୍ରମିକ ଦେବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଏନଏମ୍‌ଏମ୍‌ଏସର ପାରିଶ୍ରମିକ ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି। ପାରିଶ୍ରମିକ ନ ମିଳିଲେ କାର୍ଯ୍ୟରୁ ବିରତ ରହିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ଗାଁ ସାଥୀ (ମେଟ୍) ସଙ୍ଘ ସଭାପତି ବିନୋଦ କୁମାର ପ୍ରଧାନ, ଉପ ସଭାପତି ରୋହିତ ଭୋଇ, ସମ୍ପାଦିକା ଶ୍ରୀମତୀ ଶଗଡ଼ିଆ, କୋଷାଧ୍ୟକ୍ଷ ସ୍ୱପ୍ନା ଅଗ୍ରୱାଲ, ସହ ସଂପାଦକ ଶରତ ଜ୍ୟୋତିଷ , ମୌସୁମୀ ଦୀପ, ଛଗନ ଦାସ, ରୋହିତ ବାଗ, ହରେ ବାଗ, ହରି ମାଝୀ, ଜଳନ୍ଧର ବେହେରା, ତୁଳସିରାମ ବାଗ , ମୋତି ସୁନା , ସୁଦର୍ଶନ ସେଠ୍ ପ୍ରମୁଖ ଗାଁ ସାଥୀ (ମେଟ୍) ମାନେ ଉପସ୍ଥିତ ରହିଥିଲେ।

## ସହକାରୀ ଗ୍ରନ୍ଥାଗାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ବଲାଙ୍ଗିର,୧।୮ (ସମିସ): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶିବତଲାରେ କାର୍ଯ୍ୟରତ ସହକାରୀ ଗ୍ରନ୍ଥାଗାରିକ ସେଠ୍ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶିବତଲାର ଅଧ୍ୟକ୍ଷ କୃପାସିନ୍ଧୁ ଯୋଷୀ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷତା କରି ତାଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ। ସେହିପରି ଅଧ୍ୟାପକ ବୀରେନ୍ଦ୍ର ଗଡ଼ୁଆ, ଅଧ୍ୟାପକ ସୁବ୍ରତ ତ୍ରିପାଠୀ ଏବଂ ଅଧ୍ୟାପକ ଶତ୍ରୁଘ୍ନ ସାହୁ ପ୍ରମୁଖ ଶ୍ରୀ ବେହେରାଙ୍କ ଅବସର ପରବର୍ତ୍ତୀ ସୁଖମୟ ହେଉ ବୋଲି କାମନା କରିଥିଲେ। ଶ୍ରୀ ବେହେରାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ସବିତା ଦାସ ମାନପତ୍ର ପାଠ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଛାତ୍ରୀମାନେ ମଞ୍ଚାସୀନ ଅତିଥିମାନଙ୍କୁ ସ୍ୱାଗତ ସହ ଗ୍ରନ୍ଥାଗାରିକ ସେଠ୍ ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରିଥିଲେ। ଅଧ୍ୟାପକ ବିକାଶ ରଂଜନ ଜେନା ସଭାକାର୍ଯ୍ୟ ପରିଚାଳନା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

## ଦେଓଗାଁ ଶିଶୁମନ୍ଦିର ପ୍ରାଙ୍ଗଣରେ ଗୁରୁଦକ୍ଷିଣା ଉତ୍ସବ



### ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦେଓଗାଁ,୧।୮ (ସମିସ): ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ କୁତୁର୍ଲା ଧ୍ରୁବଆନନ୍ଦ କଲେଜରେ ଓଡିଆ ଅଧ୍ୟାପକ ହେମନ୍ତ କୁମାର ସାହୁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟିର ପୂର୍ବତନ ସଦସ୍ୟ ଦେବରାଜ ସାହୁ, ସମ୍ମାନୀତ ଅତିଥିଭାବେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶଶିଭୂଷଣ ପାଣିଗ୍ରାହୀ, ଅଧ୍ୟାପକ ବିଜୟ କୁମାର ଜାଲ, ବଳରାମ ପଧାନ, ନବକିଶୋର ବାରିକ, ଖେଳ ଶିକ୍ଷକ ସରୋଜ କୁମାର ନାୟକ, ଉପଗ୍ରାନ୍ଥାଗାର ଗୌରାଙ୍ଗ ବେମାଲ, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀକାନ୍ତ ପାଣିଗ୍ରାହୀ ପ୍ରମୁଖ ଅବସର ଗ୍ରହଣ କରିଥିବା ଅଧ୍ୟାପକଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଗଣ୍ଡା ସମାଜ ପୂର୍ବତନ ବ୍ଲକ ସଭାପତିଙ୍କ ପରଲୋକ



ମୁରିବାହାଲ,୧।୮ (ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ମୁରିବାହାଲ ଗଣ୍ଡା ସମାଜର ପୂର୍ବତନ ସଭାପତି ଯାଦବ ଦୀପଙ୍କ ପରଲୋକ ଘଟିଛି। ଦୀର୍ଘ ପାଞ୍ଚ ବର୍ଷ ଧରି ସେ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବା ପରେ ତାଙ୍କୁ ରାୟପୁରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ପରଲୋକ ଘଟିଛି। ପରିବାରରେ ତାଙ୍କ ପୁଅ ପ୍ରମୋଦ ଦୀପ, ନାତି ପ୍ରଦୀପ ଦୀପ ଓ ନାତୁଣୀ ନବିନ ଦୀପଙ୍କ ସହ ଅନ୍ୟାନ୍ୟ ସଦସ୍ୟ ରହିଛନ୍ତି। ତାଙ୍କ ଶେଷକୃତ୍ୟରେ ବହୁ ସଂଖ୍ୟକ ସମାଜର ବ୍ୟକ୍ତିବିଶେଷ, ଆତ୍ମୀୟସ୍ୱଜନ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଫେନ୍‌ସିଂ ପ୍ରତିଯୋଗିତା ଉଦ୍‌ଘାଟିତ



ବଲାଙ୍ଗିର,୧।୮ (ସମିସ): ବଲାଙ୍ଗିର ଟାଉନ୍ ବାଳିକା ବିଦ୍ୟାଳୟଠାରେ ପଞ୍ଚମ ଜିଲ୍ଲାସ୍ତରୀୟ ଫେନ୍‌ସିଂଙ୍ଗ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲା ଫେନ୍‌ସିଂଙ୍ଗ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା କ୍ରୀଡ଼ା ଅଧିକାର ହରିଓମ ଶମ୍ଭୁ ନାରାୟଣ ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର, ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲ ଫେନସିଙ୍ଗ କୋଚ କରିସ୍ମା ରାଉତ, ଅନ୍ୱେଷା ରାଉତ, ରୋଶନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପିଇଟି ବୁଦ୍ଧିରାଜ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିବ। ବିଭିନ୍ନ ବୟସ ବର୍ଗରେ ୨୫୦ରୁ ଊର୍ଦ୍ଧ୍ୱ ଖେଳାଳି ଯୋଗଦାନ କରିଛନ୍ତି। ଭଲ ପ୍ରଦର୍ଶନ କରିଥିବା ଖେଳାଳି ଅଗଷ୍ଟ ୭ରୁ ୯ ପର୍ଯ୍ୟନ୍ତ କଟକରେ ହେବାକୁ ଥିବା ପଞ୍ଚମ ରାଜ୍ୟ ଫେନସିଙ୍ଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ପ୍ରତିଯୋଗିତାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଉଦଘାଟନ କରିବା ସହ ଏହି କ୍ରୀଡ଼ାର ଉନ୍ନତି ପାଇଁ ବ୍ଲକସ୍ତରରେ ସ୍କୁଲ ଗୁଡିକରେ ଫେନସିଙ୍ଗ ଖେଳ ପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ବିଭାଗ ଦ୍ୱାରା କୋଚ ନିଯୁକ୍ତି ପାଇଥିବା କରିସ୍ମା ରାଉତଙ୍କୁ ଜିଲ୍ଲା ଫେନସିଙ୍ଗ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଉଥିଲା। ଫେନସିଙ୍ଗ କୋଚ ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଜ୍ୟୋତି ଠାକୁର, ପୁରନ୍ଦର ସେଠ, ସତ୍ୟ ନାରାୟଣ ପଟେଲ, ବୀରେନ୍ଦ୍ର ସୁନା, ବନୀତା ପଟେଲ, ସଂଗୀତା ପଟେଲ, ସସ୍ମିତା ଗଡତିଆ, ସ୍ୱପ୍ନା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ସ୍କୁଲ-କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ସମ୍ମିଳନୀ




ବଲାଙ୍ଗିର,୧।୮ (ସମିସ): ସ୍ଥାନୀୟ ରାମଗୋପାଳ ହିନ୍ଦୀ ହାଇସ୍କୁଲଠାରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ଜିଲ୍ଲା ସଭାପତି ପ୍ରଦୀପ ପୁଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନୀଳମଣି ପୁରୋହିତ, ବ୍ରଜକିଶୋର ବିଶ୍ୱାଳ, ଅଶୋକ ମହାପାତ୍ର, ଆଶୁତୋଷ ରଥ, ସୁଧୀର ନାଏକ, ରଂଜିତା ମିଶ୍ର, ଆବାହକ କଲେଜ ସଂଘ ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ପେନସନ ପ୍ରଦାନ ଦାବି, ଅନୁଦାନ ଯୋଗ୍ୟ ୧୯୪ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ସପ୍ତମ ବେତନ କମିଶନରୁ ବଞ୍ଚିତ ବିଦ୍ୟାଳୟ ମାନଙ୍କ ସମସ୍ୟାର ସମାଧାନ, ଖାଲି ପଡ଼ିଥିବା ସ୍ଥାନରେ ଶିକ୍ଷକ ନିଯୁକ୍ତି,୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ଛଅଟି ନୋସନାଲ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ସ୍କିମର ପୁନଃ ପ୍ରଚଳନ, ଅବସର ସମୟସୀମା ୬୨କୁ ବୃଦ୍ଧି ଓ ଗ୍ରେଡ଼ ପେ'ରେ ଥିବା ଅସଙ୍ଗତି ଦୂରୀକରଣ ଆଦି ଦାବିଗୁଡିକ ପୂରଣ କରି ଶିକ୍ଷା,ଶିକ୍ଷକ ଓ ଶିକ୍ଷାୟତନ ସହିତ ଛାତ୍ର ଛାତ୍ରୀ ମାନଙ୍କୁ ନ୍ୟାୟ ଦେବାପାଇଁ ଶିକ୍ଷକ କର୍ମଚାରୀ ମାନେ ଏକତ୍ର ହେବାକୁ ଆହ୍ୱାନ ଦେଇଥିଲେ ଏବଂ ଆଗାମୀ ଦିନରେ ଆନ୍ଦୋଳନରେ ଯୋଗଦେବା ପାଇଁ ଅନୁରୋଧ ଜଣାଇଥିଲେ। ଚଳିତ ଅଗଷ୍ଟ ମାସରେ ଆନ୍ଦୋଳନ ପାଇଁ ନେତୃବୃନ୍ଦ ପ୍ରକାଶ କରିଥିଲେ। ରାମଗୋପାଳ ହିନ୍ଦୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ନବଘନ ସାହୁ ମଞ୍ଚାସୀନ ଥିଲେ। ଓଷ୍ଟା ଜିଲ୍ଲା ସମ୍ପାଦକ ତଥା ଏହି ସମିତିର ଆବାହକ ଶଙ୍କର ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଅନିଲ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଓଷ୍ଟା ରାଜ୍ୟ ଉପସଭାପତି ସୁଧୀର ନାଏକ। କାର୍ଯ୍ୟକ୍ରମରେ ଜିଲ୍ଲାର ପାଖାପାଖି୨ଶହ ଶିକ୍ଷକ ଯୋଗ ଦେଇଥିଲେ।

## ଶିଶୁ ମନ୍ଦିରରେ ଗୁରୁ ଦକ୍ଷିଣା ଉତ୍ସବ



ଦେଓଗାଁ,୧।୮ (ସମିସ): ଦେଓଗାଁ ବ୍ଲକ ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ଗୁରୁ ଦକ୍ଷିଣା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କିଷାନ ସଂଘ ଜିଲ୍ଲା ସଭାପତି ଡା. ଶଶି ଭୂଷଣ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତାଭାବେ ଜିଲ୍ଲା କାର୍ଯ୍ୟବାହ ସୁଶାନ୍ତ ନାୟକ, ସମ୍ମାନୀତଭାବେ ଖଣ୍ଡସଂଘ ଚାଳକ ଜଗଦୀଶ ପ୍ରଧାନ, ଖଣ୍ଡକାର୍ଯ୍ୟବାହ ଶ୍ରୀକାନ୍ତ ଥାନପତି, ସ୍ଥାନୀୟ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ସା ପ୍ରମୁଖ ଯୋଗଦେଇ ଗୁରୁପୂର୍ଣ୍ଣିମାର ମହତ୍ୱ ସମ୍ପର୍କରେ କହିଥିଲେ।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ମୁରିବାହାଲ,୧।୮ (ସମିସ): ମୁରିବାହାଲ ବ୍ଲକ ତେନ୍ତୁଲିଖୁଣ୍ଟି ପଞ୍ଚାୟତ ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ କ୍ଲଷ୍ଟର ସ୍ତରୀୟ ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର କୁମାର ନାଗଙ୍କ ସଭାପତିତ୍ୱରେ ତେନ୍ତୁଲିଖୁଣ୍ଟି ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟ କୁମ୍ଭାର, ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ଆରପି କେଶରୀ ଚନ୍ଦ୍ର ସାହୁ ମଞ୍ଚାସିନ ଥିଲେ। ତେନ୍ତୁଲିଖୁଣ୍ଟି ଶିକ୍ଷୟିତ୍ରୀ ଜସ୍ମିନ ମିଶ୍ର ବହୁଶ୍ରେଣୀ ଶିକ୍ଷାଦାନ ଓ ପରିଚାଳନା ଉପରେ ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ସଫଳା ମିଶ୍ର, ଜୟମାଳିନୀ ପଟ୍ଟନାୟକ, ସରୋଜିନୀ ମିଶ୍ର, ପ୍ରିୟଦର୍ଶିନୀ ସ୍ୱାଇଁ, ନୀଳମଣି ଦୀପ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୧୪ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଏଫ୍‌ଏଲ୍‌ଏନ୍ ଗ୍ରେଡ୍ ଶିକ୍ଷକ ଯୋଗଦେଇଥିଲେ।

## କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ରରେ ମାସିକ କ୍ଲଷ୍ଟର ବୈଠକ



କଣ୍ଟାବାଞ୍ଜି,୧।୮ (ସମିସ): କଣ୍ଟାବାଞ୍ଜି କଳିଙ୍ଗନଗର ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଚଳିତ ମାସ ମାସିକ କ୍ଲଷ୍ଟର୍ ବୈଠକ ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ଏଫ୍‌ଏଲ୍‌ଏନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ବୈଠକରେ ବରିଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ନିରୂପମା ମିଶ୍ର ସରସ୍ୱତୀଙ୍କୁ ପୁଷ୍ପ ଅର୍ପଣ କରି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଉଦବୋଧନ ଦେଇ ଆଜିକାର ବୈଠକକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ବୈଠକରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶିଶୁବାଟିକା ଠାରୁ ଅଷ୍ଟମ ପର୍ଯ୍ୟନ୍ତ ସମୟ ନିର୍ଘଣ୍ଟ, ନୂତନ ପାଠ୍ୟ ପୁସ୍ତକ, ଗଣିତ କଳିକାର ବ୍ୟବହାର, ବାର୍ଷିକ ଶୈକ୍ଷିକ କ୍ୟାଲେଣ୍ଡର ବିଷୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ ଅବଗତ କରିଥିଲେ। ଶେଷରେ କଳିଙ୍ଗ ନଗର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ମାଝୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ୍ ଦେଇ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଭାଷିନୀ ମେହେର, ସବିତା ରଣା, ଯଶୋଦା ବିଡିକା, ଲାବଣ୍ୟବତୀ ଧରୁଆ, ଶାନ୍ତିଲତା ଭୋଇ, ସଂଘମିତ୍ରା ପାଣିଗ୍ରାହି, ଭାରତୀ ଦାସ, ସୁଜାତା ଧରୂଆ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରେମଚନ୍ଦ ଜୟନ୍ତୀ ପାଳିତ

ବଲାଙ୍ଗିର,୧।୮ (ସମିସ): ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଲୁହାସିଂହା ପିଏମ୍‌ଶ୍ରୀ ସର୍ବୋଦୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ହିନ୍ଦୀ ସାହିତ୍ୟର କାଳଜୟୀ ଉପନ୍ୟାସକାର ତଥା ଗଳ୍ପସମ୍ରାଟ ମୁନସୀ ପ୍ରେମଚନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏନେଇ ବିଦ୍ୟାଳୟର ସଭାଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଧର୍ମେନ୍ଦ୍ର ମହାଲିଙ୍ଗ ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ମୁନସୀ ପ୍ରେମଚନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପଦେଶ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଅଶ୍ୱିନୀ କୁମାର ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ଦେବା ସହ ମୁନସୀ ପ୍ରେମଚନ୍ଦଙ୍କ ଜୀବନ ଆଦର୍ଶ, ତାଙ୍କର କାଳଜୟୀ ଉପନ୍ୟାସ "ଗୋଦାନ','ଗବନ୍', "କର୍ମଭୂମି' ଏବଂ ଶ୍ରେଷ୍ଠ ଗଳ୍ପଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଶିକ୍ଷାର୍ଥୀମାନଙ୍କୁ ସାହିତ୍ୟ ପ୍ରତି ଆକୃଷ୍ଟ କରିବା ପାଇଁ ପ୍ରେମଚନ୍ଦଙ୍କ ସାହିତ୍ୟର ଗୁରୁତ୍ୱ ସମ୍ପର୍କରେ ସେ ସବିଶେଷ ଆଲୋଚନା କରିଥିଲେ। ସଭାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ମୁନସୀ ପ୍ରେମଚନ୍ଦଙ୍କ ଜୀବନୀ ଓ ସାହିତ୍ୟିକ କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମଞ୍ଚାସୀନ ବରିଷ୍ଠ ଶିକ୍ଷୟିତ୍ରୀ ରୀତା ତ୍ରିପାଠୀ, ମନୀଷା ଷଡଙ୍ଗୀ, ସୋନାଲି ପଟ୍ଟନାୟକ, ଅମର କୁମାର ସାହୁ, ଶୁଭାଶିଷ ଭୋଇ, ଭାରତୀ ମହାନନ୍ଦ, ଜଗବନ୍ଧୁ ମେହେର, ବସନ୍ତ ସୁନା, ଉମେଶ ଚନ୍ଦ୍ର ବଡେଇ, ରାକେଶ ସାହୁ, ଡ଼ୋଲାମଣୀ ମେହେର, ଶ୍ରୀକାନ୍ତ ପଧାନ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ।

### ପ୍ରଜ୍ଞା ପରିମିତା ନାୟକଙ୍କୁ ପିଏଚ୍.ଡି (Ph.D) ଡିଗ୍ରୀ ହାସଲ



ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ପୂର୍ବତନ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ)ର ଅର୍ଥନୀତି ବିଭାଗର ଗବେଷିକା ପ୍ରଜ୍ଞା ପରିମିତା ନାୟକ ସମ୍ମାନଜନକ ଡକ୍ଟରେଟ୍ (P h . D . ) ଡିଗ୍ରୀ ଲାଭ କରିଛନ୍ତି। ସେ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ଡ଼ ମିନତୀ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ A N ANALYSIS OF GROWTH AND PERFORMANCE OF MICRO, SMALL AND MEDIUM ENTERPRISES IN ODISHA ବିଷୟରେ ଗବେଷଣା କରୁଥିଲେ। ତାଙ୍କ ଲିଖିତ ଗବେଷଣା ସନ୍ଦର୍ଭଟି ଆଇଆଇଟି ଖଡ଼ଗପୁରର ଅର୍ଥନୀତି ପ୍ରଫେସର ଡଃ ଜିତେନ୍ଦ୍ର ମହାକୁଡ଼ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ମୃତ୍ୟୁଞ୍ଜୟ ମିଶ୍ର, ସମେତ ବିଷୟ ବିଶେଷଜ୍ଞଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ୟୁଜିସି ନିୟମାବଳୀ ଅନୁଯାୟୀ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୧୨୫୦/ MSCBU/ PhD ତାରିଖ: ୨୦.୦୪.୨୦୨୬ ଅନୁସାରେ ତାଙ୍କୁ ଏହି ଡିଗ୍ରୀ ପାଇଁ ଯୋଗ୍ୟ ଘୋଷଣା କରାଯାଇଛି। ଆଗାମୀ ସମାବର୍ତ୍ତନ ଉତ୍ସବ (Convocation)ରେ ତାଙ୍କୁ ଆନୁଷ୍ଠାନିକ ଭାବେ ଏହି ଉପାଧି ପ୍ରଦାନ କରାଯିବ। ଡ଼ ପ୍ରଜ୍ଞା ପରିମିତା ନାୟକ, ତାଙ୍କ ଏହି ସଫଳତା ପାଇଁ ତାଙ୍କ ଗାଇଡ୍ ପ୍ରଫେସର ମିନତୀ ମଲ୍ଲିକ, ପଦାର୍ଥ ବିଜ୍ଞାନ ପ୍ରଫେସର ସୁସ୍ମିତା କର, ପ୍ରଫେସର କବିତା କୁମାରୀ ସାହୁ, ପ୍ରଫେସର ରବିନାରାୟଣ ପାତ୍ର, ଓ ବାରିପଦା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼ ତରୁଣ କୁମାର ଓଝାଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି। ପ୍ରଜ୍ଞା ପରିମିତା, କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଶାନ୍ତ ନାୟକ ଓ ପ୍ରଣତି ନାୟକଙ୍କ ଜ୍ୟେଷ୍ଠ ପୁତ୍ରୀ ଅଟନ୍ତି। ଏବଂ ଧନେଶ୍ୱର ମଲ୍ଲିକ୍ ଓ ଛବିଲତା ମଲ୍ଲିକଙ୍କ ଏକମାତ୍ର ପୁତ୍ର ବଧୂ ଅଟନ୍ତି। ସ୍ୱର୍ଗତଃ କାଳନ୍ଦୀ ଚରଣ ନାୟକ ଓ ଜଞ୍ଜାଳି ନାୟକଙ୍କ ନାତୁଣୀ ଅଟନ୍ତି। ଏ କାର୍ଯ୍ୟରେ ବିଶେଷ ଭାବରେ ତାଙ୍କୁ ସହଯୋଗ କରିଥିବାରୁ ଓ ଏନ୍ ଜି ସି, ମୁମ୍ବାଇରେ କାର୍ଯ୍ୟରତ ସ୍ୱାମୀ ସୌମ୍ୟ ରଞ୍ଜନ ମଲ୍ଲିକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ସହଯୋଗୀ କଳିଙ୍ଗ କଲେଜ ଅଫ କମର୍ସ ର ଅଧ୍ୟକ୍ଷ ରଜତ କୁମାର ମଲ୍ଲିକ ଓ ଡ. କାଶୀନାଥ ପତି ଏବଂ ପରିବାରବର୍ଗ ପ୍ରିୟଙ୍କା ନାୟକ, ପ୍ରାଚୀପ୍ରଭା ନାୟକ, ସଞ୍ଜୟ କୁମାର ଜେନା, ପ୍ରଭାତ କୁମାର ପହି, ପ୍ରମିଳା ପହି, ଶାଶ୍ୱତୀ ଶୁଭଦର୍ଶିନୀ ନାୟକ, ତଥା ଶୁଭାକାଂକ୍ଷୀ ସୁବ୍ରତ କୁମାର ଦାସ ଓ ଅନ୍ୟମାନଙ୍କ ସହଯୋଗ ଓ ପ୍ରେରଣାକୁ ଶ୍ରେୟ ଦେବା ସହ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତାଜ୍ଞାପନ କରିଛନ୍ତି।

## ନକଲି ଡାକ୍ତରଙ୍କ କ୍ଲିନିକ୍‌ରେ ପୁଣି ମିଳିତ ଚଢ଼ଉ

### ଚେତାବନୀ ଦେଇ ଛାଡିଦେଲା ସ୍ୱାସ୍ଥ୍ୟ ବିଭାଗ

ପାଟଣାଗଡ଼,୧।୮ (ସମିସ): ପାଟଣାଗଡ଼ ଉପଖଣ୍ଡ ବେଲପଡା ବ୍ଲକ ଅଧିନସ୍ଥ ସିହିନୀ ଗାଁରେ ବାପ-ପୁଅ ଯୋଡି ଏକ କ୍ଲିନିକ ଖୋଲି ନକଲି ଚିକିତ୍ସା କରୁଥିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ବଲାଙ୍ଗିରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ଶୁକ୍ରବାର "ସକାଳ'ରେ ଖବର ପ୍ରକାଶ ପରେ ବେଲପଡା ସ୍ୱାସ୍ଥ୍ୟ କେନ୍ଦ୍ରର ଡ. ସ୍ନେହାଶ୍ରୀ ମିଶ୍ର, ଫାର୍ମାସିଷ୍ଟ ତାପସ ବେହରା ଓ ଜଣେ ପୁଲିସ କର୍ମଚାରୀଙ୍କୁ ନେଇ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ପୁଅ ସତ୍ୟବାନ ବେହେରା ଉପସ୍ଥିତ ଥିଲେ। ତଦନ୍ତକାରି ଟିମ କେବଳ କିଛି ସାର୍ଟିଫିକେଟର ଫଟୋକପି ଆଣି ଫେରିଆସିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ବେଲପଡା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରବୀନ୍ଦ୍ର ମେହେରଙ୍କୁ ଏକ ସମ୍ପୂର୍ଣ୍ଣ ଟିମ୍ ନେଇ ଚଢ଼ଉ ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ଏଥିରେ ବ୍ୟତିକ୍ରମ ନେଇ ପୁଣି ଶନିବାର "ସକାଳ'ରେ ଖବର ପ୍ରକାଶ ପରେ ଶନିବାର ବେଲପଡା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀ ମେହେରଙ୍କ ନେତୃତ୍ୱରେ ବେଲପଡା ଥାନାଧିକାରୀ ଅନନ୍ତ ପଧାନ ଓ ବେଲପଡା ତହସିଲଦାରଙ୍କୁ ନେଇ ଏକ ମିଳିତ ଟିମ୍ ଚଢ଼ଉ କରି କେତୋଟି ସାର୍ଟିଫିକେଟ ଜବତ କରିବା ସହ ଉକ୍ତ ସେଗୁଡିକୁ ନେଇ ମୁଁ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ନିକଟକୁ ଯାଇ ଯାଞ୍ଚ କରିବା ପରେ ପଦକ୍ଷେପ ନିଆଯିବ ବୋଲି "ସକାଳ'କୁ କହିଛନ୍ତି ବେଲପଡା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀ ମେହେର। ମାତ୍ର ଚଢ଼ଉ ପରେ ସ୍ୱାସ୍ଥ୍ୟ ବିଭାଗ ଉକ୍ତ କ୍ଲିନିକ୍‌କୁ କାହିଁକି ସିଲ୍ କଲାନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।





# ଗଣେଶ ପୂଜାରେ 'ଦଣ୍ଡକାଳୀ'

ଗଣେଶ ପୂଜା ଅବସରରେ ପ୍ରେକ୍ଷାଳୟକୁ ଆସିବ ନୂଆ ଓଡ଼ିଆ ସିନେମା 'ଦଣ୍ଡକାଳୀ'। ରାଜଶ୍ରୀ ସିନେ କ୍ରାଫ୍ଟ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ରାଜଶ୍ରୀ ଘୋଷ। ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ରଚନା କରିଛନ୍ତି ଅଭିସିକ୍ତ ମିଶ୍ର। ସଂଳାପ ଓ ଚିତ୍ରନାଟ୍ୟରେ ଦିଲ୍ଲୀପ ଚୌଧୁରୀ ଥିବା ବେଳେ ସଂଗୀତରେ ଅଛନ୍ତି ପ୍ରେମ ଆନନ୍ଦ। ସିନେମାର ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ନିର୍ମଳ ନାୟକ। ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ ଓ ଦିବ୍ୟା ସାମଲ। ତେବେ ସିନେମାର ବିଭିନ୍ନ ଚରିତ୍ରରେ ନଜର ଆସିବେ ମହାଶ୍ୱେତା, ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଚିତ୍ରସେନ ଘୋଷ, ତୃପ୍ତି ମୀରାମ୍ବିକା, ଉଷସୀ ମିଶ୍ର, କ୍ରିଷ୍ଣା କର, ଏଲି ପାଢ଼ି, ଚୌଧୁରୀ ଜୟପ୍ରକାଶ, ପ୍ରୀତି ରଂଜନ ପ୍ରଧାନ, ମଧୁସୂଦନ ମିଶ୍ର, ଶ୍ରୀଧର ମହାନ୍ତ, ଅମର ମହାପାତ୍ର, ନିହାର ସାମଲ, ରଜନୀ ପ୍ରମୁଖ। ସେହିପରି ଶିଶୁ କଳାକାର ଭାବେ ହଂସରାଜ ଓ ଧ୍ରୁନଙ୍କୁ ଦେଖିବାକୁ ମିଳିବ। ଅନ୍ୟପଟେ ସିନେମାଟି ଗଞ୍ଜାମ ପ୍ରସିଦ୍ଧ ମା' ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଉପରେ ଆଧାରିତ। ■






# ଖୁବ୍‌ଶୀଘ୍ର 'ବିଗ୍‌ବସ୍ ସିଜନ୍-୨୦'

ଟେଲିଭିଜନର ଲୋକପ୍ରିୟ ତଥା ବିବାଦୀୟ ରିଆଲିଟି ଶୋ' ହେଉଛି 'ବିଗ୍‌ବସ୍'। ତେବେ 'ବିଗ୍‌ବସ୍ ସିଜନ୍-୨୦' ଖୁବ୍‌ଶୀଘ୍ର ଆସିବାକୁ ଯାଉଛି। ଏହାରି ଭିତରେ ଶୋ'ର ନୂଆ ଲୋଗୋ ବି ଜାରି କରାଯାଇଛି। 'ବିଗ୍‌ବସ୍ ସିଜନ୍-୧୯'ର ସଫଳତା ପରେ ପୁଣି ଥରେ ସଲମାନ ନୂଆ ସିଜନ୍‌କୁ ହୋଷ୍ଟ କରିବେ। ଏକଥା ସାମ୍ନାକୁ ଆସିବା ପରେ ସଲମାନଙ୍କ ପ୍ରଶଂସକ ଉତ୍ସାହିତ ହୋଇ ପଡ଼ିଛନ୍ତି। ହିନ୍ଦୀ ବ୍ୟତୀତ ଏହି ଶୋ' ତାମିଲ, ତେଲୁଗୁ, ମରାଠି, ବଙ୍ଗଳା, ମଲାୟଲମ, କନ୍ନଡ଼ ଭଳି ୬ଟି ଭାଷାରେ ପ୍ରସାରିତ ହେବ। କୁହାଯାଉଛି ସେପ୍ଟେମ୍ବର ମାସରେ ବିଗ୍‌ବସ୍ ସିଜନ୍-୨୦ ଆରମ୍ଭ ହୋଇପାରେ। ■

# ମଣିରତ୍ନମ୍‌ଙ୍କ ସିନେମାରେ ସାଇ ପଲ୍ଲବୀ

ଲୋକପ୍ରିୟ ଅଭିନେତ୍ରୀ ସାଇ ପଲ୍ଲବୀଙ୍କ ଅଭିନୀତ 'ରାମାୟଣ' ସିନେମା ଏବେ ମୁକ୍ତିଲାଭ ଅପେକ୍ଷାରେ ଅଛି। ଏହାରି ଭିତରେ ଆଉ ଏକ ନୂଆ ସିନେମାରେ ସାଇ ପଲ୍ଲବୀ ନଜର ଆସିବା ଚର୍ଚ୍ଚା ହେଉଛି। ମଣିରତ୍ନମ୍‌ଙ୍କ ନୂଆ ସିନେମାରେ ତାଙ୍କୁ ଦେଖିବାକୁ ମିଳିବ। ଅବଶ୍ୟ ସିନେମାର ଶୀର୍ଷକ ସ୍ଥିର ହୋଇ ନାହିଁ। ତେବେ ଏହି ସିନେମାରେ ସାଇ ପଲ୍ଲବୀଙ୍କ ସହିତ ମୁଖ୍ୟ ଚରିତ୍ରରେ ବିଜୟ ସେତୁପତି ନଜର ଆସିବେ। ନିକଟରେ ଅଭିନେତା ସାମାଜିକ ଗଣମାଧ୍ୟମରେ କୋଲକାତା ଯାତ୍ରାର ଭିଡିଓ ସେୟାର୍ କରାଯାଇଥିଲା। ସେହିପରି ଦୁହେଁ ସିନେମାର ସୁଟିଂ ଆରମ୍ଭ କରିଥିବା କୁହାଯାଉଛି। ■



# ଟେଲିଭିଜନ୍ ପ୍ରିମିୟର 'ଡଟ୍‌ପେନ୍'

ଜୀ ସାର୍ଥକରେ ପ୍ରଥମ ଥର ପାଇଁ ଅଗଷ୍ଟ ୯ ତାରିଖ ସନ୍ଧ୍ୟା ୬ଟା ୩୦ରେ ସୁପରହିଟ ଓଡ଼ିଆ ଚଳଚ୍ଚିତ୍ର 'ଡଟ୍‌ପେନ୍'ର ଟେଲିଭିଜନ ପ୍ରିମିୟର ହେବ। ଚଳଚ୍ଚିତ୍ରଟି ସମାଜ ଓ ମାନବୀୟ ସମ୍ପର୍କର ଏକ ଜୀବନ୍ତ ଦର୍ପଣ। ଏହା କେବଳ ଏକ ସାଧାରଣ କାହାଣୀ ନୁହେଁ, ଏହି କାହାଣୀ ଭଲପାଇବାରୁ ଆରମ୍ଭ ହୋଇ ପ୍ରତିଶୋଧରେ ହୁଏ ଶେଷ...ଏ କେମିତିକା ପ୍ରେମ? ଏହି ଚଳଚ୍ଚିତ୍ରର ମୂଳ କାହାଣୀ ବାଦଲ ତ୍ରିପାଠୀ (ଜ୍ୟୋତି ରଞ୍ଜନ ନାୟକ) ଏବଂ ତାଙ୍କର ଅତି ଗେହ୍ଲା ଭଉଣୀ ମିତା (ଦିବ୍ୟା)ଙ୍କ ପାରିବାରିକ ସମ୍ପର୍କ ଉପରେ ଆଧାରିତ। ବାଦଲର ସମଗ୍ର ଦୁନିଆ ତା'ର ଭଉଣୀକୁ କେନ୍ଦ୍ର କରି ଗଢ଼ି ଉଠିଛି। କିନ୍ତୁ ହଠାତ୍ ଏକ ଅପ୍ରତ୍ୟାଶିତ ଦୁର୍ଘଟଣା ସେମାନଙ୍କ ଖୁସିର ସଂସାରକୁ ଉଜାଡ଼ି ଦିଏ। ଏହି ଭୟଙ୍କର ଆଘାତ ବାଦଲକୁ ଏକ ନୂଆ ରାସ୍ତା ବାଛିବାକୁ ବାଧ୍ୟ କରେ। ଯାହା ହେଉଛି ନ୍ୟାୟ ଏବଂ ପ୍ରତିଶୋଧର ରାସ୍ତା। ତା'ର ଏହି ସଂଘର୍ଷମୟ ଯାତ୍ରାରେ ଜଗୁ (ରୋହନ ଗର୍ଗ), ଯିଏ କି ମିତାର ସ୍ୱାମୀ ଓ ବାଦଲର ଭାଗ୍ୟକୁ ଏକ ନୂଆ ମୋଡ଼ ଦେଇଥାଏ। ଏଥିସହ ମୀରା (ପ୍ରୀତି ବିଶ୍ୱାଳ), ସନ୍ତୁ (ସନ୍ତୁ ନିଜେ), ମାମୁ (ଶକ୍ତି ବରାଳ) ଏବଂ ଜଗୁଙ୍କ ମା' (ପ୍ରିୟମ୍ବଦା ଅପା)ଙ୍କ ପରି ଚରିତ୍ରମାନେ ଏହି କାହାଣୀକୁ ଆହୁରି ମଜବୁତ ଓ ଜୀବନ୍ତ କରିଛନ୍ତି। ଫିଲ୍ମ ର ନାଁ 'ଡଟ୍‌ପେନ୍'? ଏହି ପେନ୍‌ର ଗୁରୁତ୍ୱ କ'ଣ, ତାହା ହିଁ ଚଳଚ୍ଚିତ୍ରର ମୁଖ୍ୟ ସସପେନ୍ସ। ଆଗରୁ ଆକ୍ସନ, ଇମୋସନ ଏବଂ ପାରିବାରିକ ମୂଲ୍ୟବୋଧର ଏହି ସୁନ୍ଦର ମିଶ୍ରଣ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସଫଳ ହୋଇଥିଲା ସିନେମା ହଲ୍‌ରେ। ଯେଉଁମାନେ ସିନେମା ହଲ୍‌ରେ ଏହି ଶ୍ରେଷ୍ଠ ଚଳଚ୍ଚିତ୍ରଟିକୁ ଦେଖିବାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କ ପାଇଁ ଜୀ ସାର୍ଥକ ଏହି ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି। ■



ପରଦା ପଛର କାହାଣୀ

# ଗୀତ ପାଇଁ ଅନିଦ୍ରା ଅଭିନେତ୍ରୀ

ଅଶି ଦଶକର ଲୋକପ୍ରିୟ ଅଭିନେତ୍ରୀ ଭାବେ ଜୟପ୍ରଦା ବେଶ୍ ପରିଚିତ। କୋମଳତା, ଚମତ୍କାର ଅଭିନୟ ଏବଂ ନୃତ୍ୟଶୈଳୀରେ ସେ କୋଟି କୋଟି ଦର୍ଶକଙ୍କ ମନ ଜିଣିଥିଲେ। ସରଗମ୍, ସରାଫି, ତୋଫାହ ଏବଂ ମକ୍‌ସଦ୍ ଭଳି ତାଙ୍କ ଅଭିନୀତ ଚରିତ୍ରଗୁଡ଼ିକକୁ ଦର୍ଶକେ ଖୁବ୍ ପ୍ରଶଂସା କରିଥିଲେ। ହେଲେ ୪୨ ବର୍ଷ ପୂର୍ବେ ତାଙ୍କର ଏକ ଗୀତ ଥିଲା। ଯାହା ସୁଟିଂ ପୂର୍ବରୁ ସେ ଚିନ୍ତାଗ୍ରସ୍ତ ହୋଇ ଅନିଦ୍ରା ଥିଲେ। ୧୯୮୪ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ ଶରାବୀରେ 'ଦେ ଦେ ପ୍ୟାର୍ ଦେ' ଗୀତ ସୁଟିଂ ପୂର୍ବ ଦିନ ଜୟପ୍ରଦା ଅନିଦ୍ରା ରହିଥିଲେ। ଏହି ଗୀତରେ ଅମିତାଭ ବଚ୍ଚନ ଏବଂ ଜୟପ୍ରଦା ଦେଖାଯାଇଥିଲେ। ନିକଟରେ ଜୟପ୍ରଦା ଏହି ଗୀତ ସୁଟିଂ ସହ ଜଡ଼ିତ ରୋଚକୀୟ କାହାଣୀ ପ୍ରକାଶ କରିଛନ୍ତି। ଏହି ଗୀତ ସୁଟିଂର ଦିନକ ପୂର୍ବରୁ ନିର୍ଦ୍ଦେଶକ ପ୍ରକାଶ ମେହରା ତାଙ୍କୁ କଷ୍ଟ୍ୟୁମ୍ ପିନ୍ଧିବାକୁ ନେଇ ଡିମାଣ୍ଡ କରିଥିଲେ ଯେଉଁଥି ପାଇଁ ସେ ଅନିଦ୍ରା ରହିଥିଲେ। ନିର୍ଦ୍ଦେଶକ ତାଙ୍କୁ ଏହି ଗୀତରେ ସମ୍ପୂର୍ଣ୍ଣ ଆଧୁନିକ ପୋଷାକ ପିନ୍ଧିବା ସହ ଆକର୍ଷଣୀୟ ଦେଖାଯିବାକୁ କହିଥିଲେ। କାରଣ ଏହି ଗୀତଟି ହିଁ ଫିଲ୍ମର ଆତ୍ମା ଥିଲା। ଏହା ଶୁଣି ଜୟପ୍ରଦା ଚକିତ ହୋଇଥିଲେ। ଅଶି ଦଶକରେ ଦର୍ଶକଙ୍କ ସମ୍ମୁଖରେ ସେ ଶାଢ଼ି ଏବଂ ପାରମ୍ପରିକ ପୋଷାକ ପରିଧାନ କରୁଥିବା ଅଭିନେତ୍ରୀ ଭାବେ ପରିଚିତ ଥିଲେ। ଏପରିସ୍ଥଳେ ସିଧାସଳଖ ଆଧୁନିକ ଏବଂ ଆକର୍ଷଣୀୟ ମେକ୍‌ଅପ୍ ନେବା ତାଙ୍କ ପାଇଁ ସହଜ ନ ଥିଲା। ନିର୍ଦ୍ଦେଶକଙ୍କଠୁ ଶୁଣିବା ପରେ ଦର୍ଶକ ତାଙ୍କୁ ଏ ରୂପରେ ଗ୍ରହଣ କରିବେ କି ନାହିଁ ସେ ରାତିସାରା ଏହା ଭାଳି ହେଉଥିଲେ। ଏଥିସହ ଆଧୁନିକ ଆଉଟ୍‌ଫିଟ୍ ତାଙ୍କୁ ମାନିବ କି ନାହିଁ ସେ ନେଇ ମଧ୍ୟ ଖୁବ୍ ଚିନ୍ତାଗ୍ରସ୍ତ ଥିଲେ। ଗୀତ ଏବଂ ମ୍ୟୁଜିକ୍ ଏନର୍ଜେଟିକ୍ ଥିବାବେଳେ, ତାଙ୍କ ସାମ୍ନାରେ ଅମିତାଭ ବଚ୍ଚନଙ୍କ ଭଳି ସୁପରଷ୍ଟାର୍ ଥିଲେ। ତେଣୁ ତାଙ୍କ ଆଗରେ ଭଲ ପ୍ରଦର୍ଶନକୁ ନେଇ ତାଙ୍କ ଉପରେ ଚାପ ଥିଲା। ତେଣୁ ସେ ସୁଟିଂ ପୂର୍ବରାତିରେ ଶୋଇପାରି ନ ଥିଲେ। ■



ସାକ୍ଷାତକାର



# 'ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା'

**ରୋହନ ଗର୍ଗ, ଅଭିନେତା**

ପିଲାଦିନରୁ ଅଭିନେତା ହେବାକୁ ସେ ସ୍ୱପ୍ନ ଦେଖିଥିଲେ। ନିଜ ସ୍ୱପ୍ନ ପୂରା କରିବାକୁ ସେ ଆକ୍ଟିଂ ସ୍କୁଲରେ ନାଁ ଲେଖାଇଲେ। ଅଡିସନ୍ ମାଧ୍ୟମରେ ନିଜ ଭାଗ୍ୟ ପରୀକ୍ଷା କରି ଓଲିଉଡ୍‌ରେ ପାଦ ଥାପିଲେ ବଲାଙ୍ଗିରର ରୋହନ ଗର୍ଗ। 'ଡଟ୍‌ପେନ୍' ତାଙ୍କର ଡେବ୍ୟୁ ସିନେମା। ଏଥିରେ ସେ ଏକ ସାଇକୋ ଚରିତ୍ରରେ ଅଭିନୟ କରିଛନ୍ତି। ସେ କେବଳ ଜଣେ ଅଭିନେତା ନୁହଁନ୍ତି, ତାଙ୍କର ନିଜସ୍ୱ ବ୍ୟବସାୟ ରହିଛି। ତେବେ ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ରୋହନଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।

**ଓଲିଉଡ୍‌କୁ ଯାତ୍ରା କିପରି ଥିଲା?**

● ପିଲାଦିନରୁ ଅଭିନେତା ହେବାକୁ ମୋର ଇଚ୍ଛା ଥିଲା। ତେଣୁ ପଢ଼ା ସାରିବା ପରେ ମୁଁ ମୁମ୍ବାଇର ଏକ ଆକ୍ଟିଂ ସ୍କୁଲରେ ନାଁ ଲେଖାଇଥିଲି। ଶିକ୍ଷାନୁଷ୍ଠାନରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରିଛି। ସେହି ଅଭିଜ୍ଞତାକୁ ନେଇ ଫିଲ୍ମ ଲାଇନ୍‌କୁ ଆସିବାକୁ ମନ ବଳାଇଥିଲି। ଏଥିପାଇଁ ବିଭିନ୍ନ ସ୍ଥାନରେ ଅଡିସନ୍ ଦେଇଥିଲି। ତେବେ ଅଡିସନ୍‌ରେ ମୋର ଅଭିନୟ ଦେଖି ଅଶ୍ୱିନୀ ସାର୍ ମୋତେ 'ଡଟ୍‌ପେନ୍' ସିନେମାରେ କାମ କରିବାକୁ ସୁଯୋଗ ଦେଇଥିଲେ। 'ଡଟ୍‌ପେନ୍' ମୋର ଡେବ୍ୟୁ ସିନେମା। ଏଥିରେ ମୁଁ ଏକ ସାଇକୋ ଚରିତ୍ରରେ ଅଭିନୟ କରିଛି। ଏହାବାଦ୍ ମୋ ଅଭିନୀତ ଆଉ କିଛି ପ୍ରୋଜେକ୍ଟ ପୋଷ୍ଟ ପ୍ରଡକ୍ସନରେ ଅଛି। ଆଶା କରୁଛି ଖୁବ୍ ଶୀଘ୍ର ଏହା ମଧ୍ୟ ରିଲିଜ୍ ହୋଇଯିବ।

**'ଡଟ୍‌ପେନ୍' ସିନେମାକୁ ଦର୍ଶକଙ୍କ ଭଲପାଇବା ମିଳିଛି?**

● ଏହା ଏକ ସାଧାରଣ କାହାଣୀ ନୁହେଁ, ଏହି କାହାଣୀ ଭଲପାଇବାରୁ ଆରମ୍ଭ ହୋଇ ପ୍ରତିଶୋଧରେ ଶେଷ ହୁଏ। ଫିଲ୍ମରେ ପେନ୍‌ର ଗୁରୁତ୍ୱ କ'ଣ ତାହା ହିଁ ଚଳଚ୍ଚିତ୍ରର ମୁଖ୍ୟ ସସ୍‌ପେନ୍ସ। ଏଥିରେ ଆକ୍ସନ, ଇମୋସନ ଏବଂ ପାରିବାରିକ ମୂଲ୍ୟବୋଧର ସୁନ୍ଦର ମିଶ୍ରଣ ରହିଛି। ସିନେମାର ପ୍ରତିଟି ସିନ୍‌କୁ ନେଇ ଦର୍ଶକ ଯାହା କଳ୍ପନା କରୁଥିଲେ ସିନେମାରେ ତା'ର ଓଲଟା ଦୃଶ୍ୟ ଦେଖିବାକୁ ମିଳୁଥିଲା। ତେବେ ଥିଏଟରରେ ସିନେମା ଦେଖି ଦର୍ଶକ ଅଜସ୍ର ଭଲପାଇବା ଦେଇଥିଲେ। ଖୁବ୍‌ଶୀଘ୍ର ଟିଭି ପରଦାରେ ଦର୍ଶକ ଏହି ସିନେମା ଦେଖିବାକୁ ସୁଯୋଗ ପାଇବେ।

**ଅଭିନୟକୁ ଜୀବନ୍ତ କରିବାକୁ କେଉଁ କଥାକୁ ଗୁରୁତ୍ୱ ଦିଅନ୍ତି?**

● ପ୍ରତିଦିନ ଅଭିନୟ ଅଭ୍ୟାସ କରିବା, ନିଜ ବ୍ୟକ୍ତିଗତ ଜୀବନରେ ପରିବର୍ତ୍ତନ ଆଣି ଚରିତ୍ରକୁ ସୁହାଇଲା ପରି ଅଭିନୟ କରିବା ଆଦି ଦିଗକୁ ଧ୍ୟାନ ଦେଲେ ଅଭିନୟ ଜୀବନ୍ତ ହୁଏ।

**ସୁଟିଂ ସେଟ୍‌ର ସ୍ମରଣୀୟ ମୁହୂର୍ତ୍ତ?**

● ପ୍ରତ୍ୟେକ ସେଟ୍ ମୋତେ କିଛି ନୂଆ ନୂଆ କଥା ଶିଖାଇଛି। ହେଲେ ମୋ ଅନୁଭୂତିରୁ ଗୋଟେ କଥା କହିବି ଯେ 'ଡଟ୍‌ପେନ୍' ସିନେମା ସୁଟିଂ ପାଇଁ ପୂରା ଟିମ୍ ଢେଙ୍କାନାଳ ଏବଂ କାମାକ୍ଷାନଗରରେ ପ୍ରାୟ ୨୫ ଦିନ ରହିଥିଲୁ। ସେଠାକାର ଗାଁ ଲୋକଙ୍କ ସହିତ ମିଶିବା, ଖାଇବା, ବୁଲିବା, ଶୋଇବା, ସେମାନଙ୍କ ପରି ଚଳିବା ତଥା ସେମାନଙ୍କ ଜୀବନଶୈଳୀକୁ ଆଦରି ନେବା ମୋ ପାଇଁ ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

● ମୋ' ପରିବାର ସହିତ ବିଦେଶ ଭ୍ରମଣ କରିଥିଲି।

**ରୋହନଙ୍କ ଫିଟ୍‌ର ରାଜ୍?**

● ପ୍ରତିଦିନ ଜିମ୍ ଯାଏ। ସନ୍ତୁଳିତ ତଥା ଘରତିଆରି ଖାଦ୍ୟପେୟକୁ ଅଧିକ ଗୁରୁତ୍ୱ ଦିଏ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ଲାଗେ?**

● ସାଙ୍ଗସାଥିଙ୍କ ସହ ବୁଲିବାକୁ ପସନ୍ଦ କରେ।

**ସୁଟିଂ ନଥିଲେ କ'ଣ କରନ୍ତି?**

● ମୋର ନିଜସ୍ୱ ବ୍ୟବସାୟ ରହିଛି। ଯେତେବେଳେ ଅଭିନୟ କରିବାକୁ ସୁଯୋଗ ମିଳେ, ସେତେବେଳେ ଅଭିନୟକୁ ଗୁରୁତ୍ୱ ଦିଏ। ଏହାସହିତ ବ୍ୟବସାୟକୁ ବି ସମୟ ଦେବାକୁ ପଡ଼ିଥାଏ।

**ଡ୍ରିମ୍ ରୋଲ?**

● ମୋତେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ଅଛି।

**ଅଭିନୟରେ ରୁଚି ରଖିଥିବା ଯୁବକଯୁବତୀଙ୍କୁ କ'ଣ କହିବେ?**

● ଫିଲ୍ମ ହେଉ କି ଧାରାବାହିକ, ଅଭିନୟ କରିବାକୁ ଆସିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରନ୍ତୁ। ଏଥିପାଇଁ ପରିଶ୍ରମ କରନ୍ତୁ। କଳାକାର ହେବାକୁ ଅନେକ ପ୍ଲାଟଫର୍ମ ରହିଛି। ଯେଉଁଠି ଅଡିସନ୍ ଦିଆଯାଉଛି ସେଠାକୁ ଯିବା ଆବଶ୍ୟକ। ସୁବିଧା ନଥିଲେ ଭିଡିଓ ମାଧ୍ୟମରେ ଅଡିସନ୍ ଦେଇ ପାରିବେ। ସବୁବେଳେ ନୂଆ ନୂଆ କଥା ଜାଣିବାକୁ ଆଗ୍ରହ ରଖିବା ସହ ଜୀବନ୍ତ ଅଭିନୟ କରିବାକୁ ଗୁରୁତ୍ୱ ଦେଲେ, ଅଭିନୟ ଭଲ ହୋଇଥାଏ। ■

# ବକ୍ସିଂରେ ପ୍ରୀତି, ଯସ୍ମିନ୍, ପ୍ରିୟା, ଅରୁନ୍ଧତୀଙ୍କୁ ସ୍ୱର୍ଣ୍ଣ



ପ୍ରୀତି ପାୱାର



ଯସ୍ମିନ୍ ଲାମ୍ବୋରିଆ

ଗ୍ଲାସ୍‌ଗୋ,୧।୮ (ଏଜେନ୍ସି):

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ବକ୍ସରମାନେ ଐତିହାସିକ ପ୍ରଦର୍ଶନ କରିଛନ୍ତି। ଏଠାରେ ୧୦ଟି କାଟେଗୋରୀରେ ବକ୍ସିଂ ପ୍ରତିଯୋଗିତା ଆୟୋଜିତ ହେଉଥିଲାବେଳେ ଭାରତ ସମସ୍ତ ୧୦ଟି ଯାକ କାଟେଗୋରୀରେ ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛନ୍ତି। ଏହା ମଧ୍ୟରୁ ଶନିବାର ଅନୁଷ୍ଠିତ ଫାଇନାଲ ମଧ୍ୟରୁ ପ୍ରୀତି ପାୱାର, ଯସ୍ମିନ୍ ଲାମ୍ବୋରିଆ, ପ୍ରିୟା ଘାଙ୍ଗାସ ଓ ଅରୁନ୍ଧତୀ ଚୌଧୁରୀ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଅନ୍ୟ ଏକ ଫାଇନାଲରେ ଯଦୁମଣି ସିଂ ପରାଜିତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ଶନିବାର ଅନୁଷ୍ଠିତ ପୁରୁଷ ଟ୍ରିପଲ ଜମ୍ପ୍ ଫାଇନାଲରେ ପ୍ରବୀଣ ଚିତ୍ରାଭେଲ ରୌପ୍ୟ ଓ ସେଲଭା ପ୍ରଭୁ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଗତକାଲି ବିଳମ୍ବିତ ରାତିରେ ଅନୁଷ୍ଠିତ ପୁରୁଷ ଜାଭେଲିନ୍ ଥ୍ରୋ'ରେ ନୀରଜ ଚୋପ୍ରା ଓ ଯଶବୀର ସିଂ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ଡେକାଥଲନ୍‌ରେ ତେଜସ୍ୱିନ୍ ଶଙ୍କର ପ୍ରଥମ ଭାରତୀୟ ଭାବେ କାଂସ୍ୟ ପଦକ ଜିତିଥିଲେ। ଫଳରେ ଚଳିତ ଆଥଲେଟିକ୍ସରେ ଭାରତକୁ ସ୍ୱର୍ଣ୍ଣ ପଦକ ମିଳି ନାହିଁ। ଅନ୍ୟ ପକ୍ଷରେ ପାରା ଆଥ୍‌ଲେଟିକ୍ସରେ ଆଜି ଖେଳାଯାଇଥିବା ପୁରୁଷ ଏଫ୍ ୫୭ ସଟ୍‌ପୁଟ୍‌ରେ ସୋମନ ରାଣା ଓ ଶୁଭମ ଜୁୟାଲ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଫଳରେ ଭାରତର ପଦକ ସଂଖ୍ୟା ୩୫ରେ ପହଞ୍ଚିଛି। ଏହା ମଧ୍ୟରେ ୧୧ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୮ଟି କାଂସ୍ୟ ପଦକ ରହିଛି।

## ବକ୍ସିଂରେ ସ୍ୱର୍ଣ୍ଣ ପଦକ ବର୍ଷା

ରାଜ୍ୟଗୋଷ୍ଠୀ କ୍ରୀଡ଼ା

ବକ୍ସିଂରେ ରେକର୍ଡ ୧୦ଟି କାଟେଗୋରୀର ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ପ୍ରତିଯୋଗୀମାନେ ଡବଲ ସ୍ୱର୍ଣ୍ଣରୁ ପଦକ ଅଭିଯାନ ଆରମ୍ଭ କରିଥିଲେ। ଶନିବାର ଅପରାହ୍ଣରେ ପ୍ରଥମେ ଅନୁଷ୍ଠିତ ମହିଳା ୫୪ କେଜି ଫାଇନାଲରେ ପ୍ରୀତି ପାୱାର ୫-୦ରେ କାନାଡାର ସ୍କାର୍ଲେଟ ଡେଲଗାଡୋଙ୍କୁ ପରାସ୍ତ କରି ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ଏହାପରେ ୫୭ କେଜି ଫାଇନାଲ୍‌ରେ ବିଶ୍ୱ ଚାମ୍ପିଅନ ଯସ୍ମିନ ଲାମ୍ବୋରିଆ ୫-୦ରେ ନର୍ଦର୍ଣ୍ଣ ଆୟର୍ଲାଣ୍ଡର ମିକାଏଲା ୱାଲ୍‌ଶଙ୍କୁ, ୭୦ କେଜିରେ ଅରୁନ୍ଧତୀ ଚୌଧୁରୀ ଇଂଲଣ୍ଡର ଚାଂଟେଲୀ ରିଡ୍‌ଙ୍କୁ ଓ ୬୦ କେଜିରେ ପ୍ରିୟା ଘାଙ୍ଗାସ୍ କାନାଡାର ବାଥାଉଲ ଅଲ ଅହମଦିଆଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ପୁରୁଷ ବିଭାଗର ୫୫ କେଜି କାଟେଗୋରୀରେ ଅଷ୍ଟ୍ରେଲିଆର ଜାଇ ଡିକ୍ସନଙ୍କଠାରୁ ୫-୦ରେ ପରାଜିତ ହୋଇ ଯଦୁମଣି ରୌପ୍ୟ ପଦକ ପାଇଥିଲେ। ଖେଳାଯିବାକୁ ଥିବା ଆଉ ୭ଟି ବିଭାଗ ଫାଇନାଲ ମଧ୍ୟରୁ ମହିଳା ୫୧ କେଜିରେ ସାକ୍ଷୀ ଚୌଧୁରୀ-ଇଂଲଣ୍ଡର ରୁବି ହ୍ୱାଇଟ୍, ୭୫ କେଜିରେ ଲଭଲିନା ବୋରୋଗୋହାଁଇ-ଅଷ୍ଟ୍ରେଲିଆର ଏମା-ସ୍ୟୁ ଗ୍ରୀନ୍‌ଟ୍ରିଙ୍କ ମୁକାବିଲା ହେବ। ସେହିପରି ପୁରୁଷ ବିଭାଗ ୬୦ କେଜିରେ ସଚିନ ସିୱାଚ୍-ନାମିବ୍ୟାର ଟ୍ରାୟାଗେନ୍ ମର୍ଣ୍ଣିଂ ଏନ୍‌ଡିଭେଲୋ, ୮୦ କେଜିରେ ଅଙ୍କୁଶ ପାଙ୍ଘଲ-ଇଂଲଣ୍ଡର ଦିମେଜି ସିଙ୍ଗୁ ଓ ୯୦ରୁ ଊର୍ଦ୍ଧ୍ୱ କେଜିରେ ନରେନ୍ଦର ବନୱାଲ-ଇଂଲଣ୍ଡର ଦାମର ଥୋମାସଙ୍କ ସହ ମୁକାବିଲା ହେବ।

**ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା**

| ର୍‍ୟାଙ୍କ | ଦେଶ | ସ୍ୱର୍ଣ୍ଣ | ରୌପ୍ୟ | କାଂସ୍ୟ | ମୋଟ୍ |
|---|---|---|---|---|---|
| ୧ | ଅଷ୍ଟ୍ରେଲିଆ | ୬୨ | ୩୫ | ୪୭ | ୧୪୪ |
| ୨ | ଇଂଲଣ୍ଡ | ୨୨ | ୩୭ | ୩୧ | ୯୦ |
| ୩ | କାନାଡା | ୧୮ | ୧୮ | ୨୧ | ୫୭ |
| ୪ | ଭାରତ | ୧୧ | ୧୬ | ୮ | ୩୫ |
| ୫ | ସ୍କଟଲାଣ୍ଡ | ୧୦ | ୮ | ୧୬ | ୩୪ |
| ୬ | ନାଇଜେରିଆ | ୧୦ | ୬ | ୪ | ୨୦ |
| ୭ | ନ୍ୟୁଜିଲାଣ୍ଡ | ୯ | ୧୦ | ୮ | ୨୭ |
| ୮ | ୱେଲ୍ସ | ୮ | ୧୦ | ୧୨ | ୩୦ |
| ୯ | ଜାମାଇକା | ୮ | ୩ | ୫ | ୧୬ |
| ୧୦ | ଦ.ଆଫ୍ରିକା | ୭ | ୯ | ୯ | ୨୫ |

ବି.ଦ୍ର.: ପଦକ ତାଲିକାର ପ୍ରଥମ ୧୦ଟି ସ୍ଥାନରେ ରହିଥିବା ଦେଶ।

## ଟ୍ରିପଲ ଜମ୍ପ୍‌ରେ ଡବଲ୍ ପଦକ

ଶନିବାର ଅନୁଷ୍ଠିତ ପୁରୁଷ ଟ୍ରିପଲ ଜମ୍ପରେ ଭାରତ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛି। ଏଥିରେ ପ୍ରବୀଣ ଚିତ୍ରାଭେଲ ୧୬.୫୮ ମିଟର ଦୂରତାକୁ ଡେଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟ ଏବଂ ସେଲଭା ପ୍ରଭୁ ୧୬.୫୨ ମିଟରକୁ ଡେଇଁ କାଂସ୍ୟ ପଦକ ହାସଲ କରିଥିଲେ। ୧୬.୭୨ ମିଟରକୁ ଡେଇଁଥିବା ଜାମାଇକାର ଜୋର୍ଡାନ ସ୍କଟଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ମହିଳା ୧୦,୦୦୦ ମିଟର ରେସ୍ ୱାକ୍‌ରେ ପ୍ରିୟଙ୍କା ଗୋସ୍ୱାମୀ ଚତୁର୍ଥ ସ୍ଥାନ ଅଧିକାର କରି ନିରାଶ କରିଥିଲେ।

## ପୁରୁଷ ଡେକାଥଲନରେ ପ୍ରଥମ ପଦକ

ପୁରୁଷ ଡେକାଥଲନରେ ଭାରତର ତେଜସ୍ୱୀ ଶଙ୍କର ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି। ୧୦ଟି ଖେଳକୁ ନେଇ ଆୟୋଜିତ ହେଉଥିବା ଏହି ଇଭେଣ୍ଟରେ ସେ ୭୯୭୬ ପଏଣ୍ଟ ହାସଲ କରି ଏହି ସଫଳତା ପାଇଥିଲେ। ଡେକାଥଲନରେ ଜଣେ ଭାରତୀୟଙ୍କ ଲାଗି ଏହା ପ୍ରଥମ ପଦକ ହୋଇଥିଲା। ଏହାସହ ସେ ମଧ୍ୟ ପ୍ରଥମ ଆଥଲେଟ ଭାବେ ଦୁଇଟି ଭିନ୍ନ ଭିନ୍ନ ଇଭେଣ୍ଟରେ ପଦକ ଜିତିବାର ରେକର୍ଡ କରିଛନ୍ତି। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ପୁରୁଷ ହାଇ ଜମ୍ପରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

## ପାରା ସଟ୍‌ପୁଟରେ ସୋନମଙ୍କୁ ସ୍ୱର୍ଣ୍ଣ, ଶୁଭମଙ୍କୁ ରୌପ୍ୟ



ଶନିବାର ଅନୁଷ୍ଠିତ ପାରା ଆଥଲେଟିକ୍‌ସ ପୁରୁଷ ସଟପୁଟ୍ ଏଫ୍୫୭ କାଟେଗୋରୀରେ ଭାରତକୁ ଐତିହାସିକ ସଫଳତା ମିଳିଛି। ଏଥିରେ ଭାଗ ନେଇଥିବା ଭାରତର ଦୁଇ ପ୍ରତିଯୋଗୀଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ମିଳିଛି। ସୋନମ ରଣା ୧୩.୪୦ ମିଟର ଦୂରତାକୁ ସଟ୍‌ପୁଟ ଫିଙ୍ଗି ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ତାଙ୍କ ପଛକୁ ଶୁଭମ ଜୁୟାଲ ୧୩.୨୮ ମିଟର ଦୂରତାକୁ ସଟ୍‌ପୁଟ ଫିଙ୍ଗି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହା ତୃତୀୟ ଇଭେଣ୍ଟ ଯେଉଁଥିରେ ଭାରତୀୟମାନେ ୨ଟି ଲେଖାଏଁ ପଦକ ଜିତିବାରେ ସଫଳ ହୋଇଥିଲେ। ଅନ୍ୟ ଦୁଇଟି ହେଲା ଏଫ୍୫୭ ମହିଳା ସଟ୍‌ପୁଟ ଓ ଟି୪୭ ପୁରୁଷ ୧୦୦ ମିଟର ଦୌଡ଼। ଏହି ପଦକ ଜିତିବା ସହ ପାରାଆଥଲେଟିକ୍ସରେ ଭାରତର ଅଭିଯାନ ଶେଷ ହୋଇଛି। ଭାରତ ମୋଟ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ କାଂସ୍ୟ ସହ ମୋଟ ୭ଟି ପଦକ ଜିତି ସର୍ବଶ୍ରେଷ୍ଠ ସଫଳତା ହାସଲ କରିଛି। ପୂର୍ବରୁ ଏହି ପ୍ରତିଯୋଗିତାର ୨୦ ବର୍ଷ ପରେ ଭାରତ ପାରା ଆଥଲେଟିକ୍ସରେ ପ୍ରଥମଥର ପଦକ ଜିତିବାରେ ସଫଳ ହୋଇଥିଲା।

## ନୀରଜ ରୌପ୍ୟରେ ସନ୍ତୁଷ୍ଟ, ଯଶବୀରଙ୍କୁ କାଂସ୍ୟ

ଗତକାଲି ରାତିରେ ଅନୁଷ୍ଠିତ ପୁରୁଷ ଜାଭେଲିନ୍ ଥ୍ରୋରେ ଭାରତର କିଂବଦନ୍ତୀ ଆଥଲେଟ ନୀରଜ ଚୋପ୍ରା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ଇଭେଣ୍ଟରେ ନୀରଜ ୮୫.୮୩ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦ୍ୱିତୀୟ ଆଟେମ୍ପଟରେ ନୀରଜଙ୍କୁ ଏହି ସଫଳତା ମିଳିଥିଲା। ଏହାପରେ ସେ ଆଉ ୪ଥର ଥ୍ରୋ କରିଥିଲେ ମଧ୍ୟ ଅଧିକ ଦୂରତାକୁ ଅତିକ୍ରମ କରିପାରି ନ ଥିଲେ। ଅନ୍ୟପକ୍ଷରେ ଯଶବୀର ସିଂ ଶେଷ ଆଟେମ୍ପଟ୍‌ରେ ୮୫.୪୧ ମିଟର ଦୂରତାକୁ ଫିଙ୍ଗି ସମସ୍ତଙ୍କୁ ଚମକାଇଦେବା ସହ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଜାଭେଲିନ୍‌ରେ ଭାରତର ଦୁଇ ପ୍ରତିଯୋଗୀ ପଦକ ପାଇବାରେ ଏହା ପ୍ରଥମ ଘଟଣା। ତୃତୀୟ ଆଥଲେଟ ଭାବେ ଫାଇନାଲରେ ପ୍ରବେଶ କରିଥିବା ରୋହିତ ଯାଦବ ୮୧.୫୬ ମିଟରକୁ ଫିଙ୍ଗି ୭ମ ସ୍ଥାନରେ ରହିଥିଲେ। ଶ୍ରୀଲଙ୍କାର ରୁମେଶ ତରଙ୍ଗା ପାଥୀରାଗେ ୮୯.୬୭ ମିଟରକୁ ଫିଙ୍ଗି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



**ସାଫ୍ ଚାମ୍ପିଅନସିପ୍**

## ନଭେମ୍ବର ୧୧ରେ ଭାରତ-ପାକିସ୍ତାନ ଲଢ଼େଇ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦକ୍ଷିଣ ଏସୀୟ ଫୁଟବଲ୍ ମହାସଂଘ (ସାଫ୍) ଆନୁକୂଲ୍ୟରେ ଆୟୋଜିତ ସାଫ୍ ଚାମ୍ପିଅନସିପ୍‌ର ଆଗାମୀ ସଂସ୍କରଣ ନଭେମ୍ବର ୪ରୁ ଢାକାରେ ଆରମ୍ଭ ହେବ। ଏଥିଲାଗି ଶନିବାର ଡ୍ର ଘୋଷଣା କରାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଫୁଟବଲ୍ ଦଳ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଭାରତ ସମେତ ପାକିସ୍ତାନ ଓ ମାଳଦୀପ୍ ରହିଛି। ସେହିଭଳି ଆୟୋଜକ ବାଂଲାଦେଶ, ଶ୍ରୀଲଙ୍କା ଓ ଭୁଟାନ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଭାରତ ଏହାର ପ୍ରଥମ ମ୍ୟାଚ୍ ନଭେମ୍ବର ୫ରେ ମାଳଦୀପ ସହ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ନଭେମ୍ବର ୧୧ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ସାଫ୍ ଚାମ୍ପିଅନସିପ୍ ଇତିହାସରେ ଭାରତ ସବୁଠୁ ସଫଳତମ ଦଳ ରହିଛି। ଭାରତ ମୋଟ୍ ଉପରେ ୯ଥର ସାଫ୍ ଚାମ୍ପିଅନସିପ୍ ଟାଇଟଲ୍ ଜିତିଛି। ଉଲ୍ଲେଖଯୋଗ୍ୟ ଆଗାମୀ ସଂସ୍କରଣରେ ମୋଟ୍ ୭ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ନେପାଳ ଫୁଟବଲ ସଂଘକୁ ଫିଫା ବାସନ୍ଦ କରିବାରୁ ଏହି ଦଳ ଖେଳିବାରୁ ବଞ୍ଚିତ ହୋଇଥିଲା।

**ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ**

## ତିନି ଦିନିଆ ୱାର୍ମଅପ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଅଗଷ୍ଟ ୧୫ରୁ ଗଲ୍‌ରେ ଆରମ୍ଭ ହେବ। ଏଥିପୂର୍ବରୁ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ଓ ଘରୋଇ ଶ୍ରୀଲଙ୍କା ଏକାଦଶ ମଧ୍ୟରେ ଏକ ଅଭ୍ୟାସ ମ୍ୟାଚ୍ ଅଗଷ୍ଟ ୭ରୁ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ତେବେ ଏହି ମ୍ୟାଚର କାର୍ଯ୍ୟସୂଚୀରେ ଏବେ ସାମାନ୍ୟ ପରିବର୍ତ୍ତନ ହୋଇଛି। କଲମ୍ବୋର ଏନସିସି ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ଅଭ୍ୟାସ ମ୍ୟାଚଟି ଚାରିଦିବସୀୟ ପରିବର୍ତ୍ତେ ୩ ଦିନିଆ ହେବ। ଅଗଷ୍ଟ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଏହା ଖେଳାଯିବ। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ଅଭ୍ୟାସ ମ୍ୟାଚ୍‌ଟି ମଧ୍ୟ ସିଧା ପ୍ରସାରଣ କରାଯିବ। ଏହି ଟେଷ୍ଟ ସିରିଜ୍ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି।

## ତୀରନ୍ଦାଜ କ୍ଷୀରୋଦ; ଓଙ୍କାରଙ୍କୁ ସଫଳତା

ଭୁବନେଶ୍ୱର, ୧।୮ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଏହାର କ୍ରୀଡା ତାଲିମ ପ୍ରୋତ୍ସାହନ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡା ପ୍ରତିଭାର



ବିକାଶ ଜାରି ରଖିଛି। ଏହି ପ୍ରତିବଦ୍ଧତାର ପ୍ରଭାବୀ ପ୍ରଦର୍ଶନ କରି ଯୁବ ତୀରନ୍ଦାଜ କ୍ଷୀରୋଦ କୁମାର ଭବାନୀପାଟଣାର ବିକାଶ ଆବାସିକ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସିବିଏସ୍‌ଇର ପୂର୍ବାଞ୍ଚଳ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ୧୯ ବର୍ଷରୁ କମ୍ ବର୍ଗରେ ୪୦ ମିଟର ଏବଂ ୩୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିସହ କ୍ଷିରୋଦ ଓ ଓଙ୍କାର ମାଝୀ ସିବିଏସ୍‌ଇ ଜାତୀୟ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ଆଥଲେଟ୍ ଗତ ଚାରି ବର୍ଷ ଧରି ବେଦାନ୍ତ ଆଲୁମିନିୟମର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ଡୋଲା ଏବଂ ରାହୁଲ ବାନାର୍ଜୀ ସ୍ପୋର୍ଟସ୍ ଫାଉଣ୍ଡେସନ୍ ସହଭାଗିତାରେ ୨୦୧୮ରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ସମ୍ପ୍ରଦାୟର ଯୁବ ପ୍ରତିଭାଙ୍କୁ ତୀରନ୍ଦାଜୀ ଏବଂ ଆଥଲେଟିକ୍ସରେ କୋଚିଂ ପ୍ରଦାନ କରୁଛି। ଏହି ସଫଳତାକୁ ନେଇ ଲାଞ୍ଜିଗଡସ୍ଥିତ ବେଦାନ୍ତ ଆଲୁମିନା ବିଜନେସର ସି.ଇ.ଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "କ୍ଷିରୋଦଙ୍କର ସଫଳତା ଗ୍ରାମୀଣ ଭାରତର ଯୁବ ପ୍ରତିଭାମାନଙ୍କର ବିପୁଳ ସମ୍ଭାବନାକୁ ପ୍ରତିଫଳିତ କରିଥାଏ। ଆମର ତୃଣମୂଳସ୍ତରର କ୍ରୀଡ଼ା କାର୍ଯ୍ୟକ୍ରମ ମାଧ୍ୟମରେ, ଯୁବକମାନଙ୍କୁ ଦକ୍ଷତା, ଆତ୍ମବିଶ୍ୱାସ ସହିତ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ମାଇଲଖୁଣ୍ଟ ପାଇଁ ଆମେ କ୍ଷୀରୋଦ ଏବଂ ଓଙ୍କାରଙ୍କୁ ଅଭିନନ୍ଦନ ଜଣାଉଛୁ।'

## ଦୁଲୀପ୍ ଟ୍ରଫି: ପଟିଦାରଙ୍କୁ କେନ୍ଦ୍ରାଞ୍ଚଳର ନେତୃତ୍ୱ

ଲକ୍ଷ୍ନୌ, ୧।୮ (ଏଜେନ୍ସି): ବିସିସିଆଇର ଚଳିତ ଘରୋଇ କ୍ରିକେଟ୍ ସିଜନର ପ୍ରଥମ ଟୁର୍ଣ୍ଣାମେଣ୍ଟ ଦୁଲୀପ୍ ଟ୍ରଫି ଲାଗି ଶନିବାର ଡିଫେଣ୍ଡିଂ ଚାମ୍ପିଅନ କେନ୍ଦ୍ରାଞ୍ଚଳ ଦଳ ଘୋଷଣା କରାଯାଇଛି। ମଧ୍ୟପ୍ରଦେଶର ଷ୍ଟାର୍ ବ୍ୟାଟର ରଜତ ପଟିଦାରଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ଉତ୍ତରପ୍ରଦେଶର ରିଙ୍କୁ ସିଂଙ୍କୁ ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ଗତ ସଂସ୍କରଣ ଫାଇନାଲରେ ଦକ୍ଷିଣାଞ୍ଚଳକୁ ହରାଇ କେନ୍ଦ୍ରାଞ୍ଚଳ ଚାମ୍ପିଅନ ହୋଇଥିଲା। ତେଣୁ ଏଥର କେନ୍ଦ୍ରାଞ୍ଚଳକୁ ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଅଗଷ୍ଟ ୩୦ ତାରିଖରୁ ସେମିଫାଇନାଲ ପର୍ଯ୍ୟାୟ ଆରମ୍ଭ ହେବ। ଏଥିପୂର୍ବରୁ ଅଗଷ୍ଟ ୨୩ରୁ ଦୁଇଟି ପ୍ଲେ-ଅଫ୍ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ପୂର୍ବାଞ୍ଚଳ ସହ ଉତ୍ତରପୂର୍ବାଞ୍ଚଳ ଏବଂ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ପରସ୍ପରକୁ ଭେଟିବେ।

**ଘୋଷିତ କେନ୍ଦ୍ରାଞ୍ଚଳ ଦଳ:** ରଜତ ପଟିଦାର (ଅଧିନାୟକ), ରିଙ୍କୁ ସିଂ (ଉପ-ଅଧିନାୟକ), ଆର୍ଯ୍ୟନ ଜୁୟଲ ଓ କୁନାଲ ସିଂ ରାଠୋଡ (ଉଭୟ ୱିକେଟକିପର), ସାରାଂଶ ଜୈନ, ଅମନ ମୋଖାଡେ, କୁନାଲ ଚାଣ୍ଡେଲା, ଜୀଶାନ ଅନସାରୀ, ଆର୍ଯ୍ୟନ ପାଣ୍ଡେ, ଅର୍ଶଦ ଖାନ, ଆୟୁଷ ପାଣ୍ଡେ, ଯଶ ରାଠୋଡ, ହର୍ଷ ଦୁବେ, ଯଶ ଠାକୁର ଓ ନଚିକେତ ଭୁତେ।

## ସାନାଙ୍କ ସହ ଆଲିଙ୍ଗନ କରି ଚର୍ଚ୍ଚାରେ ଜେମିମା

ସାଉଥାମ୍ପଟନ, ୧।୮ (ଏଜେନ୍ସି): ଅପରେସନ ସିନ୍ଦୁର ପରେ ରାଜନୈତିକ ଉତ୍ତେଜନା ଲାଗି ଭାରତ ଓ ପାକିସ୍ତାନ ଖେଳାଳିମାନେ ବିଭିନ୍ନ



କ୍ରୀଡ଼ାରେ ପରସ୍ପର ସହ ହାତ ମିଳାଇବାରୁ ନିବୃତ୍ତ ରହୁଛନ୍ତି। କିନ୍ତୁ ଇଂଲଣ୍ଡରେ ଚାଲିଥିବା 'ଦି ହଣ୍ଡ୍ରେଡ' ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି। ଭାରତୀୟ ମହିଳା କ୍ରିକେଟ ଦଳର ପ୍ରମୁଖ ଖେଳାଳି ଜେମିମା ରୋଡ୍ରିଗ୍ସ ଓ ପାକିସ୍ତାନର ଫାତିମା ସାନା ପରସ୍ପର ଆଲିଙ୍ଗନ କରି ଚର୍ଚ୍ଚାକୁ ଆସିଛନ୍ତି। ଏହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ରିପୋର୍ଟ ଅନୁଯାୟୀ ସଦର୍ନ ବ୍ରେଭ ଓ ବର୍ମିଂହାମ ଫୋଏନିକ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଏହି ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ମ୍ୟାଚରେ ଜେମିମା ସଦର୍ନ ବ୍ରେଭ ପକ୍ଷରୁ ଏବଂ ସାନା ବର୍ମିଂହାମ ଦଳରୁ ପ୍ରତିନିଧିତ୍ୱ କରୁଥିଲେ। ମ୍ୟାଚରେ ସଦର୍ନ ଦଳ ବିଜୟୀ ହେବାପରେ ଦୁଇ ଦଳର ଖେଳାଳି ପଡ଼ିଆ ମଧ୍ୟରେ ପରସ୍ପର ସହ ହାତ ମିଳାଇଥିଲେ। ଏହି ସମୟରେ ଜେମିମା ଓ ସାନା ପରସ୍ପର କେବଳ ହାତ ମିଳାଇ ନଥିଲେ, ବରଂ ଆଲିଙ୍ଗନ ମଧ୍ୟ କରିଥିଲେ। ଏହି ଘଟଣାକୁ ସୋସିଆଲ ମିଡିଆରେ ମିଶ୍ରିତ ପ୍ରତିକ୍ରିୟା ମିଳିଛି। ରାଜନୀତିକୁ ଖେଳଠାରୁ ଦୂରରେ ରଖିବା ଉଚିତ ବୋଲି ଅନେକ ଲୋକ ମନ୍ତବ୍ୟ ଦେଇଛନ୍ତି।

## ତାଇପେଇ ଓପନ୍ ଫାଇନାଲରେ ତନଭୀ



ତାଇପେଇ ସିଟି, ୧।୮ (ଏଜେନ୍ସି): ଉଦୀୟମାନ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ତନଭୀ ଶର୍ମା ଏଠାରେ ଚାଲିଥିବା ତାଇପେଇ ଓପନ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ତନଭୀ ୨୧-୧୭, ୨୧-୧୧ ସିଧାସଳଖ ଗେମରେ ଘରୋଇ ଖେଳାଳି ତଥା ୫ମ ସିଡ୍ ହୁଆଙ୍ଗ ୟୁ-ସୁନଙ୍କୁ ପରାସ୍ତ କରିଥିଲେ। ମାତ୍ର ୩୩ ମିନିଟରେ ତନଭୀ ଏହି ମ୍ୟାଚକୁ ଜିତିନେଇଥିଲେ। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ତନଭୀଙ୍କ ମୁକାବିଲା ଭିଏତ୍‌ନାମର ଗୁୟେନ ଥୁ ଲିନଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ଗୁୟେନ ୨୧-୧୫, ୨୧-୧୮ ଗେମରେ ଭାରତର ଉନ୍ନତି ହୁଡାଙ୍କୁ ହରାଇଥିଲେ। ତନଭୀଙ୍କ କ୍ୟାରିୟରର ଏହା ଦ୍ୱିତୀୟ ବିଡବ୍ଲ୍ୟୁଏଫ୍ ସୁପର୍ ୩୦୦ ଫାଇନାଲ। ଏଥିପୂର୍ବରୁ ଗତବର୍ଷ ସେ ୟୁଏସ୍ ଓପନରେ ରନର୍ସଅପ୍ ହୋଇଥିଲେ।

**ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ**

## ବାଳିକାରେ ପାରୁଲ, ବାଳକରେ ଚାନ୍ଦ୍ ଚାମ୍ପିଅନ

ଭୁବନେଶ୍ୱର,୧।୮ (ସମିସ):

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ 'ସଟଲ' ଚାଲିଥିବା ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଳିକା ଏକକ ବିଭାଗରେ ତାମିଲନାଡୁର ଦୀକ୍ଷା ଏସ୍‌ଆର୍‌ଙ୍କୁ ୨-୦ରେ ହରାଇ ରାଜସ୍ଥାନର ପାରୁଲ ଚୌଧୁରୀ ଏବଂ ବାଳକ ଏକକ ଫାଇନାଲରେ ତେଲଙ୍ଗାନାର ଟି. ଜ୍ଞାନଦତ୍ତଙ୍କୁ ୨-୧ ସେଟ୍‌ରେ ହରାଇ ଉତ୍ତରାଞ୍ଚଳର ନିଶ୍ଚଳ ଚାନ୍ଦ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହା ବ୍ୟତୀତ ମିଶ୍ରିତ ଯୁଗଳ ଫାଇନାଲରେ ଛତିଶଗଡ଼ର ଦିବ୍ୟାନାସ ଅଗରୱାଲ- ତାମିଲନାଡୁର ଭାମା ପ୍ରଭୁଆନନ୍ଦ, ବାଳିକା ଯୁଗଳ ଫାଇନାଲରେ ଉତ୍ତରାଖଣ୍ଡର



ଆନ୍ୟା ବିସ୍ତ- ଆଞ୍ଜେଲ ପୁନେରା ଓ ବାଳକ ବିଭାଗ ଯୁଗଳରେ କେରଳ-ଦିଲ୍ଲୀ ଯୋଡି ଆଥିସ ଶ୍ରୀନିବାସ-ଯୋଗନ୍ସ ସିଂଙ୍କ ଯୋଡି ଟାଇଟଲ କବ୍‌ଜା କରିଛନ୍ତି।

ଖେଳ ଶେଷରେ ଆୟୋଜିତ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଯେଦୁଲା ବିଜୟ ମୁଖ୍ୟ ଅତିଥି, ଅଶୋକ କୁମାର ପଣ୍ଡା, ଅମିତ ନାୟକ, ସୁଧାକର ନାୟକ, ବିଭୁଦା ଗଡନାୟକ ଓ ଆୟୋଜକ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନୀଲିନ କୁମାର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ସଫଳତା ପଛରେ ଉପସଭାପତି ପ୍ରଦୀପ ପଟନାୟକ, ଶୈଳେନ୍ଦ୍ର ଚୌଧୁରୀ, ଜୟପ୍ରକାଶ ସିଂ, କମଳ ଦାସ ଓ ସୁରୁଲାଲ ମଟାରୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS